

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୧୪ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 14 July 2026

Vol.No. 36 ■ No.184 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026

SAI SADHANA SCIENCE COLLEGE

+2 Sc. & +2 Arts

SAI SADHANA COLLEGE OF BASIC SCIENCE (+3)

(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)

Dibyasingpur, UDALA

100% first class result-2026

Contact No: [illegible]


# ମଧ୍ୟପ୍ରାଚ୍ୟରେ ପୁଣି ଯୁଦ୍ଧ ଉତ୍ତେଜନା: ହର୍ମୁଜ୍ ପ୍ରଣାଳୀରେ ବଢ଼ିଲା ସଙ୍କଟ

## ଅଶୋଧିତ ତେଲ ଦର ୭୯ ଡଲାର ପାର୍

ନୂଆଦିଲ୍ଲୀ,୧୩/୭ : ଆମେରିକାର ନୂଆ ଆକ୍ରମଣ ପରେ ଇରାନ ଉପସାଗରୀୟ ଦେଶଗୁଡ଼ିକ ଉପରେ ଜୋରଦାର ଆକ୍ରମଣ କରୁଛି । ଫଳରେ ହର୍ମୁଜ୍‌ରେ ପୁଣି ସଙ୍କଟ ସୃଷ୍ଟି ହୋଇ ଗତିରୋଧ ଜାରି ରହିଛି । ଆମେରିକା ପକ୍ଷରୁ ଇରାନ ଲକ୍ଷ୍ୟସ୍ଥଳ ଉପରେ ପୁଣି ଆକ୍ରମଣ କରାଯିବା ପରେ ତେହେରାନ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ପୁଣି ଯୁଦ୍ଧ ଯୋଗୁଁ ଆଶଙ୍କା ସୃଷ୍ଟି ହୋଇଛି ଯେ, ଏହି ସଂଘର୍ଷ ଉପସାଗରୀୟ ଅଞ୍ଚଳରୁ ତୈଳ ରପ୍ତାନିକୁ ବାଧା ଦେଇପାରେ ଏବଂ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି ପରିବହନ ପଥ ହର୍ମୁଜ୍ ପ୍ରଣାଳୀ ଦେଇ ବାଣିଜ୍ୟିକ ପରିବହନକୁ ସଙ୍କଟରେ ପକାଇପାରେ । କେପ୍ଲରରୁ ଜାହାଜ-ଟ୍ରାକିଂ ତଥ୍ୟ ଦ୍ୱାରା ସାମୁଦ୍ରିକ ସୁରକ୍ଷା ଚିନ୍ତା ବୃଦ୍ଧି କରିଛି। ଏହା ଦ୍ୱାରା ବିଶ୍ୱ ତୈଳ ମୂଲ୍ୟରେ ୩ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ହର୍ମୁଜ୍ ପ୍ରଣାଳୀ ଦେଇ ଶକ୍ତି ଯୋଗାଣରେ ବାଧା ସୃଷ୍ଟି କରିବା ସହ ବିଶ୍ୱ ବଜାରରେ ନୂତନ ଅନିଶ୍ଚିତତା ସୃଷ୍ଟି ନେଇ ଚିନ୍ତାକୁ ବଢ଼ାଇଛି । ବିଶ୍ୱରେ ବଢୁଥିବା ଯୁଦ୍ଧ ଆଶଙ୍କାର ପ୍ରଭାବ ଏବେ ଅନ୍ତର୍ଜାତୀୟ ବଜାର ଉପରେ ପଡ଼ିଛି । ଅଶୋଧିତ ତେଲ ମୂଲ୍ୟରେ ହଠାତ୍ ବୃଦ୍ଧି ଦେଖାଦେଇଛି । ରିପୋର୍ଟ ଅନୁସାରେ, ଅଶୋଧିତ ତେଲ ଦରରେ ପ୍ରାୟ ୪ ପ୍ରତିଶତ ବୃଦ୍ଧି ଘଟିଛି । ଫଳରେ ବ୍ୟାରେଲ ପିଛା ଦର ୭୯ ଡଲାରରେ ପହଞ୍ଚିଛି । ବିଶ୍ୱରେ ଯୁଦ୍ଧ ଓ ଭୌଗୋଳିକ ଟଣାପୋଡ଼ ବଢ଼ିଲେ ତେଲ ଯୋଗାଣ ବ୍ୟବସ୍ଥା ପ୍ରଭାବିତ ହେବାର ଆଶଙ୍କା ରହିଥାଏ । ଏହି କାରଣରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ କିଣାବିକାରେ ଚାପ ବଢ଼ିଛି । ତେଲ ଦର ବଢ଼ିବାର ସିଧାସଳଖ ପ୍ରଭାବ ଭାରତ ଭଳି ତେଲ ଆମଦାନୀ ନିର୍ଭର ଦେଶ ଉପରେ ପଡ଼ିପାରେ । ଏହାର ପ୍ରଭାବରେ ପେଟ୍ରୋଲ-ଡିଜେଲ ଦର, ପରିବହନ ଖର୍ଚ୍ଚ ଏବଂ ସାମଗ୍ରୀ ମୂଲ୍ୟ ଉପରେ ମଧ ନଜର ରହିଛି । ଅନ୍ୟପଟେ, ଯୁଦ୍ଧ ପରିସ୍ଥିତି ଓ ଅନ୍ତର୍ଜାତୀୟ ବଜାରର ଗତିବିଧି ଉପରେ ନିବେଶକ ଏବଂ ଅର୍ଥନୀତି ବିଶେଷଜ୍ଞମାନେ ନଜର ରଖିଛନ୍ତି ।



## କୋମାରେ ୧୦୮ ଆମ୍ବୁଲାନ୍ସ

ଭୁବନେଶ୍ୱର, ୧୩/୭ (ନି.ପ୍ର): ୧୦୮ ଆମ୍ବୁଲାନ୍ସ ସେବା ପରିଚାଳନାକୁ ନେଇ ପୁଣି ଉଠିଛି ପ୍ରଶ୍ନ । ଗତ ସପ୍ତାହରେ ଆମ୍ବୁଲାନ୍ସ ରାସ୍ତା ମଝିରେ ଅଟକି ଯାଇଥିବାବେଳେ ଆଜି ବାଲେଶ୍ୱରରୁ କଟକ ମେଡିକାଲ ଆସୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଆମ୍ବୁଲାନ୍ସ ଖର୍ଚ୍ଚ ବାବଦକୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ସମସ୍ୟା ଭିତରେ ଗଡୁଛି ୧୦୮ ଆମ୍ବୁଲାନ୍ସ । ଜୀବନ ବଞ୍ଚାଇବାକୁ ଦୌଡୁଥିବା ୧୦୮ ଆମ୍ବୁଲାନ୍ସ ନିଜେ ସୁରକ୍ଷିତ ତ? ଏହି କଥା ଆମେ ଏଥିପାଇଁ କହୁଛୁ କାରଣ



ଦିନକୁ ଦିନ ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣା ବଢିବାର ଲାଗିଛି । ରାଜ୍ୟରେ ୮୬୦ଟି ୧୦୮ ଆମ୍ବୁଲାନ୍ସ ଗଡୁଛି । ସେଥିରୁ କିଛି ଦିନ ତଳେ ଆସିଥିବା ୪୨୦ଟି ନୂଆ ଆମ୍ବୁଲାନ୍ସ ରହିଛି । ୧୧୨ଟି ଖୁବ୍‌ଶୀଘ୍ର ବଦଳିବ ବୋଲି ସୂଚନା ଦେଇଛି ଠିକା ସଂସ୍ଥା । ଏବେବି ଅନେକ ଅଚଳ ହୋଇ ପଡ଼ିରହିଛି । ସେହିପରି ଅବଶିଷ୍ଟ ଗଡୁଥିବା ଗାଡି ୩ ବର୍ଷ ଟପିଲାଣି । ଏଭଳି ପରିସ୍ଥିତିରେ ଦୁର୍ଘଟଣା ବି ବଢୁଛି । ◆◆ପୃଷ୍ଠା ୭

## ରାମ ମନ୍ଦିର ଦାନ ଚୋରି ମାମଲା: ଟ୍ରଷ୍ଟକୁ ନୋଟିସ୍ ଜାରି କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୩/୭ : ରାମ ମନ୍ଦିର ଦାନ ଚୋରି ମାମଲାରେ ସୁପ୍ରିମକୋର୍ଟ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ନୋଟିସ୍ ଜାରି କରି ଏକ ସପ୍ତାହ ମଧ୍ୟରେ ଷ୍ଟାଟସ୍ ରିପୋର୍ଟ ମାଗିଛନ୍ତି । କୋର୍ଟ କହିଛନ୍ତି, ଏହା ଦ୍ୱାରା ଆମେ ଅବଗତ ହୋଇପାରିବୁ ଯେ ତଦନ୍ତ ଜାରି ରହିଛି । ଏହା ସହ ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ତଦନ୍ତ ଦଳ(ଏସଆଇଟି)କୁ ମଧ ଏକ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି । ବର୍ତ୍ତମାନ ପାଇଁ ଆବେଦନକାରୀଙ୍କୁ ଏହି ଷ୍ଟାଟସ୍ ରିପୋର୍ଟର ଏକ କପି ପ୍ରଦାନ କରାଯିବ ନାହିଁ । ରିପୋର୍ଟକୁ ଏକ ବନ୍ଦ ଲଫାପାରେ କୋର୍ଟରେ ଉପସ୍ଥାପନ କରାଯିବ । ◆◆ପୃଷ୍ଠା ୭

## ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ: ଭିଜିଲାନ୍ସ ଜାଲରେ ଓଡ଼ିଶା ନିର୍ମାଣ ନିଗମର ନିର୍ବାହୀ ଯନ୍ତ୍ରୀ

କୋରାପୁଟ/ଭୁବନେଶ୍ୱର, ୧୩/୭ (ନି.ପ୍ର):ଆୟବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ କୋରାପୁଟ ଆଇଟିଡିଏର ପୂର୍ବତନ ସହକାରୀ ଯନ୍ତ୍ରୀ ସଞ୍ଜୟ କିସପେଟାଙ୍କ ବିରୋଧରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି । ସୋମବାର ସକାଳୁ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ କୋରାପୁଟ ସହରର ଟିକିରା ସାହି ସ୍ଥିତ ତାଙ୍କ ବାସଭବନରେ ତଲାସି ଆରମ୍ଭ କରିଥିଲା । ଏହାସହ ପରବ ପଡ଼ିଆ ଯିବା ରାସ୍ତାରେ ଥିବା ତାଙ୍କର ଏକ ହୋଟେଲରେ ମଧ ଭିଜିଲାନ୍ସ



ଅଧିକାରୀମାନେ ଯାଞ୍ଚ ଚଳାଇଛନ୍ତି । କୋରାପୁଟର ପୂର୍ବତନ ସହକାରୀ ନିର୍ବାହୀ ଯନ୍ତ୍ରୀ ତଥା ଏବେକାର (ଓଡ଼ିଶା ନିର୍ମାଣ ନିଗମ) ଲିମିଟେଡର ନିର୍ବାହୀ ଯନ୍ତ୍ରୀ(ଭୁବନେଶ୍ୱର)ଙ୍କ ଦ୍ୱାରା ଆୟବହିର୍ଭୁତ ସମ୍ପତ୍ତି ଠୁଳ ପାଇଁ ଆୟକର ବିଭାଗ ଦ୍ୱାରା ଆୟବର୍ହିଭୂତ ସମ୍ପତ୍ତି) ରଖିବା ଅଭିଯୋଗରେ, ଜୟପୁରର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସର ମାନ୍ୟବର କୋର୍ଟ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ୬ଜଣ ଡିଏସପି, ୮ ଜଣ ଇନ୍ସପେକ୍ଟର, ୭ ଜଣ ଇଏଓ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଏକକାଳୀନ ଚଢ଼ାଉ କରାଯାଉଛି ।

## ବହିରେ ତ୍ରୁଟି, ଖୋଲତାଡ଼ କରିବ କ୍ରାଇମବ୍ରାଞ୍ଚ: ଖୋଲତାଡ଼ କରିବେ ସ୍ୱତନ୍ତ୍ର ୫ଜଣିଆ ଟିମ୍

ଭୁବନେଶ୍ୱର, ୧୩/୭ (ନି.ପ୍ର): ସ୍କୁଲ୍ ପିଲାଙ୍କ ବହିରେ ତ୍ରୁଟିକୁ ନେଇ ଖୋଲତାଡ଼ କରିବ କ୍ରାଇମବ୍ରାଞ୍ଚ । ଷଡ଼୍‌ଯନ୍ତ୍ରରେ କେଉଁମାନଙ୍କର ସମ୍ପୃକ୍ତି ରହିଛି ତାର ପର୍ଦାଫାଶ ହେବ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ । ଏପଟେ ଗଣଶିକ୍ଷା ମନ୍ତ୍ରୀ, ସଚିବ ଓ ଅନ୍ୟ ଅଧିକାରୀ ବୈଠକ କରିଛନ୍ତି । ଏସିଇଆରଟି ନିର୍ଦ୍ଦେଶିକାଙ୍କ ଏତଲା ପରେ ଆଗେଇବ ତଦନ୍ତ ପ୍ରକ୍ରିୟା । ଧରାପଡ଼ିବେ ବହିରେ ହଜାର ହଜାର ଭୁଲ କରି ସରକାରଙ୍କୁ ବଦନାମ କରିବା ପଛର ଚକ୍ରାନ୍ତକାରୀ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବିଦ୍ଧିବଦ୍ଧ ଭାବେ କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କ ନିକଟରେ



ଏଫଆଇଆର ଦେବାକୁ ପ୍ରସ୍ତୁତି କରିଛି ଗଣଶିକ୍ଷା ବିଭାଗ । ଏସସିଇଆରଟି ନିର୍ଦ୍ଦେଶିକା ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ସହ ଆଲୋଚନା ପରେ ପ୍ରସ୍ତୁତ କରିଛନ୍ତି ମାଷ୍ଟରମାଇଣ୍ଡଙ୍କ ତାଲିକା । ନିର୍ଦ୍ଦେଶିକାଙ୍କ ଅଭିଯୋଗ ଆଧାରରେ ଆଗେଇବ ତଦନ୍ତ ପ୍ରକ୍ରିୟା । ସମସ୍ତ ଅପରାଧିକ ଦିଗକୁ ନଜରରେ ରଖି କ୍ରାଇମବ୍ରାଂଚର ସ୍ୱତନ୍ତ୍ର ଟିମ୍ କରିବ ତଦନ୍ତ । ସମଗ୍ର ଘଟଣାର ତଦନ୍ତ ପାଇଁ ୫ଜଣିଆ ସ୍ୱତନ୍ତ୍ର ଟିମ୍ ଗଠନ କରିଛି କ୍ରାଇମବ୍ରାଞ୍ଚ । ଯେଉଁଥିରେ କ୍ରାଇମବ୍ରାଞ୍ଚର ଜଣେ ଏସ୍‌ପିଙ୍କ ନେତୃତ୍ୱରେ ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ସହଯୋଗ କରିବାକୁ ଆଉ ତିନି ଜଣ ଅଫିସରଙ୍କୁ ସାମିଲ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଉନ୍ନୟନ କମିସନରଙ୍କ ଅଧକ୍ଷତାରେ ଗଠିତ ତଦନ୍ତ କମିଟିର ରିପୋର୍ଟ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯିବା ପରେ ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିବ । ସୂଚନା ଅନୁସାରେ ତ୍ରୁଟିରେ ଯେଉଁମାନଙ୍କ ସମ୍ପୃକ୍ତି ରହିଛି ସେମାନଙ୍କ ତାଲିକା ପ୍ରସ୍ତୁତ ହେଉଛି । ଏଥିସହ ପାଠ୍ୟପୁସ୍ତକ ପ୍ରସ୍ତୁତି ପାଇଁ ଗଠିତ ରାଜ୍ୟ ଷ୍ଟିୟରିଂ କମିଟି, କୋର କମିଟି, ସମ୍ପାଦନା ମଣ୍ଡଳୀ, ସମୀକ୍ଷକ ମଣ୍ଡଳୀ, ସଂଯୋଜକମାନେ ବି ଜେରାର ସମ୍ମୁଖୀନ ହୋଇପାରନ୍ତି । ତେବେ ଫୋକସ୍‌ରେ ରହିବ ଏସ୍‌ସିଇଆରଟି, ଓସେପା ଓ ଗଣଶିକ୍ଷା ବିଭାଗ । ◆◆ପୃଷ୍ଠା ୭

## ଆସନ୍ତା ଚାରି ଦିନ ମଧ୍ୟରେ ମଧ୍ୟମରୁ ପ୍ରବଳ ବର୍ଷା ସମ୍ଭାବନା : ସିଇସି

ଭୁବନେଶ୍ୱର, ୧୩/୭ (ନି.ପ୍ର): ଉତର ବଙ୍ଗୋପସାଗରରେ ସୋମବାର ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବା ବେଳେ ଏହାର ପ୍ରଭାବରେ ଓଡ଼ିଶା–ଗାଙ୍ଗେୟ ପଶ୍ଚିମବଙ୍ଗ ଉପକୂଳ ସଂଲଗ୍ନ ଉତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଥିବା ନେଇ ଭୁବନେଶ୍ୱରସ୍ଥିତ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ପରିବେଶ ଓ ଜଳବାୟୁ କେନ୍ଦ୍ର (ସିଇସି) ପକ୍ଷରୁ ସୋମବାର ପ୍ରକାଶିତ ବୁଲେଟିନ୍ରେ କୁହାଯାଇଛି । ସିଇସି ପକ୍ଷରୁ କୁହାଯାଇଛି ଯେ, ଏହାର ପ୍ରଭାବରେ ଜୁଲାଇ ୧୪ରୁ ୧୭ ତାରିଖ ମଧ୍ୟରେ ଉତର ଓ ପଶ୍ଚିମ ଓଡ଼ିଶାର ବିଭିନ୍ନ ◆◆ପୃଷ୍ଠା ୭

## ନବ ଦାସ ହତ୍ୟା ମାମଲା: ସିବିଆଇ ତଦନ୍ତ ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ସରକାରଙ୍କୁ ପ୍ରଶ୍ନ ପଚାରିଲେ ଦୀପାଳି

ଭୁବନେଶ୍ୱର, ୧୩/୭ (ନି.ପ୍ର): ଦୀର୍ଘ ଦିନର ନୀରବତା ପରେ ନିଜ ବାପା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସଙ୍କ ହତ୍ୟା ମାମଲାକୁ ନେଇ ମୁହଁ ଖୋଲିଛନ୍ତି ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ । ଏକ ପ୍ରେସ ବିଜ୍ଞପ୍ତି ଜାରି କରି ସେ ବିଜେପି ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇବା ସହ ନିର୍ବାଚନୀ ପ୍ରତିଶ୍ରୁତିକୁ ନେଇ ସମାଲୋଚନା କରିଛନ୍ତି । ଦୀପାଳି ସ୍ପଷ୍ଟ କରିଛନ୍ତି ଯେ, ଏହି ମାମଲା ବର୍ତ୍ତମାନ ଅଦାଲତରେ ବିଚାରାଧୀନ ଥିବାରୁ ଏବଂ କୌଣସି ସାର୍ବଜନୀନ ମନ୍ତବ୍ୟ ଯେପରି ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ ନକରେ, ସେଥିପାଇଁ ସେ ଏପର୍ଯ୍ୟନ୍ତ ନୀରବ ରହିଥିଲେ । ହେଲେ ବର୍ତ୍ତମାନର ସ୍ଥିତି ତାଙ୍କୁ ମୁହଁ ଖୋଲିବାକୁ ବାଧ କରିଛି । ଦୀପାଳିଙ୍କ କହିବା ଅନୁଯାୟୀ, ନବ ଦାସଙ୍କ



ହତ୍ୟା ପରେ ତାଙ୍କ ପରିବାର ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଥିଲେ ମଧ ସେମାନେ ଆଇନ ଉପରେ ଭରସା ରଖିଛନ୍ତି । ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପି ଏହି ହତ୍ୟାକାଣ୍ଡର ସିବିଆଇ ତଦନ୍ତ ପାଇଁ ବଡ଼ ପ୍ରତିଶ୍ରୁତି ଦେଇଥିଲା । ସରକାର ଗଠନ ପରେ ଦୀପାଳି, ତାଙ୍କ ମା' ଏବଂ ଭାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସିବିଆଇ ତଦନ୍ତ ପାଇଁ ଅନୁରୋଧ ମଧ କରିଥିଲେ । କିନ୍ତୁ ସରକାର ନିଜ ପ୍ରତିଶ୍ରୁତିରୁ ଓହରି ଯାଇ ସିବିଆଇ ପରିବର୍ତ୍ତେ ପୁଣି କ୍ରାଇମବ୍ରାଞ୍ଚ ଦ୍ୱାରା ପୁନଃ ତଦନ୍ତ କରିବାକୁ ନିଷ୍ପତ୍ତି ନେଲେ । ସରକାର କାହିଁକି ସିବିଆଇ ତଦନ୍ତ ପାଇଁ ସୁପାରିଶ କଲେ ନାହିଁ ଏବଂ ନିର୍ବାଚନୀ ପ୍ରତିଶ୍ରୁତି କାହିଁକି ପାଳନ କରାଗଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । ଏଥିସହ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ କଟାକ୍ଷ କରି ଦୀପାଳି କହିଛନ୍ତି ଯେ, ଯଦି ସତ୍ୟ ଉନ୍ମୋଚନ କରିବା ହିଁ ପ୍ରକୃତ ଉଦ୍ଦେଶ୍ୟ, ତେବେ ସରକାର କେବଳ ନବ ଦାସ ହତ୍ୟା ମାମଲା ନୁହେଁ ବରଂ ଟଙ୍କଧର ତ୍ରିପାଠୀଙ୍କ ମା'ଙ୍କ ମୃତ୍ୟୁ ଘଟଣାର ମଧ ସିବିଆଇ ତଦନ୍ତ ପାଇଁ ସୁପାରିଶ କରନ୍ତୁ । ଏହାଦ୍ୱାରା ଉଭୟ ଘଟଣାର ପ୍ରକୃତ ସତ୍ୟ ଓଡ଼ିଶାବାସୀଙ୍କ ସାମ୍ନାକୁ ଆସିପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ଦୀପାଳିଙ୍କ ଏହି ବୟାନ ଏବେ ରାଜ୍ୟ ରାଜନୀତିରେ ନୂଆ ଚର୍ଚ୍ଚା ସୃଷ୍ଟି କରିଛି ।

## ଟ୍ରମ୍ପ, ନେତାନ୍ୟାହୁଙ୍କଠାରୁ ମେଲୋନି ପର୍ଯ୍ୟନ୍ତ : ଇରାନର ହିଟ୍ ଲିଷ୍ଟରେ ୧୩ ବିଶ୍ୱନେତା

ନୂଆଦିଲ୍ଲୀ,୧୩/୭ : ଏକ ଇରାନୀ ଖବରକାଗଜ ମୌଳବାଦୀ ଏବଂ ଉତ୍ତେଜନାମୂଳକ ଆଭିମୁଖ୍ୟ ଗ୍ରହଣ କରି ଅନେକ ବିଦେଶୀ ନେତାଙ୍କ ନାମ ଏବଂ ଫଟୋ ପ୍ରକାଶ କରି କହିଛି ଯେ, ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ହତ୍ୟାର ପ୍ରତିଶୋଧ ସ୍ୱରୂପ ଲିଷ୍ଟରେ ଥିବା ବିଶ୍ୱନେତାଙ୍କୁ ଟାର୍ଗେଟ କରାଯିବା ଉଚିତ୍ । ରିପୋର୍ଟ ଅନୁଯାୟୀ ,ମୋଜତାବା ଖେମିନି କହିଥିଲେ, ପ୍ରତିଶୋଧ ନେବା ଜରୁରୀ । ପ୍ରତିଶୋଧ ଆମ ଜାତିର ଇଚ୍ଛା । ଏହାକୁ ଯେକୌଣସି ମୂଲ୍ୟରେ କାର୍ଯ୍ୟକାରୀ କରାଯିବା ଉଚିତ୍ । ଯେଉଁ ଅପରାଧୀଙ୍କ ନାମ



ତାଲିକାରେ ଅଛି,ସେମାନେ ନିଜ ଶଯ୍ୟାରେ ଶାନ୍ତିରେ ମରିବା ଇଚ୍ଛା ନେଇ କବରକୁ ଯିବେ । ତେହେରାନ ଟାର୍ଗେଟ ବ୍ୟକ୍ତିମାନଙ୍କର ଏକ ତାଲିକା ପ୍ରସ୍ତୁତ କରିଛି । ତେବେ ମୋଜତାବା କାହାର ନାମ କହି ନଥିଲେ । ଏହି ମନ୍ତବ୍ୟ ପରେ ଇରାନର ରାଜଧାନୀରୁ ପ୍ରକାଶିତ ହମସାହରି ଖବରକାଗଜ ୧୩ ଜଣ ବିଶ୍ୱନେତାଙ୍କ ଚିତ୍ର ସମ୍ବଳିତ ଏକ ଅନଲାଇନ୍ ଗ୍ରାଫିକ୍ ସେୟାର କରିଛି । ଖବରକାଗଜ ଏହା ମଧ ଦର୍ଶାଇଛି ଯେ, ପ୍ରକାଶିତ ତାଲିକାକୁ ଇରାନ ସରକାରଙ୍କଠାରୁ ଅଫିସିଆଲ୍ ଅନୁମୋଦନ ମିଳିଛି । ଖବରକାଗଜ ଦ୍ୱାରା ପ୍ରକାଶିତ ତାଲିକାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାର୍ମରଙ୍କ ନାମ ରହିଛି । ତେବେ ଏହି ଫଟୋଗୁଡ଼ିକ ଖବରକାଗଜର ସଂସ୍କରଣରେ ନାହିଁ । ଏଗୁଡ଼ିକ କେବଳ ଅନଲାଇନ୍ ଗ୍ରାଫିକ୍ସ ମାଧ୍ୟମରେ ୱେବସାଇଟରେ ପୋଷ୍ଟ କରାଯାଇଛି । ତାଲିକାରେ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ, ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍, ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଓ ମେଲୋନି ଏବଂ ଜର୍ମାନ ଚାନସ୍ଲେଲର ଫ୍ରେଡ୍ରିଚ୍ ମର୍ଜ ମଧ ଅଛନ୍ତି । ଇରାନରେ ଆକ୍ରମଣକୁ ନିନ୍ଦା କରିନଥିବା ଏବଂ ଆମେରିକାର ସାମରିକ ବିମାନକୁ ସେମାନଙ୍କ ଆକାଶ ସୀମାରେ ଉଡ଼ାଣ କରିବାକୁ ଅନୁମତି ଦେଇଥିବା ପାଇଁ ଇରାନ ୟୁରୋପୀୟ ଦେଶଗୁଡ଼ିକ ବିରୋଧରେ ଅଭିଯୋଗ ଆଣିଛି ।

# ମାଲକାନଗିରିରେ ଜଳକ୍ରୀଡ଼ାର ଅପାର ସମ୍ଭାବନା : ସାହସିକ ପର୍ଯ୍ୟଟନକୁ ମିଳିବ ନୂଆ ଦିଗ, ପ୍ରଶାସନିକ ତତ୍ପରତାକୁ କେନ୍ଦ୍ରୀୟ ଟିମ୍‌ର ପ୍ରଶଂସା

ମାଲକାନଗିରି, ୧୩/୦୭ (ନି.ପ୍ର): ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ମାଲକାନଗିରି ଜିଲ୍ଲା ଏକ ନୂତନ ଇତିହାସ ରଚନା କରିବାକୁ ଯାଉଛି। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଅଧୀନରେ ଥିବା ଗୋଆ ସ୍ଥିତ ପ୍ରସିଦ୍ଧ 'ରାଷ୍ଟ୍ରୀୟ ଜଳକ୍ରୀଡ଼ା ସଂସ୍ଥାନ' ର ମିଳିତ ସହଯୋଗରେ ଜିଲ୍ଲାରେ ଜଳଭିତିକ ସାହସିକ ପର୍ଯ୍ୟଟନର ବ୍ୟାପକ ସମ୍ଭାବନାକୁ ନେଇ ଏକ ଉଚ୍ଚସ୍ତରୀୟ ବୈଷୟିକ ସର୍ବେକ୍ଷଣ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଚଳିତ ଜୁଲାଇ ୧୧ ଓ ୧୨ ତାରିଖରେ ଦୁଇ ଦିନ ଧରି ଚାଲିଥିବା ଏହି ସର୍ଭେରେ ଜିଲ୍ଲାର ପ୍ରମୁଖ ଜଳାଶୟଗୁଡ଼ିକର ଭୌଗୋଳିକ ସ୍ଥିତି, ଜଳର ପ୍ରବାହ ଏବଂ ସୁରକ୍ଷା ବ୍ୟବସ୍ଥାର ସୂକ୍ଷ୍ମ ଅନୁଧ୍ୟାନ କରାଯାଇଛି। ଜାମ୍ଭୁର ପ୍ରମୁଖ ଅତିଥି ବିଶେଷଜ୍ଞ ସଞ୍ଜୟ ସିଂ ସମ୍ବିଆଲ ଏବଂ ଚେନ୍ନାଇର ନ୍ୱିସ୍ ବୈଷୟିକ ଅଧିକାରୀ ଜଗଦୀଶ ଭି.ଙ୍କୁ ନେଇ ଗଠିତ ଏହି ୨ ଜଣିଆ ଉଚ୍ଚସ୍ତରୀୟ ଟିମ୍ ଜିଲ୍ଲାର ବିଭିନ୍ନ ପ୍ରସ୍ତାବିତ ସ୍ଥଳରେ ହ୍ୱାଇଟ୍-ୱାଟର୍ ରାଫ୍ଟିଂ, କାୟାକିଂ ଏବଂ କାନୋଇଂ ଭଳି ଜଳ-ଭିତିକ ସାହସିକ ପର୍ଯ୍ୟଟନ କାର୍ଯ୍ୟକଳାପର ଭିତିଭୂମି ଯାଂଚ୍ କରିଛନ୍ତି। ସର୍ଭେ କାର୍ଯ୍ୟ ଶେଷ କରିବା ପରେ କେନ୍ଦ୍ରୀୟ ବିଶେଷଜ୍ଞ ଦଳ ଜିଲ୍ଲାର ପ୍ରାକୃତିକ ସମ୍ପଦ ଏବଂ ଜଳକ୍ରୀଡ଼ାର ଭିତିଭୂମିକୁ ନେଇ ଉଚ୍ଚ ପ୍ରଶଂସା କରିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଅତିଥି ବିଶେଷଜ୍ଞ ସଞ୍ଜୟ ସିଂ ସମ୍ବିଆଲ କହିଛନ୍ତି ଯେ, ମାଲକାନଗିରିର ଜଳାଶୟଗୁଡ଼ିକ କେବଳ ସୁନ୍ଦର ନୁହେଁ, ବରଂ ସାହସିକ ଜଳକ୍ରୀଡ଼ା ପାଇଁ ଏହା ଏକ ପ୍ରାକୃତିକ ଭେଟି। ବିଶେଷ କରି ଅପର ସାବେରୀ ଗର୍ଜ ଏବଂ ପୋଟେରୁ ହିଲ୍ ସେକ୍ସନର ଭୌଗୋଳିକ ଗଠନ 'ହ୍ୱାଇଟ୍-ୱାଟର୍ ରାଫ୍ଟିଂ' ପାଇଁ ଅତ୍ୟନ୍ତ ଅନୁକୂଳ ଏବଂ ସାରା ଭାରତରେ ଏଭଳି ପ୍ରାକୃତିକ ଡାଲୁ ଓ ଜଳ ପ୍ରବାହ ଖୁବ୍ କମ୍ ସ୍ଥାନରେ ଦେଖିବାକୁ ମିଳେ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ନ୍ୱିସ୍ ଚେନ୍ନାଇର ବୈଷୟିକ ଅଧିକାରୀ ଶ୍ରୀ ଜଗଦୀଶ କହିଛନ୍ତି ଯେ, ଚିତ୍ରକୋଣ୍ଡା ଜଳଭଣ୍ଡାର ଏବଂ ସିଲେରୁ ଭ୍ୟାଲିର ବିସ୍ତୀର୍ଣ୍ଣ ଜଳରାଶି 'କାୟାକିଂ' ଓ 'କାନୋଇଂ' ପାଇଁ ସର୍ବୋତ୍କୃଷ୍ଟ। ଏଠାକାର ଶାନ୍ତ ଅଥଚ ରୋମାଂଚକର ପରିବେଶ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବ ଏବଂ ଏଠାରେ ପରିବେଶର ସନ୍ତୁଳନ ରକ୍ଷା କରି ଏକ ସୁରକ୍ଷିତ ଇକୋ-ଟୁରିଜମ୍ ମଡେଲ୍ ପ୍ରସ୍ତୁତ କରାଯାଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ପ୍ରସ୍ତାବିତ ଜଳକ୍ରୀଡ଼ା ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ମାଲକାନଗିରି ଜିଲ୍ଲା ତଥା ସମଗ୍ର ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ଏକ ବଡ଼ ବୁଷ୍ଟର୍ ମିଳିବ। ଏହାଦ୍ୱାରା ମାଲକାନଗିରି ଜାତୀୟ ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ଆକର୍ଷଣ କେନ୍ଦ୍ର ପାଲଟିବା ସହ ଦେଶ ଓ ବିଦେଶର ସାହସିକ କ୍ରୀଡ଼ାପ୍ରେମୀଙ୍କୁ ଆକୃଷ୍ଟ କରିବ। ପର୍ଯ୍ୟଟନର ଏହି ବିକାଶ ଦ୍ୱାରା ସ୍ଥାନୀୟ ଯୁବକଯୁବତୀମାନେ ଗାଇଡ୍, ଲାଇଫ୍ ଗାର୍ଡ ଓ ଆତିଥେୟତା କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ପାଇବେ। ଏହା ସହିତ ଜିଲ୍ଲାରେ ହୋଟେଲ, ପରିବହନ ଏବଂ ହସ୍ତଶିଳ୍ପ ବ୍ୟବସାୟ ବୃଦ୍ଧି ପାଇବା ସହ ସ୍ଥାନୀୟ ଅର୍ଥନୀତି ସୁଦୃଢ଼ ହେବ ଏବଂ ଏକ ବୈପ୍ଳବିକ ପରିବର୍ତନ ଆସିବ ବୋଲି ଆଶା କରାଯାଉଛି। ଏହି ସମଗ୍ର ସର୍ଭେ କାର୍ଯ୍ୟକ୍ରମକୁ ଅତି ସୂଚାରୁ ରୂପେ ସମ୍ପାଦନ କରିବା ପଛରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଦୂରଦୃଷ୍ଟିସମ୍ପନ୍ନ ନିର୍ଦ୍ଦେଶନା ଓ ସକ୍ରିୟ ଭୂମିକା ରହିଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରୀୟ ଟିମ୍ କୁ ସମସ୍ତ ପ୍ରକାର ଲଜିଷ୍ଟିକ୍ସ ଓ ବୈଷୟିକ ସହାୟତା ତତ୍କାଳ ଯୋଗାଇ ଦିଆଯାଇଥିଲା। ପ୍ରଶାସନର ଏଭଳି ସହଯୋଗ ଓ କାର୍ଯ୍ୟଦକ୍ଷତାକୁ କେନ୍ଦ୍ରୀୟ ପ୍ରତିନିଧି ଦଳ ଉଚ୍ଚ ପ୍ରଶଂସା କରିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଡେପୁଟି କଲେକ୍ଟର ସ୍ୱୟଂ ସିଦ୍ଧ ରାଉତ ସମସ୍ତ ଦାୟିତ୍ୱ ଓ ପ୍ରଶାସନିକ ସମନ୍ୱୟ ରକ୍ଷା କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ୧୧ ତାରିଖରେ ବିଶେଷଜ୍ଞ ଦଳ ଚିତ୍ରକୋଣ୍ଡା ଇକୋ ପାର୍କ ସ୍ଥିତ ହ୍ରଦ, ସ୍ପିଲ ୱେ, ଗୁରୁପ୍ରିୟା ସେତୁ ନିକଟବର୍ତୀ ଧନୁର୍ଯ୍ୟୟ ଗୁଡା ଏବଂ ଝୁଲା ବ୍ରିଜ୍ ଅଂଚଳ ଗସ୍ତ କରିଥିବା ବେଳେ ଫରେଷ୍ଟ ରେଞ୍ଜର ବଳରାମ ନାୟକ, ସତୀଗୁଡ଼ା ଇକୋ ପାର୍କ ମ୍ୟାନେଜର ଅବିନାଶ ମହାନ୍ତି ଓ ସ୍ଥାନୀୟ ସ୍ୱାଡ୍ ବୟ ସମ୍ପୂର୍ଣ୍ଣ ସହାୟତା କରିଥିଲେ। ସେହିପରି ଜୁଲାଇ ୧୨ ତାରିଖ ଦ୍ୱିତୀୟ ଦିନରେ ଟିମ୍ ପୋଟେରୁ ହିଲ୍ ସେକ୍ସନ, ସିଲେରୁ ଭ୍ୟାଲି ଓ ଅପର ସାବେରୀ ଗର୍ଜ ଭଳି ପ୍ରାକୃତିକ ଭେଟି ଥିବା ସ୍ଥାନଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିଥିଲେ ଏବଂ ଏହି ସମୟରେ କାଲିମେଲା ରେଞ୍ଜର ଓ ସ୍ଥାନୀୟ ସ୍ୱାଡ୍ ବୟ ସହାୟତା କରିଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଚାଲିଥିବା ନ୍ୱିସ୍ ବିଶେଷଜ୍ଞ ଦଳଙ୍କ ଏହି ୩ ସପ୍ତାହ ବ୍ୟାପୀ ବ୍ୟାପକ ସର୍ଭେ କାର୍ଯ୍ୟକ୍ରମ ଆସନ୍ତା ଜୁଲାଇ ୨୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ ଏବଂ ଏହି ଦଳ ପ୍ରଦାନ କରିବାକୁ ଥିବା ଚୂଡ଼ାନ୍ତ ରିପୋର୍ଟ ଆଧାରରେ ଆଗାମୀ ଦିନରେ ମାଲକାନଗିରିରେ ପର୍ଯ୍ୟଟନ ଭିତିଭୂମିର ବିକାଶ କରାଯିବ।

# ଅଧ୍ୟାପକ ଶ୍ରୀକର ଭୋଇଙ୍କ କଥାନି ସଂକଳନ '୧୯ ଖଣ୍ଡିଆ ଆଈମା କଥାନି' ଲୋକାର୍ପିତ

ଝାରସୁଗୁଡ଼ା, ୧୩/୦୭ (ନି.ପ୍ର): ଜିଲ୍ଲାର ବିଶିଷ୍ଟ କଥାଶିଳ୍ପୀ ତଥା ଅଧ୍ୟାପକ ଶ୍ରୀକର ଭୋଇଙ୍କ ସମ୍ବଲପୁରୀ କଥାନି ସଂକଳନ '୧୯ ଖଣ୍ଡିଆ ଆଈମା କଥାନି'ର ଭବ୍ୟ ଲୋକାର୍ପଣ ଉତ୍ସବ ଆଜି ଝାରସୁଗୁଡ଼ା ବରିଷ୍ଠ ନାଗରିକ କଲ୍ୟାଣ ସମିତି ପରିସରରେ ଗମ୍ଭୀର ଓ ସାହିତ୍ୟିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି କଥାନି ସଂକଳନରେ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ ଅନ୍ତର୍ଗତ ଐତିହାସିକ ୧୯ ଖଣ୍ଡ ମୌଜା ଅଂଚଳରେ ଆଈମାମାନଙ୍କ ମୁଖରୁ ପିଢ଼ି ପରମ୍ପରାରେ ପ୍ରଚଳିତ ଲୋକକଥାଗୁଡ଼ିକୁ ସମ୍ବଲପୁରୀ ଭାଷାରେ ସଂଗ୍ରହ ଓ ସଂକଳନ କରାଯାଇଛି। ଏହି କାହାଣୀମାନଙ୍କ ମାଧ୍ୟମରେ ସେହି ଅଂଚଳର ଲୋକଜୀବନ, ସଂସ୍କୃତି, ପରମ୍ପରା, ଆଚାର-ବିଚାର, ଜୀବନଶୈଳୀ ଏବଂ ସାମାଜିକ ମୂଲ୍ୟବୋଧର ଏକ ଜୀବନ୍ତ ଚିତ୍ର ଉପସ୍ଥାପିତ ହୋଇଛି। ଆଲୋଚକମାନେ ଏହାକୁ ସମ୍ବଲପୁରୀ ଲୋକସାହିତ୍ୟର ଏକ ମୂଲ୍ୟବାନ ଓ ଦୁର୍ଲଭ ସଂଯୋଜନ ବୋଲି ଅଭିହିତ କରିଥିଲେ। ୧୯ ଖଣ୍ଡ ମୌଜା ସାହିତ୍ୟ ପରିଷଦର ବରିଷ୍ଠ ଉପଦେଷ୍ଟା ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ତପନ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ସାହିତ୍ୟିକ ଓ ସମାଲୋଚକ ଅଧ୍ୟାପକ ମୋହନ ସାହୁ, ଡ. ଶ୍ୟାମ ସୁନ୍ଦର ଧର, ଡ. ଦ୍ୱାରିକା ନାଥ ନାୟକ, ବରିଷ୍ଠ ସମାଜଶାସ୍ତ୍ରୀ ମୁକ୍ତକଣ୍ଠ ପ୍ରଧାନ ଏବଂ ଅବସରପ୍ରାପ୍ତ ଅଧ୍ୟକ୍ଷ ଟହଲୁ ସାହୁ ଆଲୋଚକ ଭାବେ ଯୋଗଦେଇ ପୁସ୍ତକଟିର ସାହିତ୍ୟିକ ଓ ସାଂସ୍କୃତିକ ମହତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ୧୯ ଖଣ୍ଡ ମୌଜା ସାହିତ୍ୟ ପରିଷଦର ବିଶିଷ୍ଟ କବି ରମେଶ ପସାଏତ ଉଦ୍ଦେଶ୍ୟ ଜ୍ଞାପନ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ପ୍ରତାପ କେଶରୀ ହୋତା ପୁସ୍ତକର ବିବରଣୀ ପାଠ କରିବା ସହ ସୁଚାରୁ ଭାବେ ସଭା ପରିଚାଳନା କରିଥିଲେ। ଏହି ଅବସରରେ ପରିଷଦର ବରିଷ୍ଠ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କୁଶ ସା, ସୁକୁମାର ପୁରୋହିତ, ମହେଶ ପ୍ରଧାନ, ଅରବିନ୍ଦ ଭୋଇ, ଆକାଶ ବାରିକ, ମୁରାରୀ ପ୍ରସାଦ ପସାଏତ ପ୍ରମୁଖ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ସରୋଜ ମିଶ୍ର ଧନ୍ୟବାଦ ଅର୍ପଣ କରି ସଭାର ସମାପନ ଘୋଷଣା କରିଥିଲେ। ସମ୍ବଲପୁରୀ ଭାଷା, ଲୋକସଂସ୍କୃତି ଓ ମୌଖିକ ପରମ୍ପରାର ସଂରକ୍ଷଣ ଦିଗରେ '୧୯ ଖଣ୍ଡିଆ ଆଈମା କଥାନି' ଏକ ଉଲ୍ଲେଖନୀୟ ଓ ଯୁଗୋପଯୋଗୀ ସାହିତ୍ୟିକ ଅବଦାନ ବୋଲି ଉପସ୍ଥିତ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଥିଲେ।

## ବଗଦା ରାସ୍ତାରେ ବସ୍ ଧକ୍କା ଯୋଗୁଁ ବାଇକ ଆରୋହୀ ମୃତ

ବସ୍ତା, ୧୩/୦୭ (ନି.ପ୍ର): ହଳଦୀପଦା ବାହାବଳପୁର ରାସ୍ତାର ବଗଦା ଛକ ନିକଟରେ ବସ୍ ଧକ୍କାରେ ଜନୈକ ବାଇକ ଆରୋହୀଙ୍କର୍ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ଗତ ବିଳମ୍ବିତ ରାତିରେ ଦୁବୁଲାଗଡିର ଅର୍ଦ୍ଧେନ୍ଦୁ ଶେଖର ଦାସଙ୍କ ପୁଅ ଉମାକାନ୍ତ ବାଇକରେ ଯାଉଥିବା ବେଳେ ଏକ ବାହାଘର ଦଳ ବସ ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀ ଉମାକାନ୍ତ(୨୯) ଗୁରୁତର ହୋଇପଡିଥିଲେ।ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନା ନିଆଯ।ଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଏ ସମ୍ପର୍କରେ ବାହାବଳପୁର ସାମୁଦ୍ରିକ ଥାନା ପକ୍ଷରୁ ଏକ ମାମଲା ରୁଜୁ ହୋଇଛି।

## ମା' ପିଠିରେ ବସି ବୁଲିଲା ଛୁଆଭାଲୁ: ଦୃଶ୍ୟକୁ ଉପଭୋଗ କଲେ ପର୍ଯ୍ୟଟକ

ନୀଳଗିରି , ୧୩/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ବାବା ପଞ୍ଚଲିଙ୍ଗେଶ୍ୱର ପୀଠ ଠାରେ ଏକ ମା' ଭାଲୁ ପିଠିରେ ବସି ଭାଲୁଛୁଆ ବୁଲୁଥିବା ଭିଡ଼ିଓ ଏବେ ସୋସିଆଲ ମିଡ଼ିଆରେ ବେଶ୍ ଭାଇରାଲ ହେଉଛି। ବିଶେଷକରି ନୀଳଗିରି ଅଞ୍ଚଳ ଭାଲୁ ଏବଂ ହାତୀଙ୍କ ପାଇଁ ଏକ ଚରାଭୂଇଁ ପାଲଟିଥିବା ବେଳେ ଅଧିକାଂଶ ସମୟରେ ଭାଲୁମଣିଷ ଏବଂ ହାତୀ ମଣିଷ ଲଢେଇ ନିତିଦିନିଆ ଘଟଣା ପାଲଟିଛି। ତେବେ କିଛିଦିନ ପୂର୍ବରୁ ଉକ୍ତ ଶୈବପୀଠ ନିକଟରେ ଗୋଟିଏ ମା ଭାଲୁ ନିଜର ଗୋଟିଏ ଛୁଆଭାଲୁକୁ ପିଠିରେ ବସାଇ ଯାଉଥିବା ବେଳେ ଅନ୍ୟଏକ ଭାଲୁଛୁଆ ମା ଭାଲୁ ସହିତ ଦୌଡୁଥିବାର କୌତୁହଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ପୁଣି ଗତ ଶନିବାର ପୁଣି ସମାନଦୃଶ୍ୟ ପଞ୍ଚଲିଙ୍ଗେଶ୍ୱର ପୀଠ ନିକଟରେ ଦେଖିବାକୁ ମିଳିଥିଲା। ଏକ ଭାଲୁଛୁଆ ମା ପିଠିରେ ବସି ଯାଉଥିବା ବେଳେ ନୀଳଗିରି ଅଞ୍ଚଳର ପରିବେଶବିତ୍ ମନୋରଞ୍ଜନ ଦାସ ନିଜ ମୋବାଇଲ୍ କ୍ୟାମେରାରେ କଏଦ କରିବା ସହ ନିଜ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଥିଲେ। ଏହି ଦୃଶ୍ୟକୁ ମଧ୍ୟ ପଞ୍ଚଲିଙ୍ଗେଶ୍ୱରକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକ ହୋଟେଲ ବାହାରକୁ ବାହାରିଆସି ମଜା ନେଇଥିବାର ଶୁଣିବାକୁ ମିଳଛି।

# ଭୁବନେଶ୍ୱରର ସାର୍ବଜନୀନ ଦେୟମୁକ୍ତ ଶୌଚାଳୟକୁ ଗଲେ ଦେବାକୁ ପଡିବ ୫ ଟଙ୍କା: ମେୟର

ଭୁବନେଶ୍ୱର, ୧୩/୦୭ (ନି.ପ୍ର): ଦେୟମୁକ୍ତ ନୁହେ ଦେୟଯୁକ୍ତ ହେବ ସହରର ଶୌଚାଳୟ। ଏଣିକି ବିଏମ୍ସି ଶୌଚାଳୟକୁ ମାଗଣାରେ ବ୍ୟବହାର କରିପାରିବେ ନାହିଁ ସାଧାରଣ ଲୋକ। ବିଏମ୍ସିର ଶୌଚାଳୟକୁ ବ୍ୟବହାର ପାଇଁ ଦେବାକୁ ପଡିବ ଦେୟ। ଏନେଇ ସରକାର ନିଷ୍ପତି ନେଇଥିବା ବେଳେ ଗୃହ ନନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଚିଠି ପରେ ସବୁ ଶୌଚାଳୟକୁ ଦେୟଯୁଝଟ କରିବାକୁ ନିଷ୍ପତି ନେଇଛି ବିଏମ୍ସି। ଜଣେ ଲୋକ ପିଛା ୫ ଟଙ୍କା ନେବା ପାଇଁ ନିଷ୍ପତି ନିଆଯାଇଛି ବୋଲି କହିଛନ୍ତି ଭୁବନେଶ୍ୱର ମେୟର ସୋଲୋଚନା ଦାସ। ଦେୟଯୁକ୍ତ ଶୌଚାଳକୁ ନେଇ ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି ଆମ ରାଜ୍ୟକୁ ଛାଡି ଅନ୍ୟ ସବୁ ରାଜ୍ୟରେ ଦେୟଯୁକ୍ତ ଶୌଚାଳୟ ଲୋକ ଯାଉଥିବା ବେଳେ ବର୍ତ୍ତମାନ ଆମ ରାଜ୍ୟରେ ଏହା ଲାଗୁହେବ ଅର୍ଥାତ ଏନେଇ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି। ୧୦ ଟଙ୍କା ଭିତରେ ହିଁ ଏହି ଦେୟ ଦେବାର ନିଷ୍ପତି ହୋଇଥିବା ବେଳେ ପ୍ରାଥମିକ ପର୍ଯ୍ୟାୟରେ ଏହା ୫ ଟଙ୍କା ନିଆଯିବ ବୋଲି ମେୟର କହିଛନ୍ତି। କର୍ପୋରେସନରେ ଏହା ପାସ ହେଇଛି। ଗୋଟେ ମାସ ପରୀକ୍ଷା ମୂଳକ ଭାବେ ଏହା ଦେଖାଯିବ ଲୋକଙ୍କ ପ୍ରତିକ୍ରିୟା ପରେ ପୁଣି ପରଣାର୍ଥୀ ନିଷ୍ପତି ନିଆଯିବ ବୋଲି କହିଛନ୍ତି ମେୟର । ସେପଟେ ଲୋକ ଏନେଇ ଅସନ୍ତୋଷ ପ୍ରକାଶ କରୁଥିବା ଅଭିଯୋଗକୁ ନେଇ କହିଛନ୍ତି ଏଯାଏ କେହି ଅଭିଯୋଗ କରିନାହାନ୍ତି । ଅନ୍ୟ ରାଜ୍ୟରେ ବି ଏଭଳି ହେଉଛି । ସବୁଠାରୁ ବଡ କଥା ହେଉଛି ଦେୟ ଦେଲେ ଲୋକ ସଚେତନ ଓ ଯତ୍ନବାନ ହେବେ ଶୌଚାଳୟର ଅଧିକା ସ୍ୱଚ୍ଛତା ବଢିବ। ଏଥିରୁ ଆସୁଥିବା ଦେୟ ବିଏମ୍ସିର କାର୍ଯ୍ୟରେ କୌଣସି ଲାଗିବ ନାହିଁ ଲୋକଙ୍କୁ ସଚେତନ ଓ ନିଜ ଅଧିକାର ପ୍ରତି ଉତ୍ତର ଦାୟିତ୍ୱ ପାଇଁ ସରକାର ଏହି ନିଷ୍ପତି ନେଇଛନ୍ତି। ତେଣୁ ଏ ଦିଗରେ ଆସୁଥିବା ଅର୍ଥ ବାଟ ମାରଣା ନ ହେଉ ତାହା ହିଁ ବିଏମ୍ସିର ଆହ୍ୱାନ ରହିବ । କାରଣ ଅନେକ ସ୍ଥାନରେ ଦାୟିତ୍ୱବୋଧ ନ ଥିବାରୁ ଲୋକମାନେ ଶୌଚାୟ ଭାଙ୍ଗିଦେଉଛନନ୍ତି। ତେଣୁ ମୋର ଦାୟିତ୍ୱ ମୁଁ ତାକୁ ନିଜର ଭାବିବି ଆଉ ସ୍ୱଚ୍ଛ ରଖିବି । ଏ ସଚେତନତା ଲୋକଙ୍କ ଭିତରେ ଆଣିବାକୁ ସରକାର ଏହି ନିଷ୍ପତି ନେଇଛନ୍ତି ବୋଲି ମେୟର କହିଛନ୍ତି । ତେବେ ସହରରେ ସ୍ୱଚ୍ଛତାକୁ ବଜାଇ ରଖିବା ଓ ପ୍ରୋତ୍ସାହନ ଦେବା ଓ ଖୋଲା ସ୍ଥାନରେ ଶୌଚ ଓ ପରିସ୍ରା ତ୍ୟାଗକୁ ରୋକିବା ଓ ସମସ୍ତଙ୍କୁ ସହଜରେ ସ୍ୱଚ୍ଛ ଶୌଚାଳୟ ଯୋଗାଇ ଦେବାକୁ ନେଇ ଓଡିଶା ସରକାର ୨୦୨୩ ରେ ଦେୟମୁକ୍ତ ସାର୍ବଜନିକ ଶୌଚାଳୟ ଖୋଲିଥିଲେ। ଓଡ଼ିଶା ସରକାର ସହରାଂଚଳର ସମସ୍ତ ସାର୍ବଜନୀନ ଓ କମ୍ୟୁନିଟି ଶୌଚାଳୟକୁ ଦେୟମୁକ୍ତ କରିଥିଲେ । ୨୦୨୩ ମସିହାରୁ ନାଗରିକମାନଙ୍କୁ ଏହି ଶୌଚାଳୟ ବ୍ୟବହାର ପାଇଁ କୌଣସି ୟୁଜର ଫି ଦେବାକୁ ପଡୁନଥିଲା। ଏପରିକି ସବୁ ଶୌଚାଳୟ ବାହାରେ 'ନୋ ୟୁଜର ଫି ' ବୋର୍ଡ ଲଗାଇବାକୁ ମଧ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ଆଉ ସହରର ସବୁ ଶୌଚାୟ ସମ୍ମୁଖରେ ଦେୟମୁକ୍ତ ଲେଖାଯାଇଥିଲା ଆଉ ଯଦି କୌଣସି ସାର୍ବଜନୀନ ଶୌଚାଳୟରେ ଆପଣଙ୍କଠାରୁ ଟଙ୍କା ଦାବି କରାଯାଏ, ତେବେ 'ମୋ ସହର ସରକାର' ହେଲ୍ପଲାଇନ – ୦୬୭୪-୨୩୯୧୩୯୫ ରେ ଅଭିଯୋଗ କରିବାର ପ୍ରାବଧାନ ଥିଲା। ହେଲେ ଚଳିତ ବର୍ଷ ଏହି ପ୍ରାବଧାନ ବଦଳାଇବା ପାଇଁ ପୁଣି ସରକାର ନିଷ୍ପତି ନେଇଛନ୍ତି। ଆଉ ଏହାର ଅନୁପାଳନ ପାଇଁ ବିଏମ୍ସିକୁ ଚିଠି ଲେଖିଛନ୍ତି। ଦେୟ ଦେଇ ନିଜରପଣ ସହ ଶୌଚାଳୟର ସ୍ୱଚ୍ଛତା ବଜାଇ ରଖିବାକୁ ସରକାର ଏହି ନିଷ୍ପତି ନେଇଥିବା ନୂଆ ନିୟମକୁ ନେଇ ଆଗକୁ ଆପଣ ଶୌଚାଳୟ ଗଲେ ଟଙ୍କା ଦେବାକୁ ପଡିବ ବୋଲି କହିଛନ୍ତି ମେୟର।

# କୃଷକ ମୋର୍ଚ୍ଚାର ସାଙ୍ଗଠନିକ ବୈଠକ

ଭୁବନେଶ୍ୱର, ୧୩/୦୭ (ନି.ପ୍ର): କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବିଜେପି ସରକାର ସମର୍ପିତ । ଓଡ଼ିଶାରେ ବିଜେପି ସରକାର ଆସିବା ପରେ କୃଷି ଓ କୃଷକଙ୍କ ଦିନକୁ ଦିନ ଉନ୍ନତି ହେବାରେ ଲାଗିଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କୃଷି ଓ କୃଷକର ଉନ୍ନତି ପାଇଁ ଅନେକ କୃଷି କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି । ଏସବୁ ଯୋଜନା କିପରି ରାଜ୍ୟର ଚାଷୀମାନଙ୍କ ପାଖରେ ପହଂଚିବ ସେନେଇ କାର୍ଯ୍ୟକର୍ତାମାନଙ୍କୁ ଦାୟିତ୍ୱ ଦିଆଯାଇଛି । ସରକାର ଓ ଚାଷୀଙ୍କ ମଧ୍ୟରେ କୃଷକ ମୋର୍ଚ୍ଚା ସେତୁ ପରି କାର୍ଯ୍ୟ କରିବ ବୋଲି ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶ୍ରୀ ଶୁଭ୍ରାଂଶୁ ମୋହନ ପାଢ଼ୀ କହିଛନ୍ତି। ବୈଠକ ସଂପର୍କରେ ସୁଚନା ଦେଇ ଶ୍ରୀ ପାଢ଼ୀ କହିଛନ୍ତି ଯେ, ପୂର୍ବ ସରକାର ସମୟରେ କୃଷକମାନଙ୍କ ଉନ୍ନତି ଉପରେ ଧ୍ୟାନ ଦିଆଯାଉ ନଥିଲା । ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ କୃଷକ କଲ୍ୟାଣକାରୀ ଯୋଜନାଗୁଡ଼ିକ ଲୋକଙ୍କ ପାଖରେ ପହଂଚି ପାରୁନଥିଲା । ମୋଦିଜୀ କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବା ଉପରେ କାର୍ଯ୍ୟ କରୁଛନ୍ତି । ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କୃଷକଙ୍କ ସାମୁହିକ ବିକାଶ ପାଇଁ ବଦ୍ଧପରିକର । ରାଜ୍ୟର ସମସ୍ତ କୃଷକ ଯେପରି କଲ୍ୟାଣକାରୀ ଯୋଜନାଗୁଡ଼ିକର ଲାଭ ଉଠାଇପାରିବେ ସେନେଇ ସେମାନଙ୍କୁ ଅବଗତ କରାଇବା ପାଇଁ କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତାଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି । ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ଶ୍ରୀ ମନମୋହନ ସାମଲ ବୈଠକରେ ଯୋଗଦେଇ ବିଭିନ୍ନ ଜିଲ୍ଲାରୁ ଆସିଥିବା ମୋର୍ଚ୍ଚାର କାର୍ଯ୍ୟକର୍ତାମାନଙ୍କ ମାର୍ଗଦର୍ଶନ କରିଥିଲେ । ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂ ଖୁଂଟିଆ ଯୋଗଦେଇ ପରିବର୍ତୀତ ପରିବେଶ ଯୋଗୁ ଚାଷ ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ଅବଗତ କରାଇଥିଲେ । ସାଂସଦ ଶ୍ରୀ ସୁକାନ୍ତ ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି, କୃଷକସଶକ୍ତିକରଣ ଉପରେ ବିଭିନ୍ନ ଯୋଜନା ଓ ତାର ସଫଳ ରୂପାୟନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ମାନସ କୁମାର ମହାନ୍ତି, ରାଜ୍ୟ ଉପସଭାପତି ଶ୍ରୀ ଶିବାଜୀ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ସୀମାଂଚଳ ଖଟେଇ, ରାଜ୍ୟ ଉପସଭାପତି ଆଲୋକ ମହାନ୍ତି, କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଆର୍ତବନ୍ଧୁ ପୃଷ୍ଟି, ଶ୍ରୀକାନ୍ତ ମିଶ୍ର, ରାଜ୍ୟ ସଂପାଦିକା ସୁଚରିତା ଜେନାମଣି, କୋଷାଧ୍ୟକ୍ଷ ଶ୍ରୀ ବିଶ୍ୱଜିତ ସ୍ୱାଇଁ, ମିଡିଆ ସଂଯୋଜିକା ପୂର୍ଣ୍ଣବାସୀ ମହାପାତ୍ରଙ୍କ ସମେତ ମୋର୍ଚ୍ଚାର ରାଜ୍ୟ ପଦାଧିକାରୀ ଓ ଜିଲ୍ଲା ସଭାପତି ଏବଂ ସାଧାରଣ ସମ୍ପାଦକମାନେ ଉପସ୍ଥିତ ଥିଲେ ।

# ଯୌନ ନିର୍ଯାତନା, ବ୍ଲାକମେଲ୍ ଓ ଆତ୍ମହତ୍ୟା ମାମଲା: ଅଭିଯୁକ୍ତ ବାପା ଗିରଫ

ଗଞ୍ଜାମ, ୧୩/୦୭ (ନି.ପ୍ର): ଗଞ୍ଜାମର ନିମାଖଣ୍ଡି ପୋଲିସ ଷ୍ଟେସନରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ଧାରା ୨୯୬, ୭୪, ୭୫, ୧୧୫(୨), ୩୫୧(୨), ୬୪(୨) (ଏଫ)(ଏମ) ଏବଂ ୩(୫) ଅନୁଯାୟୀ ୦୯.୦୭.୨୦୨୬ ତାରିଖ ଦିନ ମାମଲା ନଂ ୨୨୦ ରୁଜୁ କରାଯାଇଛି। ନିମାଖଣ୍ଡି ପୋଲିସ ଷ୍ଟେସନର ଇନସପେକ୍ଟର-ଇନ୍-ଚାରି କୃଷ୍ଣ ସାହାଙ୍କ ଲିଖିତ ରିପୋର୍ଟ ଆଧାରରେ ୦୯.୦୭.୨୦୨୬ ସନ୍ଧ୍ୟା ୭:୩୦ ରେ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତ ହେଉଛନ୍ତି ସୁଭାଷ ଚନ୍ଦ୍ର ମିଶ୍ର, ବୟସ ପ୍ରାୟ ୫୭ ବର୍ଷ। ସେ କେ. ନୂଆଗାଁ ପୋଲିସ ଷ୍ଟେସନ ଅନ୍ତର୍ଗତ ବଜ୍ରଗୁମ୍ଫା ଗ୍ରାମର ଦେବରାଜ ମିଶ୍ରଙ୍କ ପୁଅ। ତଦନ୍ତରୁ ଜଣାପଡିଛି ଯେ, ପୀଡିତା ରାଜଲକ୍ଷ୍ମୀ ମିଶ୍ରଙ୍କ ବିବାହ ୨୦୨୫ ମସିହାରେ କାଳୀପ୍ରସାଦ ମିଶ୍ରଙ୍କ ସହ ହୋଇଥିଲା। ବିବାହର ପ୍ରାୟ ଛଅ ମାସ ପରେ, ପୀଡିତା ତାଙ୍କ ପିତାଙ୍କ ଉପରେ ଯୌନ ନିର୍ଯାତନା ଏବଂ ଉତ୍ପୀଡ଼ନର ଅଭିଯୋଗ ଆଣି ସୋସିଆଲ ମିଡିଆରେ ଅଭିଯୋଗ ପୋଷ୍ଟ କରିଥିଲେ। ଏହା ବୈବାହିକ ବିବାଦ ଏବଂ ତାଙ୍କ ଶ୍ୱଶୁର ଘରଠାରୁ ଅଲଗା ହୋଇଯାଇଥିଲା। ୦୯.୦୭.୨୦୨୬ ସକାଳେ, ପୀଡିତା ତୃତୀୟ ଲେନ୍, ବାସୁଦେବ ନଗରରେ ଥିବା ତାଙ୍କ ଶ୍ୱଶୁର ଘର ବାସଭବନକୁ ଫେରି ଆସିଥିଲେ। ସେ ଛାତ ଉପରେ ନିଜକୁ ବନ୍ଦ କରି ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ। ତାଙ୍କ ଶ୍ୱଶୁର ରମାପ୍ରସାଦ ମିଶ୍ର ତାଙ୍କୁ ଉଦ୍ଧାର କରିଥିଲେ ଏବଂ ବ୍ରହ୍ମପୁରର ଏମକେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତି କରିଥିଲେ। ଡାକ୍ତର ସୁବ୍ରତ କୁମାର ବିଶ୍ୱାଳ ତାଙ୍କ ବୟାନ ରେକର୍ଡ କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପରେ ଭୁବନେଶ୍ୱରର ସମ୍ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ଅଭିଯୁକ୍ତଙ୍କ ଦୁଇଟି ମୋବାଇଲ୍ ଫୋନ୍ ଏବଂ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଛନ୍ତି। ତଦନ୍ତରୁ ଜଣାପଡିଛି ଯେ, ବିବାହ ପୂର୍ବରୁ ଅଭିଯୁକ୍ତ ପୀଡିତାଙ୍କ ଶ୍ୱଶୁରଙ୍କ ଠାରୁ ୧୦ ଲକ୍ଷ ଟଙ୍କା ନେଇଥିଲା। ଯେତେବେଳେ ପୀଡିତା ଟଙ୍କା ଫେରସ୍ତ ପାଇଁ ଦାବି କଲେ, ଅଭିଯୁକ୍ତ ତାଙ୍କୁ ଆପତିଜନକ ଫଟୋ ଦେଖାଇ ବ୍ଲାକମେଲ୍ କରିଥିଲେ, ଯାହା ତାଙ୍କୁ ଆତ୍ମହତ୍ୟା ଉଦ୍ୟମ କରିବାକୁ ବାଧ୍ୟ କରିଥିଲା। ତଦନ୍ତରୁ ଜଣାପଡିଛି ଯେ, ଅଭିଯୁକ୍ତ ସୁଭାଷ ଚନ୍ଦ୍ର ମିଶ୍ର ପୀଡିତାଙ୍କୁ ନିରନ୍ତର ଯୌନ ନିର୍ଯାତନାର ଶିକାର କରିଥିଲେ।

# ବିଏମ୍‌ସିର ମେଗା 'ସଫେଇ ଆପଣାନ୍ତୁ ରୋଗ ହଟାନ୍ତୁ ଅଭିଯାନ'

ଭୁବନେଶ୍ୱର, ୧୩/୦୭ (ନି.ପ୍ର): ପବିତ୍ର ରଥଯାତ୍ରା ପରିପ୍ରେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆଜି ବିଶାଳ ଗଣ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । "ସଫେଇ ଆପଣାନ୍ତୁ, ରୋଗ ହଟାନ୍ତୁ" ଅଭିଯାନର ଆଜି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି ମେୟର ଶ୍ରୀମତୀ ସୁଲୋଚନା ଦାସ । କଟକ-ପୁରୀ ହାଇଟେକ ଛକଠାରୁ ଲିଙ୍ଗିପୁର ଛକ ପର୍ଯ୍ୟନ୍ତ ବାଇପାସ୍ ରାସ୍ତାର ସଂପୂର୍ଣ୍ଣ ସଫେଇ କରାଯାଇଛି । ଏଥିପାଇଁ ଛଅ ଗୋଟି ଭାଗରେ ସ୍ୱଚ୍ଛକର୍ମୀ, ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛସାଥୀ, ସାନିଟାରୀ ଇନ୍ସପେକ୍ଟର, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଏଜେନ୍ସିର କର୍ମୀ ବିଶେଷ କରି ସ୍ଥାନୀୟ ଲୋକମାନଙ୍କୁ ନିୟୋଜିତ କରାଯାଇଥିଲା । ଏକ ସଂଗରେ ଯାନ୍ତ୍ରିକ ସଫେଇ ଓ ମେଡିଆନ ସଫେଇ ମଧ୍ୟ କରାଯାଇଛି । କଟକ-ପୁରୀ ବାଇପାସ୍ ହାଇଟେକ ଛକ ନବଗୁଞ୍ଜର ନିକଟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମେୟର ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀ ବିରଂଚି ନାରାୟଣ ମହାସୂପକାର, ଅତିରିକ୍ତ କମିଶନର ଶ୍ରୀ ଶୁଭେନ୍ଦୁ କୁମାର ସାହୁ, ସ୍ଥାନୀୟ ତଥା ୧୮ ନମ୍ବର କର୍ପୋରେଟର ଶ୍ରୀ ବିପ୍ଲବ ବେହେରା, ୪୫ ନମ୍ବର ୱାର୍ଡ କର୍ପୋରେଟର ଶ୍ରୀ ଅମରେଶ ଜେନା, ୪୪ ନମ୍ବର ୱାର୍ଡ କର୍ପୋରେଟର ଶ୍ରୀ ଅଜିତ୍ ବେହେରା, ୫ ନମ୍ବର ୱାର୍ଡ କର୍ପୋରେଟର ଶ୍ରୀମତୀ ମିନୁଶ୍ରୀ ଖୁଂଟିଆ, ପରିମଳ ଉପାୟୁକ୍ତ ଶ୍ରୀ ଏନ୍. ଗଣେଶ ବାବୁ, ସହକାରୀ କମିଶନର (ପିଆର) ସୁଶ୍ରୀ ସ୍ମୃତି ସ୍ୱାଇଁ ପ୍ରମୁଖ ମଂଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱଚ୍ଛକର୍ମୀ, ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛସାଥୀ, ସାନିଟାରୀ ଇନ୍ସପେକ୍ଟର, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଏଜେନ୍ସିର କର୍ମଚାରୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ସ୍ଥାନୀୟ ଲୋକେ ଏବଂ ଟିମ୍ ବିଏମ୍ ସିଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ରଥଯାତ୍ରା ଦେଖିବାକୁ ଏହି ରାସ୍ତାରେ ହଜାର ହଜାର ଦର୍ଶନାର୍ଥି ଭକ୍ତଙ୍କର ସମାଗମ ହେବ । ଏହି ରାସ୍ତା ଦେଇ ରାଜ୍ୟ ଓ ରାଜ୍ୟ ବାହାରୁ ଶ୍ରଦ୍ଧାଳୁମାନେ ପୁରୀ ଯିବେ । ତେଣୁ ଏହି ରାସ୍ତା ସଫା ରଖିବା ଦରକାର । ରସ୍ତା ପାର୍ଶ୍ୱରେ ଥିବା ଦୋକାନୀମାନେ ନିଜେ ନିଜର ଦୋକାନ ସମ୍ମୁଖ ସଫା ରଖିବା ସହ କୌଣସି ପରିସ୍ଥିତିରେ ଯେପରି କାଗଜ, ଗୁଟଖା ଜରି, ପଲିଥିନ୍, କାଗଜ କପ୍, ପ୍ଲେଟ୍ ଆଦି ନ ପଡେ, ସେ ସଂପର୍କରେ ସ୍ଥାନୀୟ ଦୋକାନୀମାନଙ୍କୁ ତାଗିଦ କରିଛନ୍ତି ମେୟର । ଅନ୍ୟପକ୍ଷରେ କ୍ୟାଚ୍ ଦ ରେନ୍ ଅଭିଯାନରେ ବର୍ଷା ଜଳ ଅମଳ ପ୍ରକଳ୍ପ ନିର୍ମାଣ, ଜଳ ସଂରକ୍ଷଣ ଏବଂ ଭୂତଳ ଜଳ ସଂରକ୍ଷଣ ସଂପର୍କରେ ମଧ୍ୟ ଉପସ୍ଥିତ ଲୋକମାନଙ୍କୁ ଅବଗତ କରାଯାଇଥିଲା। ଶେଷରେ ନବଗୁଞ୍ଜର ମୂର୍ତି ନିକଟରୁ ମେୟରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ସଫେଇ ଆପଣାନ୍ତୁ ଅଭିଯାନ ।

# ଗାବାନା କଳା କେନ୍ଦ୍ର ପକ୍ଷରୁ 'ସମ୍ବଲପୁରୀ ଭଏସ ଅଫ ଓଡିଶା' ଉଦ୍‌ଘାଟିତ

ସମ୍ବଲପୁର, ୧୩/୦୭ (ନି.ପ୍ର): ସମ୍ବଲପୁରର ଅଗ୍ରଣୀ ସାରସ୍ୱତ ସାଂସ୍କୃତିକ ଅନୁଷ୍ଠାନ ' ଗାବାନା କଳା କେନ୍ଦ୍ର ପକ୍ଷରୁ ' ସମ୍ବଲପୁର ଭଏସ ଅଫ ଓଡିଶା ' ଆଜି ଉଦଘାଟିତ ହୋଇଯାଇଛି କ୍ଷ ସମ୍ବଲପୁରୀ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ସହ ସମ୍ବଲପୁରୀ ଲୋକ ସଂଗୀତର ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଗାବାନା କଳା କେନ୍ଦ୍ରର ଏହି ବିଶେଷ ପ୍ରୟାସ କରାଯାଇଛି । ସମ୍ବଲପୁରର ଓଡିଶା ସାଂସ୍କୃତିକ ସମାଜ ସଭାଗୃହ ଠାରେ ଆୟୋଜିତ ହୋଇଥିବା ଏହି 'ସମ୍ବଲପୁରୀ ଭଏସ ଅଫ ଓଡିଶା' କାର୍ଯ୍ୟକ୍ରମରେ ସମ୍ବଲପୁରୀ ଗୀତର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ଼. କ୍ରିଷ୍ଣା ପଟେଲ, ବିଭୁତି ଭୂଷଣ ପଟ୍ଟନାୟକ ଓ ଚିତ ରଞ୍ଜନ ବେହେରା ପ୍ରମୁଖ ବିଚାରକ ଭାବେ ଯୋଗ ଦେବାସହ ଇଷ୍ଟଦେବୀ ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା ସହ ବିଶେଷ ଅତିଥି ଭାବରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନର ସମ୍ପାଦକ ବସନ୍ତ ମିଶ୍ରଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଭବତୋଷ ବିଶି ଓ ମାନସ କୁମାର ଷଡ଼ଙ୍ଗୀ । କାର୍ଯ୍ୟକ୍ରମର ଆବାହକ ମିନାକ୍ଷୀ ମିଶ୍ର ଓ ଉପଦେଷ୍ଟା ପ୍ରମୋଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି ଖାଂଟି ସମ୍ବଲପୁରୀ କଣ୍ଠ ସଂଗୀତ ପ୍ରତିଯୋଗିତାରେ ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ଭୁବନେଶ୍ୱର, ବଲାଙ୍ଗୀରରୁ ୫୦ ରୁ ଉର୍ଦ୍ଧ ପ୍ରତିଯୋଗୀ ଯୋଗ ଦେଇଥିଲେ । ଏହି ଖାଂଟି ସମ୍ବଲପୁରୀ କଣ୍ଠ ସଂଗୀତ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଆସନ୍ତା ଜୁଲାଇ ୧୪ ତାରିଖ ଦିନ ଝାଡୁଆପଡା ସ୍ଥିତ ଅରଣ୍ୟକ ମଂଚ ଠାରେ ଆୟୋଜିତ ହେବାକୁ ଥିବା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସମ୍ପାଦକ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲ୍ଥର ବୈଜ୍ଞାନିକ କହିବା ଅନୁସାରେ, ଯେଉଁ ମହିଳାମାନେ ଲଗାତାର ଅନ୍ତରାଳରେ କେଶ ରଙ୍ଗ କରନ୍ତି ଏବଂ ଷ୍ଟ୍ରେଟନିଙ୍ଗ କରନ୍ତି ସେମାନଙ୍କ ପ୍ରତି ବିପଦ ରହିଛି । ଏସବୁ କରୁଥିବା ମହିଳାଙ୍କଠାରେ ସ୍ତନ କର୍କଟ ହେବାର ଆଶଙ୍କା ଅଧିକ ଥାଏ । ଇଣ୍ଟରନ୍ୟାସନାଲ୍ ଜର୍ଣ୍ଣାଲ୍ ଅଫ୍ କ୍ୟାନସରରେ ପ୍ରକାଶିତ ଲେଖାରେ ମହିଳାମାନଙ୍କୁ ସତର୍କ କରାଯାଇଛି ।

ଏହି ବିଷୟ ଉପରେ ଆମେରିକାର କ୍ୟାନ୍ସର ସୋସାଇଟି ବି ଗବେଷଣା କରିଛି । ଷ୍ଟଡିରୁ ଜଣାପଡ଼ିଛି , ହେୟାର କଲରରେ ଥିବା କେମିକାଲ୍ସ ଯେପରି ଆରୋମେଟିକ୍ ଆମିନ୍ସରେ କ୍ୟାନ୍ସର ରିସ୍କ ରହିଛି । ଆଜିକା ଦିନରେ ଅଧିକାଂଶ ପରୁଷ ଓ ମହିଳା ହେୟାର କଲର କରୁଥିବାବେଳେ , ସୌନ୍ଦର୍ଯ୍ୟ ଦୃଷ୍ଟିରୁ ମହିଳାମାନେ ହେୟାର ଷ୍ଟ୍ରେଟନିଙ୍ଗ କରୁଛନ୍ତି । ଏଠି ପ୍ରଶ୍ନ ଉଠୁଛି, ତାହେଲେ କ'ଣ ହେୟାର କଲର ବା ଷ୍ଟ୍ରେଟନର୍ ବ୍ୟବହାର କରୁଥିବା ସବୁ ମହିଳାଙ୍କୁ ବ୍ରେଷ୍ଟ କ୍ୟାନ୍ସର ହୋଇପାରେ ?

ସବୁଠୁ ବଡ଼ ପ୍ରଶ୍ନ କେଶରେ କଲର୍ କଲେ ତାହା ଶରୀରକୁ ଭିତରେ କିପରି ପହଞ୍ଚୁଛି ? ଏବଂ କ୍ୟାନ୍ସରରୁ ବଞ୍ଚିବାର ଉପାୟ କ'ଣ ?

ଡାକ୍ତରଙ୍କ କହିବା କଥା, ହେୟାର କଲରରେ ଫିନୋଲ୍ ଏମିନ୍ ଏବଂ ଫର୍ମେଲ୍ଡିହାଇଡ୍ ନାମକ କେମିକାଲ ଥାଏ । ଏହା ପ୍ରାକୃତିକ ନୁହେଁ । ଏହାକୁ କୃତ୍ରିମ ଉପାୟରେ ପ୍ରସ୍ତୁତ କରାଯାଏ । ତେଣୁ ଯେକୌଣସି ଜିନିଷ ଯାହା କୃତ୍ରିମ ତାହା ଶରୀର ପାଇଁ କ୍ଷତିକାରକ । ଏପରି କେମିକାଲର ବ୍ୟବହାରରେ କିଛି ପ୍ରକାରର କ୍ୟାନ୍ସର ହେବାର ଆଶଙ୍କା ରହିଥାଏ । ବିଶେଷ କରି ବ୍ଲାଡର୍ କ୍ୟାନ୍ସର ବା ମୁତ୍ରାଶୟ କ୍ୟାନସର ଏବଂ ବ୍ରେଷ୍ଟ କ୍ୟାନ୍ସର ହେବାର ଆଶଙ୍କା ରହୁଛି ।

ଯେବେ ଆପଣ କେଶ ରଙ୍ଗ କରନ୍ତି , ସେ ସମୟରେ ସେସବୁ କେମିକାଲ ମୁଣ୍ଡର ତ୍ୱଚା ଦେଇ ଶରୀରକୁ ପ୍ରବେଶ କରୁଥିବାବେଳେ କିଛି । ଏହାବ୍ୟତୀତ ଯେବେ ହେୟାର କଲର୍ କରୁ ତା'ର ବାସ୍ନା ନାକ ଦେଇ , ଶ୍ୱାସନଳୀ ଦେଇ ଶରୀରକୁ ପ୍ରବେଶ କରେ ଏବଂ କ୍ୟାନ୍ସର ହେବାର ଆଶଙ୍କା ବଢ଼ିଯାଏ । ଖାଲି ଯିଏ କେଶ କଲର କରେ ତାଙ୍କ ପାଇଁ ବିପଦ ନୁହେଁ ବରଂ ଯିଏ କେଶରେ କଲର୍




ଲଗାଇବାରେ ସାହାଯ୍ୟ କରନ୍ତି ତାଙ୍କୁ ମଧ କ୍ୟାନ୍ସର ହେବାର ଆଶଙ୍କା ରହିଛି ବୋଲି କହୁଛନ୍ତି ବିଶେଷଜ୍ଞ ।

ଏବେ ପ୍ରଶ୍ନ ଏହି ବିପଦରୁ ବର୍ତ୍ତିବା କିପରି । ଏଥିପାଇଁ ସରଳ ଉପାୟ ହେଉଛି କେମିକାଲ ଫ୍ରି ହେୟାର କଲର୍ ବ୍ୟବହାର କରନ୍ତୁ । ଆଉ ଯଦି ହେୟାର କଲର କିଣୁଛନ୍ତି ଏଥିରେ ବ୍ୟବହାର କେମିକାଲ ବିଷୟରେ ଜାଣନ୍ତୁ । କେଶ କଲର କରିବା ପୂର୍ବରୁ ପ୍ୟାଚ୍ ଟେଷ୍ଟ କରନ୍ତୁ । କଲର କରିବା ସମୟରେ ହାତରେ ଗ୍ଲୋବ୍ସ ପିନ୍ଧନ୍ତୁ ।

ଏସବୁ ପରେ ବି ଡାକ୍ତରଙ୍କ ବଡ଼ ପରାମର୍ଶ ହେଉଛି , କେଶ ବାରମ୍ୱାର କଲର କରିବାରୁ ନିବୃତ୍ତ ରୁହନ୍ତୁ ଆଉ ଯଦି କରିବାକୁ ଚାହୁଁଛନ୍ତି ତାହେଲେ ପ୍ରକୃତିକ ହେନା ବ୍ୟବହାର କରନ୍ତୁ ଯାହା ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ କେଶ ପାଇଁ ବି ବରଦାନ ।




## ଦିଲ୍ଲୀପ କୁମାର ସାହୁ


## ବଡଦାଣ୍ଡ



ବଡଦାଣ୍ଡ। ଶ୍ରୀମନ୍ଦିରର ସିଂହଦ୍ୱାର ଠାରୁ ଗୁଣ୍ଡିଚା ମନ୍ଦିରଯାଏ ଲମ୍ୱିଯାଇଥିବା ପ୍ରାୟ ତିନିକିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ପ୍ରଶସ୍ତ ରାସ୍ତା, ବଡଦାଣ୍ଡ। ଯେଉଁ ବଡଦାଣ୍ଡରେ ପାଦ ରଖୁରଖୁ ପ୍ରତି ଓଡ଼ିଆ ପ୍ରାଣରେ ଭରିଯାଏ ଅଜଣା ପୁଲକ, ଯେଉଁ ବଡଦାଣ୍ଡରେ ପହଞ୍ଚି ନୀଳଚକ୍ର କୁ ଚାହିଁଦେଲେ ମନରେ ଭରିଯାଏ ଅପୂର୍ବ ଶାନ୍ତି, ଯେଉଁ ବଡଦାଣ୍ଡର ଧୂଳିକୁ ମୁଣ୍ଡରେ ବୋଳିଦେଲେ ମନରୁ ସବୁ ଅବସାଦ ଦୂରେଇ ଯାଏ । ସେହି ବଡଦାଣ୍ଡ, ମୁକ୍ତିର ମାର୍ଗ , ଶାନ୍ତି ଓ ସମ୍ପ୍ରିତିର ପଥ ଏବଂ ଭବ ଜଳଧିରୁ ମୋକ୍ଷ ପାଇବାର ରାସ୍ତା।

ଏହି ବଡଦାଣ୍ଡରେ ଶଙ୍କରାଚାର୍ଯ୍ୟ, ରାମାନୁଜ, ନିମ୍ବାର୍କ, ମାଧ୍ୱାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, ରାମାନନ୍ଦ, ଶ୍ରୀଚୈତନ୍ୟ, ଜଗନ୍ନାଥ ଦାସ, ବଳରାମ ଦାସ, ନାନକ, କବୀର, ହରିଦାସ, ସାଲବେଗ ଏପରି ଅନେକ ସାଧୁ ସନ୍ଥ ଖାଲିପାଦରେ ଚାଲିଚାଲି ଭାବ ବିହ୍ୱଳହୋଇ ମହାପ୍ରଭୁଙ୍କ ନାମ କିର୍ତ୍ତନ କରୁଥିଲେ। ତାଙ୍କର ସେହି କଥା ଓ ଗାଥା ଆଜି ଆମ ଆଧ୍ୟାତ୍ମିକ ଚେତନାରେ ଭାବ ଭକ୍ତିର ଜାଗରଣ ସୃଷ୍ଟି କରେ। ଦାକ୍ଷିଣାତ୍ୟ ଜୟକରି ଏହି ଦାଣ୍ଡଦେଇ ୬୦ଟି ହାତୀ ପିଠିରେ ମହଣ ମହଣ ସୁନା ଆଣି କପିଳେନ୍ଦ୍ର ଦେବ ମହାପ୍ରଭୁଙ୍କ ପାଦତଳେ ସମର୍ପି ଦେଇଥିଲେ ଏବଂ ଏହି ଦାଣ୍ଡ ରେ ଛିଡାହୋଇ ନିଜକୁ ମହାପ୍ରଭୁଙ୍କ ମହାରାଉତ ମହାସେବକ ବୋଲି ଘୋଷଣା କରିଥିଲେ । ଆଜି ସେହି ସୁନାରେ ତିଆରି କରାଯାଇଥିବା ଅଳଙ୍କାରରେ ମହାପ୍ରଭୁଙ୍କର ସୁନାବେଶ ହୋଇଥାଏ। ଏହି ଦାଣ୍ଡକୁ ସାକ୍ଷୀ ରଖି ରଥାରୂଢ ମହାପ୍ରଭୁଙ୍କ ସମ୍ମୁଖରେ ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ରାଜକନ୍ୟାଙ୍କୁ ଉତ୍କଳର ପାଟ ରାଣୀ ଭାବେ ଗ୍ରହଣ କରିଥିଲେ। ଏହି ବଡଦାଣ୍ଡ ମୂକସାକ୍ଷୀ ଏଜାତିର ଅନେକ ଗୌରବମୟ ଘଟଣା ଓ ଦୁଃଖଭରା ଅଘଟଣର।

ଭାବଗ୍ରାହୀ ଠାକୁରଙ୍କର ଦାଣ୍ଡ ଏହି ବଡଦାଣ୍ଡ। ଭାବ ଓ ଭକ୍ତିରେ ଭକ୍ତ ତାଙ୍କୁ ଅତି ନିକଟରେ ଏହି ବଡଦାଣ୍ଡରେ ଦର୍ଶନ କରିବାର ସୁଯୋଗ ପାଏ। ଏଠି କୌଣସି ଜାତି ବା ଧର୍ମର ଭେଦଭାବ ନାହିଁ। ଦାସିଆ ବାଉରିଙ୍କଠାରୁ ଆର୍ତ୍ତଦାସ, ପରମେଷ୍ଠି ଦର୍ଜୀଙ୍କଠାରୁ ସାରିଆ ଭିକ, ସାଲବେଗଙ୍କଠାରୁ ବନମାଳିଙ୍କ ଭଳି ଅଗଣିତ ଭକ୍ତ ଓ ଭକ୍ତକବି ଏହି ଦାଣ୍ଡରେ ମୁକ୍ତ କଣ୍ଠରେ ମହାପ୍ରଭୁଙ୍କ ଗୁଣଗାନ କରି ସୃଷ୍ଟି କରିଛନ୍ତି ଭକ୍ତି ରସର ଉତ୍ତାଳ ତରଙ୍ଗ। ଭକ୍ତ ପାଇଁ ଏହି ବଡଦାଣ୍ଡରେ ରଥଗଡେ, ଆଉ ଭକ୍ତ ପାଇଁ ରଥ ମଧ୍ୟ ଅଟକିଯାଏ, ଶତ ଚଷ୍ଟାକଲେ ରଥ ଚକ ଇଞ୍ଚେ ଗଡେନାହିଁ। ସେଇଥିପାଇଁ କବି ଲେଖିଛନ୍ତି ' ରଥ କହେ ମୁଁ ଦେବତା, ପଥ କହେ ମୁଁ ଦେବତା , ରଥ ପଥ କିଛି ନାହିଁ ସବୁ ସେ ଜଗତ ସାଇଁ।

ଅରୁଣ ସ୍ତମ୍ଭ ନିକଟରୁ ଆରମ୍ଭ ହୋଇ ଶରଧାବାଲିରେ ଶେଷ ହୋଇଛି ଏହି ପବିତ୍ର ମାର୍ଗ ବଡଦାଣ୍ଡ। ଏହି ବଡଦାଣ୍ଡର ଦୁଇପାର୍ଶ୍ୱରେ ରହିଛି ଅନେକ ମଠ ବାଡି, ଧର୍ମଶାଳା, ଦେବଦେବୀଙ୍କ ମନ୍ଦିର ଆଉ ଗଜପତିଙ୍କ ଉଆସ। ବଡ଼ଦାଣ୍ଡର ମଧ୍ୟଭାଗରେ ରହିଛି ମାଉସୀ ମାଆ, ଅର୍ଦ୍ଧାଶିନୀଙ୍କ ମନ୍ଦିର, ଯେଉଁଠି ବାହୁଡ଼ାଦିନ ଦିଅଁମାନେ ଅଟକି ଯାଆନ୍ତି ମାଉସୀଙ୍କ ଦ୍ୱାରା ପ୍ରସ୍ତୁତ ସୁସ୍ୱାଦୁ ପୋଡପିଠା ଖାଇବା ପାଇଁ। ଏହି ବଡଦାଣ୍ଡରେ ରହିଛି ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ କାର୍ଯ୍ୟାଳୟ । ଶ୍ରୀମନ୍ଦିରର ସମସ୍ତ ନୀତିକ୍ରାନ୍ତି ଏବଂ ଯାତ୍ରା ଓ ଉପଯାତ୍ରା ଗୁଡିକର ଶୃଙ୍ଖଳିତ ପରିଚାଳନା ପାଇଁ ଏହିଠାରେ ହିଁ ଯୋଜନା ପ୍ରସ୍ତୁତ କରାଯାଇଥାଏ।

ବଡଦାଣ୍ଡ ଏବେ ପୂର୍ବ ଅପେକ୍ଷା ଆହୁରି ସୁନ୍ଦର ଓ ପ୍ରସସ୍ତ ହୋଇଯାଇଛି। ତେଣୁ ଦୂରଦୂରାନ୍ତରରୁ ଆସୁଥିବା ଅନେକ ଶ୍ରଦ୍ଧାଳୁ ଏହି ବଡଦାଣରେ ନିର୍ବିଘ୍ନରେ ରାତି ବିତାଉଛନ୍ତି । ପବିତ୍ର ଏହାର ଧୂଳିମାଟି, ଯାହାକୁ ଚନ୍ଦନ ପରି ମଥାରେ ବୋଳିଦେଲେ ମନପ୍ରାଣରେ ଭରିଯାଏ ଅଫୁରନ୍ତ ଆନନ୍ଦ। ମନହୁଏ ସବୁବେଳେ ଏହି ଦାଣ୍ଡରେ ଗଡିବାପାଇଁ।ମନ ହୁଏ ଏହି ଦାଣ୍ଡରେ ପ୍ରାଣ ପକ୍ଷୀ ଉଡିଯାଆନ୍ତାକି, ଧନ୍ୟ ହୋଇଯାଆନ୍ତା ଏ ଜୀବନ।


+ଶଙ୍କରପୁର, ଚାରବାଟିଆ, କଟକ
ମୋ: ୭୦୭୭୨୦୬୯୭୭





ଖରାଦିନ ଆସିଲେ ହିଁ ଆମ ମନକୁ ପ୍ରଥମେ ଆସେ କଟନ୍ ବା ସୂତା କପଡ଼ା। ଏହା ହାଲୁକା, ଆରାମଦାୟକ ଏବଂ ଏଥିରେ ପବନ ସହଜରେ ଯାତାୟାତ କରିପାରେ। ସୂତା ସୁଟ୍,ଶାଢ଼ି ହେଉ କିମ୍ୱା ବେଡସିଟ୍ ଏସବୁ ଦେଖିବାକୁ ଯେତିକି ଶାନ୍ତିପୂର୍ଣ୍ଣ,ପିନ୍ଧିବାକୁ ମଧ ସେତିକି ଆରାମଦାୟକ। ହେଲେ ଏହି ଆରାମ ସହିତ ଆସିଥାଏ ଏକ ବଡ଼ ମୁଣ୍ଡବିନ୍ଧା ! ସେଇଟା ହେଉଛି କପଡ଼ାରୁ ରଙ୍ଗ ଛାଡ଼ିବା। ଅନେକ ସମୟରେ ଗାଢ଼ ରଙ୍ଗର କଟନ୍ କପଡ଼ା ଧୋଇବା ମାତ୍ରେ ହିଁ ପାଣିରେ ରଙ୍ଗ ଛାଡ଼ିବାକୁ ଲାଗେ। ଫଳରେ କପଡ଼ାର ଚମକ କମିଯାଏ ଏବଂ ଏହା ଫିକା ଦେଖାଯାଏ। କେବଳ ସେତିକି ନୁହେଁ ସାଙ୍ଗରେ ଧୋଉଥିବା ଅନ୍ୟ ଦାମୀ କପଡ଼ାରେ ମଧ ରଙ୍ଗ ଲାଗି ତାହା ନଷ୍ଟ ହୋଇଯାଏ। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଅନେକ ଲୋକ ପାଣିରେ କେବଳ ଲୁଣ ମିଶାଇ କପଡ଼ା ଭିଜାଇଥାନ୍ତି କିନ୍ତୁ ଏହି ଘରୋଇ ଉପାୟ ସବୁବେଳେ କାମ ଦିଏନାହିଁ। ତେବେ ଆଦୌ ଚିନ୍ତା କରନ୍ତୁ ନାହିଁ, ଆଜି ଆମେ ଆପଣଙ୍କୁ ଜଣାଇବୁ ଯେ ଲୁଗା ସଫା କରୁଥିବା ପ୍ରଫେସନାଲ୍ ଲୋକମାନେ ବ୍ୟବହାର କରୁଥିବା ଏକ ସ୍ପେଶାଲ୍ ସିକ୍ରେଟ୍ ଟ୍ରିକ୍ ଯାହା ଆପଣଙ୍କ କପଡ଼ାର ରଙ୍ଗକୁ ସବୁଦିନ ପାଇଁ ଲକ୍ କରିଦେବ। ଏଥିପାଇଁ କୌଣସି ଦାମୀ କେମିକାଲ୍ ଦରକାର ନାହିଁ। ଆପଣଙ୍କୁ କେବଳ ଦୁଇଟି ସାଧାରଣ ଜିନିଷ ଦରକାର ଏକ ହେଉଛି ଫିଟିକିରି ଆଉ ଗୋଟିଏ ହେଉଛି ଲୁଣ । ଏହି ଦୁଇଟିର ମିଶ୍ରଣ କପଡ଼ାରେ ଥିବା ଦାଗକୁ ପ୍ରଥମ ଥରରେ ହିଁ ବାହାର କରିଦିଏ ଏବଂ ବାକି ରଙ୍ଗକୁ କପଡ଼ା ସହିତ ସବୁଦିନ ପାଇଁ ଫିକ୍ସ କରିଦିଏ। ଏଥିପାଇଁ ଆପଣ ପ୍ରଥମେ ଏକ ବାଲ୍ଟିରେ ସଫା ଥଣ୍ଡା ପାଣି ନିଅନ୍ତୁ। ଗୋଟିଏ ମୁଠା ଫିଟିକିରିକୁ ଗୁଣ୍ଡ କରି ସେହି ପାଣିରେ ମିଶାନ୍ତୁ। ଯେତିକି ଫିଟିକିରି ନେଇଛନ୍ତି, ତାର ଦୁଇଗୁଣ ପରିମାଣର ଲୁଣ ସେହି ପାଣିରେ ମିଶାଇ ଭଲଭାବେ ଗୋଳାଇ ଦିଅନ୍ତୁ। ଏବେ ସେହି ନୂଆ କିମ୍ୱା ରଙ୍ଗ ଛାଡୁଥିବା କଟନ୍ କପଡ଼ାକୁ ଖୋଲି ସେହି ପାଣିରେ ବୁଡ଼ାଇ ଦିଅନ୍ତୁ। ଡରନ୍ତୁ ନାହିଁ, ଏହି ପାଣିରେ ଗୋଟିଏ କପଡ଼ାର ରଙ୍ଗ ଅନ୍ୟ କପଡ଼ାରେ ଲାଗିବ ନାହିଁ। ଏହାକୁ ପ୍ରାୟ ୨ ଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ। ୨ ଘଣ୍ଟା ପରେ କପଡ଼ାଗୁଡ଼ିକୁ ଭଲଭାବେ ଚିପୁଡ଼ି ବାହାର କରିଦିଅନ୍ତୁ ଏବଂ ସଫା ପାଣିରେ ଆଉ ଥରେ ଭଲଭାବେ ଧୋଇ ଦିଅନ୍ତୁ, ଯେପରି ଫିଟିକିରି ଓ ଲୁଣର ଅଂଶ ବାହାରିଯିବ। ଫିଟିକିରି ପାଣି ଯୋଗୁଁ କପଡ଼ା ସାମାନ୍ୟ ଶକ୍ତ ହୋଇଯାଇପାରେ। ଏହାକୁ ନରମ କରିବା ପାଇଁ ଶେଷରେ ଏକ ବାଲ୍ଟି ପାଣିରେ ଦୁଇ ଚାମଚ ଧଳା ସିରକା ମିଶାଇ କପଡ଼ାକୁ ଅଧା ଘଣ୍ଟା ଭିଜାଇ ରଖନ୍ତୁ। ଆପଣଙ୍କ କପଡ଼ା ପୂର୍ବପରି ସଫ୍ଟ ଏବଂ ମୁଲାୟମ ହୋଇଯିବ। ତେବେ ଆଉ ବିଳମ୍ୱ କାହିଁକି ? ଏହି ଗରମରେ ଆପଣଙ୍କ କପଡ଼ାର ରଙ୍ଗକୁ ସୁରକ୍ଷିତ ରଖିବା ପାଇଁ ଆଜି ହିଁ ଏହି ସ୍ପେଶାଲ୍ ଟ୍ରିକ୍ ଆପଣାନ୍ତୁ।

## ସଫା ଛୁରି ବ୍ୟବହାର କରିବାକୁ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ : ଏଫ୍ଏସ୍ଏସ୍ଏଆଇ



ଖାଦ୍ୟ ବ୍ୟବୟାୟ ମାନେ ବ୍ୟବହାର କରୁଥିବା ଛୁରି ସମସ୍ତ ପ୍ରକାର ସଫା ସୁତୁରା ମାନଦଣ୍ଡ ପୂରଣ କରୁଥିବା ଆବଶ୍ୟକ। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଏଫ୍ଏସ୍ଏସ୍ଏଆଇ) ପକ୍ଷରୁ ଏହି ମର୍ମରେ ସମସ୍ତ ଖାଦ୍ୟ ବ୍ୟବସାୟୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେଥିରେ କୁହାଯାଇଛି ଯେ ଖାଦ୍ୟ ପ୍ରସ୍ତୁତି, ପ୍ୟାକେଜିଂ, ଗଚ୍ଛିତ ରଖିବା ଏବଂ ପରିଚାଳନାରେ ବ୍ୟବହାର ହେଉଥିବା ସମସ୍ତ ଉପକରଣ, ବାସନକୁସନ, ଖାଦ୍ୟ ରଖାଯାଉଥିବା ବା ଘୋଡ଼ାଯାଉଥିବା ପାତ୍ର ଆଦି ଖାଦ୍ୟ-ଗ୍ରେଡ୍, ଅଣବିଷାକ୍ତ ଏବଂ କ୍ଷୟ ପ୍ରତିରୋଧୀ ସାମଗ୍ରୀରେ ପ୍ରସ୍ତୁତ ହୋଇଥିବା ଆବଶ୍ୟକ। ଏଥିସହିତ ଖାଦ୍ୟ ସଂକ୍ରମଣକୁ ରୋକିବା ଲାଗି ସ୍ୱାସ୍ଥ୍ୟକର ପରିବେଶ ବଜାୟ ରଖିବା ପାଇଁ ଥିବା ନିୟମକୁ ନିଶ୍ଚିତ କରିବା ଉଚିତ । ଖାଦ୍ୟ ସୁରକ୍ଷା ଓ ମାନକ ( ଖାଦ୍ୟ ବ୍ୟବସାୟ ପଞ୍ଜୀକରଣ ଓ ଲାଇସେନ୍ସିଂ) ନିୟମ ୨୦୧୧ର ଅନୁଚ୍ଛେଦ ୪ ଅନୁଯାୟୀ, ଖାଦ୍ୟ ସଂସ୍ପର୍ଶରେ ଆସୁଥିବା ସମସ୍ତ ଉପକରଣକୁ ନିୟମିତ ବ୍ୟବଧାନରେ ଜୀବାଣୁମୁକ୍ତ କରାଯିବା ସହ ପର୍ଯ୍ୟାପ୍ତ ଭାବେ ସଫା କରାଯିବା ନେଇ ନିୟମ ରହିଛି। ଏହା ସତ୍ତ୍ୱେ କେତେକ ଖାଦ୍ୟ ବ୍ୟବସାୟୀ କଳଙ୍କି ଲାଗିଥିବା, ଭାଙ୍ଗିରୁଜି ଯାଇଥିବା, ରଙ୍ଗ ଲାଗିଥିବା ଏବଂ ଅନ୍ୟାନ୍ୟ ଦୃଷ୍ଟିରୁ ଅନୁପଯୁକ୍ତ ଥିବା ଛୁରି, ବ୍ଲେଡ୍ ଓ ଅନ୍ୟାନ୍ୟ କାଟିବା ଉପକରଣ ଖାଦ୍ୟ ପ୍ରସ୍ତୁତି ଓ ପରିଚାଳନାରେ ବ୍ୟବହାର କରୁଛନ୍ତି। ଏଭଳି ଛୁରି ଖାଦ୍ୟର ଭୌତିକ, ରାସାୟନିକ ଏବଂ ସୂକ୍ଷ୍ମ ଜୈବିକ ସଂକ୍ରମଣ କରିବା ସମ୍ଭାବନା ରହିଛି। ଅନୁପଯୁକ୍ତ ଛୁରିକୁ ତୁରନ୍ତ ଏଭଳି କାର୍ଯ୍ୟରୁ ବାଦ୍ ଦିଆଯିବା ଆବଶ୍ୟକ। ନିୟମ ପାଳନରେ ବିଫଳ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହା ଉପରେ କଡ଼ା ନଜର ରଖିବା ଲାଗି କର୍ତ୍ତୃପକ୍ଷ କମିସନର ଓ ଇନ୍ସପେକ୍ଟରମାନଙ୍କୁ କହିଛନ୍ତି।




ଦେଶରେ ଦିନକୁ ଦିନ ମଦ୍ୟପାନକାରୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ପୁରୁଷ ତ ପୁରୁଷ ମହିଳା ମଧ ମଦ୍ୟପାନ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି । ପ୍ରତିବର୍ଷ ପର୍ବପର୍ବାଣୀ ହେଉ କିମ୍ୱା ଛୁଟିଦିନ ପଡ଼ିଲେ ମଦ ବିକ୍ରିର ରେକର୍ଡ ଭାଙ୍ଗିଥାଏ । ମଦ ଦେହ ପ୍ରତି କ୍ଷତିକାରକ ଜାଣି ସୁଦ୍ଧା ଅନେକ ଲୋକ ଏହି ନିଶାଦ୍ରବ୍ୟକୁ ପିଇଥା'ନ୍ତି । ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବର୍ତ୍ତମାନ ଚେତାବନୀ ଦେଇଛି ଯେ ଗୋଟିଏ ବୁନ୍ଦା ମଦ୍ୟପାନ ମଧ ଅନେକ ପ୍ରକାରର କର୍କଟ ରୋଗ ସୃଷ୍ଟି କରିପାରେ । ଅତ୍ୟଧିକ ମଦ ପିଇଲେ ଫ୍ୟାଟି ଲିଭର, ଲିଭର୍ ଡ୍ୟାମେଜ୍ ଏବଂ ଲିଭର୍ ସିରୋସିସ୍ ରୋଗ ହେବା ସାଧାରଣ କଥା । ସ୍ୱାସ୍ଥ୍ୟ ପାଇଁ ଏହା ଏତେ ଖରାପ ଯେ କଥା ଯାଇ ଯକୃତ ପ୍ରତିରୋପଣ ପର୍ଯ୍ୟନ୍ତ ପହଞ୍ଚିଥାଏ । ମଦର ପ୍ରଥମ ବୁନ୍ଦା ଲିଭରକୁ କ୍ଷତି ପହଞ୍ଚାଇବା ଆରମ୍ଭ କରେ । ଯେତେ ଲମ୍ୱା ସମୟ ଧରି ମଣିଷ ମଦ୍ୟପାନ କରାଯାଏ ଏହା ସେତେ ଗୁରୁତର ହୋଇପାରେ । ତଥାପି ଆୟୁର୍ବେଦ ସାହାଯ୍ୟରେ ଏହି କ୍ଷତିକୁ ପ୍ରତିହତ କରାଯାଇପାରିବ । ଆୟୁର୍ବେଦ ବିଶେଷଜ୍ଞ ଡକ୍ଟର ତନ୍ମୟ ଗୋସ୍ୱାମୀଙ୍କ ଅନୁସାରେ ୧୦ ଗ୍ରାମ୍ ଖଜୁରି , ୧୦ ଗ୍ରାମ୍ କିସମିସ୍ , ୨ ଗ୍ରାମ୍ ତେନ୍ତୁଳି , ୧୦ ଗ୍ରାମ୍ ଡାଳିମ୍ବ ଦାନା ଏବଂ ୧୦ ଗ୍ରାମ୍ ଅଁଳାକୁ ନେଇ ଭଲଭାବରେ ଗ୍ରାଇଣ୍ଡିଂ କରନ୍ତୁ । ଏହା ପେଷ୍ଟ୍ ହେବା ପରେ ଅଧ ଲିଟର ପାଣିରେ ମିଶାନ୍ତୁ । ଏହା ଏକପ୍ରକାର ରସ ପରି ହୋଇଯିବ । ଏହି ରସକୁ ୫୦-୫୦ ମିଲି ପିଇବାକୁ ଦିଅନ୍ତୁ । ତିନି ଦିନ ମଧ୍ୟରେ ଲିଭର୍ ଡ୍ୟାମେଜ୍ କମ୍ ହେବାକୁ ଲାଗିବ । ମଦକୁ ମେଟାବୋଲାଇଜ୍ କରିବାର କାମ କରେ ଲିଭର୍ । ଯାହାଦ୍ୱାରା ଲିଭରରେ ଆସିଟାଲଡିହାଇଡ୍ ନାମକ ଏକ ଉତ୍ପାଦ ସୃଷ୍ଟି ହୋଇଥାଏ । ଯାହା ଲିଭରକୁ ଖରାପ କରିବାର କାମ କରିଥାଏ । ଏହି ଆୟୁର୍ବେଦିକ ଉପାୟ ଆସିଟାଲଡିହାଇଡ୍ କୁ କମ୍ କରିବାରେ ସହାୟକ ହୁଏ । ତେବେ ଯେମିତି ଆପଣ ମଦ ପିଇବା ବନ୍ଦ କରିବେ କିଛି ଦିନ ମଧ୍ୟରେ ହିଁ ଶରୀର ଉପରେ ଏହାର ଫରକ ପଡ଼ିବା ଆରମ୍ଭ ହେବ । ତେବେ ଯଦି ସମୟ ପୂର୍ବରୁ ମଦ ପିଇବା ବନ୍ଦ କରାଯାଏ ଲିଭରର କୋଷିକା କିଛି ସପ୍ତାହରେ ହିଁ ପୁନଃ ତିଆରି ହେବା ଆରମ୍ଭ କରେ । ୩୦ ଦିନ ପରେ ସ୍ୱାସ୍ଥ୍ୟ ଉପରେ ଏହାର ଭଲ ରେଜଲ୍ଟ ଦେଖିବାକୁ ମିଳେ । କିନ୍ତୁ ଯଦି ମଦ ପିଇବା ପରେ ଅନ୍ୟ ରୋଗ ଯେଉଳି ଆଲକୋହଲିକ୍ ହେପାଟାଇଟିସ୍ ଏବଂ ସିରୋସିସ୍ ଭଳି ରୋଗ ହୁଏ ତେବେ ଠିକ୍ ହେବାକୁ ଅଧିକ ସମୟ ଲାଗେ । ଏଭଳି ମାମଲାରେ ଶରୀରର ଅନ୍ୟ ଅଙ୍ଗକୁ ଯେମିତି ମଦ ନ ଖାଇବ ତେଣୁ ଅତିଶୀଘ୍ର ମଦ୍ୟପାନ କରିବା ଛାଡ଼ନ୍ତୁ ।

# ସରକାରୀ ପୋର୍ଟାଲରେ ତଥ୍ୟ କେତେ ସୁରକ୍ଷିତ ?

ଡିଜିଟାଲ ଇଣ୍ଡିଆର ସ୍ୱପ୍ନ ଏବଂ ଇ-ଗଭର୍ଣ୍ଣାନ୍ସ ବ୍ୟବସ୍ଥାର ପ୍ରସାର ଭାରତରେ ଏକ ନୂତନ ଯୁଗର ଆରମ୍ଭ କରିଥିଲେ ମଧ୍ୟ ନିକଟରେ ଉମଙ୍ଗ (UMANG) ପୋର୍ଟାଲରେ ଦେଖାଦେଇଥିବା ସୁରକ୍ଷା ତ୍ରୁଟି ଦେଶର ସାଇବର ସୁରକ୍ଷା ଭିତ୍ତିଭୂମିର ଏକ ଭୟାନକ ଚିତ୍ର ସାମ୍ନାକୁ ଆଣିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ନଅ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଏହି ୟୁନିଫାଇଡ୍ ମୋବାଇଲ୍ ଆପ୍ଲିକେସନ୍ ଫର୍ ନ୍ୟୁ-ଏଜ୍ ଗଭର୍ଣ୍ଣାନ୍ସ ବା ଉମଙ୍ଗ ପୋର୍ଟାଲରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କର ପ୍ରାୟ ୨୪୦୦ ରୁ ଅଧିକ ସେବା ଉପଲବ୍ଧ ରହିଛି । ସାଧାରଣ ନାଗରିକମାନଙ୍କୁ ଗୋଟିଏ ପ୍ଲାଟଫର୍ମ ମାଧ୍ୟମରେ ସମସ୍ତ ସରକାରୀ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ପୋର୍ଟାଲର ପରିକଳ୍ପନା କରାଯାଇଥିଲା । କିନ୍ତୁ ଅକ୍ଷୟ ସି.ଏସ୍. ଏବଂ ଭିରାଲ ବାଘେଲା ନାମକ ଦୁଇଜଣ ସ୍ୱାଧୀନ ସୁରକ୍ଷା ଗବେଷକଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଏହି ପୋର୍ଟାଲରେ ଥିବା ଏକାଧିକ ସୁରକ୍ଷା ତ୍ରୁଟି କାରଣରୁ ଲକ୍ଷ ଲକ୍ଷ ଭାରତୀୟଙ୍କର ବ୍ୟକ୍ତିଗତ ତଥ୍ୟ ବିପଦରେ ପଡ଼ିଛି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ଯେ ଏହି ତ୍ରୁଟିଗୁଡ଼ିକ ବୋଧହୁଏ ବର୍ଷ ବର୍ଷ ଧରି ରହିଆସିଛି ଏବଂ ପୋର୍ଟାଲର ମୂଳ ଢାଞ୍ଚା ହିଁ ଡିଜାଇନ୍ ଦୃଷ୍ଟିରୁ ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ବୋଲି ଗବେଷକମାନେ ଅଭିହିତ କରିଛନ୍ତି । ଏହି ଘଟଣା କେବଳ ଏକ ସାଧାରଣ ବୈଷୟିକ ତ୍ରୁଟି ନୁହେଁ ବରଂ ନାଗରିକମାନଙ୍କର ବ୍ୟକ୍ତିଗତ ଗୋପନୀୟତା ଅଧିକାର ଉପରେ ଏକ ବଡ଼ ଆଘାତ ଅଟେ ଯାହାକି ସରକାରୀ ବ୍ୟବସ୍ଥାର ଦାୟିତ୍ୱହୀନତାକୁ ସ୍ପଷ୍ଟ ଭାବରେ ଦର୍ଶାଉଛି ।

ଉମଙ୍ଗ ପୋର୍ଟାଲରୁ ଲିକ୍ ହୋଇଥିବା ତଥ୍ୟଗୁଡ଼ିକ ମଧ୍ୟରେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (EPFO) ର ୟୁନିକ୍ ଆକାଉଣ୍ଟ୍ ନମ୍ବର (UAN), ଏଲପିଜି ସିଲିଣ୍ଡର ବୁକିଂ ବିବରଣୀ ଏବଂ ବିଭିନ୍ନ ସେବାରେ ସଂରକ୍ଷିତ ଥିବା ଆଧାର ନମ୍ବର ଅନ୍ତର୍ଭୁକ୍ତ ରହିଛି । ଆଧାର ଅଧିନିୟମ, ୨୦୧୬ ର ନିୟମାବଳୀ ଅନୁଯାୟୀ କୌଣସି ପରିସ୍ଥିତିରେ ଆଧାର ନମ୍ବରକୁ ସିଧାସଳଖ ପ୍ଲେନଟେକ୍ସଟ୍ ଆକାରରେ ସାଇତି ରଖିବା ସମ୍ପୂର୍ଣ୍ଣ ବେଆଇନ ଅଟେ । ତଥାପି ଉମଙ୍ଗ ପୋର୍ଟାଲର ବିଭିନ୍ନ ସେବାରେ ଏହା ବିନା କୌଣସି ଏନକ୍ରିପସନରେ ଖୋଲାଖୋଲି ଭାବରେ ଉପଲବ୍ଧ ଥିଲା ଯାହାକି ଆଇନର ଏକ ସିଧାସଳଖ ଉଲ୍ଲଂଘନ ଅଟେ । ଇପିଏଫଓ ମଡ୍ୟୁଲ୍ ହେଉଛି ଉମଙ୍ଗର ସବୁଠାରୁ ଅଧିକ ବ୍ୟବହୃତ ସେବା ଯେଉଁଥିରେ ଗତ ତିନି ମାସ ମଧ୍ୟରେ ୪୦ କୋଟିରୁ ଅଧିକ ନେଣଦେଣ ହୋଇଛି । ଏହି ସଂଖ୍ୟାରୁ ହିଁ ସହଜରେ ଅନୁମାନ କରାଯାଇପାରେ ଯେ କେତେ ବଡ଼ ଧରଣର ଆର୍ଥିକ ତଥ୍ୟ ସାଇବର ଅପରାଧୀଙ୍କ ହାତରେ ପଡ଼ିବାର ଆଶଙ୍କା ରହିଛି । ସ୍ୱାଧୀନ ସୁରକ୍ଷା ଗବେଷକ କରଣ ସାଇନିଙ୍କ ମତରେ ଏହି ତ୍ରୁଟିର ସୁଯୋଗ ନେଇ ସାଇବର ଅପରାଧୀମାନେ ଲୋକଙ୍କ ୟୁଏଏନ୍ ନମ୍ବର ବ୍ୟବହାର କରି ବ୍ୟାଙ୍କ ଆକାଉଣ୍ଟ୍ ବିବରଣୀ ପରିବର୍ତ୍ତନ କରିପାରିବେ ଏବଂ ବହୁ ପରିମାଣର ଅର୍ଥ ହଡ଼ପ କରିପାରିବେ । ସାଧାରଣ ଶ୍ରମିକ ଏବଂ କର୍ମଚାରୀମାନଙ୍କର ଜୀବନବ୍ୟାପୀ ସଞ୍ଚୟ ଯଦି ଏତେ ସହଜରେ ବିପଦରେ ପଡ଼ିପାରୁଛି ତେବେ ଡିଜିଟାଲ୍ ସେବାର ନିରାପତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ ଅଟେ । ସରକାରଙ୍କ ପ୍ରତିକ୍ରିୟା ଏବଂ ଏହାର ଅପର୍ଯ୍ୟାପ୍ତତାକୁ ବିଶ୍ଳେଷଣ କଲେ ସ୍ଥିତି ଆହୁରି ନିରାଶାଜନକ ମନେହୁଏ । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ (MeitY) ଏହି ତ୍ରୁଟିକୁ ସ୍ୱୀକାର କରିବା ସହ ସମ୍ପୃକ୍ତ ଏପିଆଇ ଗୁଡ଼ିକରେ ଥିବା ତଥ୍ୟକୁ ଏନକ୍ରିପ୍ଟ କରାଯାଇଛି ଏବଂ ଆବଶ୍ୟକୀୟ ପ୍ରତିଷେଧକ ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଦାବି କରିଛି । କିନ୍ତୁ ଗବେଷକମାନେ ଏହି ଦାବିକୁ ଖଣ୍ଡନ କରି କହିଛନ୍ତି ଯେ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଏନକ୍ରିପସନ୍ ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ ଏବଂ ଏକ ସାଧାରଣ କୌଶଳ ପ୍ରୟୋଗ କରି ଏହାକୁ ସହଜରେ ଭାଙ୍ଗି ଦିଆଯାଇପାରିବ । ସରକାର ପ୍ରକୃତ ସୁରକ୍ଷା ବଦଳରେ କେବଳ ଅସ୍ପଷ୍ଟତା ମାଧ୍ୟମରେ ସୁରକ୍ଷା ପ୍ରଦାନ କରିବାର ଏକ ବିଫଳ ପ୍ରୟାସ କରିଛନ୍ତି ଏବଂ ଏହି ପ୍ରକ୍ରିୟାରେ ଆଉ ଏକ ନୂଆ ସୁରକ୍ଷା ତ୍ରୁଟି ସୃଷ୍ଟି କରିଛନ୍ତି । ଏହି ଘଟଣା ସାମ୍ନାକୁ ଆସିବା ପରେ ଇପିଏଫଓ ନିଜର ଅନଲାଇନ୍ ପୋର୍ଟାଲକୁ କିଛି ଦିନ ପାଇଁ ବନ୍ଦ ରଖିଥିଲା ଯାହାକି ସମସ୍ୟାର ଗମ୍ଭୀରତାକୁ ପ୍ରମାଣିତ କରୁଛି । ଯେତେବେଳେ ସାରା ଦେଶର କୋଟି କୋଟି ନାଗରିକ ନିଜର ଅତି ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଏବଂ ବ୍ୟକ୍ତିଗତ ତଥ୍ୟ ସରକାରୀ ବ୍ୟବସ୍ଥା ଉପରେ ଅଗାଧ ବିଶ୍ୱାସ କରି ପ୍ରଦାନ କରୁଛନ୍ତି ସେତେବେଳେ ଏଭଳି ଖାମଖିଆଲି ମନୋଭାବ ଆଦୌ ଗ୍ରହଣଯୋଗ୍ୟ ନୁହେଁ । ଏହା ସରକାରୀ ବିଭାଗଗୁଡ଼ିକରେ ଉଚ୍ଚକୋଟୀର ସାଇବର ସୁରକ୍ଷା ଦକ୍ଷତାର ଅଭାବ ଏବଂ ଦୂରଦୃଷ୍ଟିର ଅଭାବକୁ ସ୍ପଷ୍ଟ ଭାବରେ ଦର୍ଶାଉଛି ।

ଏହି ଘଟଣାକୁ କେବଳ ଗୋଟିଏ ପୃଥକ ତ୍ରୁଟି ଭାବରେ ବିଚାର କରିବା ସମ୍ପୂର୍ଣ୍ଣ ଭୁଲ୍ ହେବ କାରଣ ଭାରତରେ ସରକାରୀ ଡାଟାବେସରୁ ତଥ୍ୟ ଚୋରି ହେବା ଏକ ନିୟମିତ ଏବଂ ସାଧାରଣ ଘଟଣାରେ ପରିଣତ ହୋଇଗଲାଣି । ତଥ୍ୟ ଅନୁଯାୟୀ ୨୦୨୩ ମସିହାରେ ଇଣ୍ଡିଆନ୍ କାଉନ୍ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ICMR) ର ସର୍ଭରରୁ ପ୍ରାୟ ୮୧.୫ କୋଟି ଭାରତୀୟଙ୍କର ଆଧାର, ପାସପୋର୍ଟ ଏବଂ କୋଭିଡ୍ ପରୀକ୍ଷା ବିବରଣୀ ଡାର୍କ ୱେବରେ ବିକ୍ରି ପାଇଁ ଉପଲବ୍ଧ ହୋଇଥିଲା ଯାହାକି ଦେଶର ଇତିହାସରେ ସବୁଠାରୁ ବଡ଼ ଡାଟା ଲିକ୍ ଭାବରେ ପରିଗଣିତ ହୋଇଥିଲା । ସେହିପରି କୋୱିନ୍ ପୋର୍ଟାଲରୁ ମଧ୍ୟ ଲୋକଙ୍କ ଟିକାକରଣ ତଥ୍ୟ ଲିକ୍ ହେବାର ଖବର ସାମ୍ନାକୁ ଆସିଥିଲା ଯାହା ସମଗ୍ର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଭାରତୀୟ କମ୍ପ୍ୟୁଟର ଜରୁରୀକାଳୀନ ପ୍ରତିକ୍ରିୟା ଦଳ (CERT-In) ର ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ କେବଳ ୨୦୨୫ ମସିହାରେ ସଂସ୍ଥାଟି ପ୍ରାୟ ୩୦ ଲକ୍ଷ ସାଇବର ଆକ୍ରମଣ ଘଟଣାର ମୁକାବିଲା କରିଛି । ବିଶ୍ୱସ୍ତରୀୟ ଆଇବିଏମ୍ ରିପୋର୍ଟ ଅନୁଯାୟୀ ଗତ କିଛି ବର୍ଷ ମଧ୍ୟରେ ଏକ ଡାଟା ବ୍ରିଚର ହାରାହାରି ମୂଲ୍ୟ କୋଟି କୋଟି ଟଙ୍କାରେ ପହଞ୍ଚିଛି ଯାହାକି ଦେଶର ଅର୍ଥନୀତି ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଉଛି । ଏହିସବୁ ପରିସଂଖ୍ୟାନ ପ୍ରମାଣ କରୁଛି ଯେ ଡିଜିଟାଲ୍ ଭିତ୍ତିଭୂମି ବିସ୍ତାର କରିବାରେ ଭାରତ ଯେତିକି ଦ୍ରୁତ ଗତିରେ ଆଗେଇଛି ତାହାର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସେତିକି ପଛରେ ପଡ଼ିଯାଇଛି । ସରକାରୀ ୱେବସାଇଟ୍ ଏବଂ ଆପ୍ଲିକେସନଗୁଡ଼ିକର ନିର୍ମାଣ ସମୟରେ ସୁରକ୍ଷାକୁ ପ୍ରାଥମିକତା ନଦେଇ କେବଳ ସେବା ପ୍ରଦାନର ବେଗ ଉପରେ ଗୁରୁତ୍ୱ ଦିଆଯାଉଥିବାରୁ ଏଭଳି ସମସ୍ୟା ବାରମ୍ବାର ଉପୁଜୁଛି ଏବଂ ନାଗରିକମାନେ ଏହାର ଶିକାର ହେଉଛନ୍ତି ।

ବିଶ୍ୱସ୍ତରରେ ଦେଖିବାକୁ ଗଲେ ବିକଶିତ ଦେଶଗୁଡ଼ିକ ନିଜର ଡିଜିଟାଲ୍ ଭିତ୍ତିଭୂମିକୁ ସୁରକ୍ଷିତ ରଖିବା ପାଇଁ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଏବଂ ନିରନ୍ତର ବଗ୍ ବାଉଣ୍ଟି କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି ଯେଉଁଥିରେ ସ୍ୱାଧୀନ ଗବେଷକମାନଙ୍କୁ ତ୍ରୁଟି ଖୋଜିବା ପାଇଁ ପୁରସ୍କୃତ କରାଯାଉଛି । ଭାରତ ସରକାର ମଧ୍ୟ ଏହି ଦିଗରେ ଚିନ୍ତା କରିବା ଆବଶ୍ୟକ କାରଣ ସରକାରୀ ବ୍ୟବସ୍ଥା ଭିତରେ ଥିବା ସୀମିତ ସମ୍ବଳ ଏବଂ ବିଶେଷଜ୍ଞଙ୍କ ଦ୍ୱାରା ସମସ୍ତ ପ୍ରକାରର ସାଇବର ବିପଦକୁ ଏଡ଼ାଇବା ସମ୍ଭବ ନୁହେଁ । ଅକ୍ଷୟ ଏବଂ ଭିରାଲଙ୍କ ଭଳି ଗବେଷକମାନେ ଯେତେବେଳେ ସରକାରଙ୍କୁ ତ୍ରୁଟି ସମ୍ପର୍କରେ ଅବଗତ କରାଉଛନ୍ତି ସେତେବେଳେ ସେମାନଙ୍କୁ ଶତ୍ରୁ ନଭାବି ସାଇବର ସୁରକ୍ଷା ଅଭିଯାନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଗ୍ରହଣ କରିବା ଉଚିତ୍ । ଏହା ସହିତ ନ୍ୟାସନାଲ୍ କ୍ରିଟିକାଲ୍ ଇନଫରମେସନ୍ ଇନଫ୍ରାଷ୍ଟ୍ରକ୍ଚର୍ ପ୍ରୋଟେକ୍ସନ୍ ସେଣ୍ଟର୍ ଏବଂ ସର୍ଟ-ଇନ୍ ଭଳି ସଂସ୍ଥାଗୁଡ଼ିକୁ ଅଧିକ କ୍ଷମତା ଏବଂ ସ୍ୱାଧୀନତା ପ୍ରଦାନ କରାଯିବା ଦରକାର ଯାହାଦ୍ୱାରା ସେମାନେ ସରକାରୀ ବିଭାଗଗୁଡ଼ିକର କଠୋର ଅଡିଟ୍ କରିପାରିବେ । ନାଗରିକମାନେ ମଧ୍ୟ ନିଜର ବ୍ୟକ୍ତିଗତ ତଥ୍ୟ ସେୟାର୍ କରିବା ସମୟରେ ଅଧିକ ସତର୍କ ରହିବା ଆବଶ୍ୟକ ଏବଂ ସନ୍ଦେହଜନକ ଲିଙ୍କ୍ କିମ୍ବା ଆପ୍ ଠାରୁ ଦୂରେଇ ରହିବା ଉଚିତ୍ । କିନ୍ତୁ ସର୍ବୋପରି ତଥ୍ୟର ସୁରକ୍ଷା ଦାୟିତ୍ୱ ସେହି ସଂସ୍ଥାର ଅଟେ ଯିଏ ଏହାକୁ ସଂଗ୍ରହ କରୁଛି ତେଣୁ ସରକାର ନିଜର ଉତ୍ତରଦାୟିତ୍ୱରୁ କଦାପି ଓହରି ଯାଇପାରିବେ ନାହିଁ ।

ସାଇବର ସୁରକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ସରକାର ବର୍ତ୍ତମାନ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ (AI) ର ସାହାରା ନେବାକୁ ଯାଉଛନ୍ତି ଯାହାକି ବୈଷୟିକ ଦୃଷ୍ଟିକୋଣରୁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଅଟେ । ସୂଚନା ପ୍ରଯୁକ୍ତିବିଦ୍ୟା ସଚିବ ଏସ୍. କ୍ରିଷ୍ଣନଙ୍କ ସୂଚନା ଅନୁଯାୟୀ ସରକାର ଆନ୍ଥ୍ରୋପିକ୍ କମ୍ପାନୀର ଅତ୍ୟାଧୁନିକ ଏଆଇ ମଡେଲ୍ 'ମିଥୋସ୍' ର ବ୍ୟବହାର କରିବାକୁ ଲକ୍ଷ୍ୟ ରଖିଛନ୍ତି ଯାହା ଦଶନ୍ଧି ଧରି ରହିଆସିଥିବା ଜଟିଳ କୋଡିଂ ତ୍ରୁଟିଗୁଡ଼ିକୁ ସ୍ୱୟଂଚାଳିତ ଭାବରେ ଚିହ୍ନଟ କରି ସମାଧାନ କରିପାରିବ । ବର୍ତ୍ତମାନ ସର୍ଟ-ଇନ୍ ର ଏକ ସ୍ୱତନ୍ତ୍ର ୱାର୍ ରୁମ୍ ରେ ସ୍ଥାନୀୟ ଓପନ୍-ସୋର୍ସ ମଡେଲ୍ ବ୍ୟବହାର କରି ସରକାରୀ କୋଡ୍ ଗୁଡ଼ିକର ଅଡିଟ୍ କରାଯାଉଛି ଯାହା ଏକ ସକାରାତ୍ମକ ଆଭିମୁଖ୍ୟକୁ ଦର୍ଶାଉଛି । କିନ୍ତୁ ଏଠାରେ ମନେରଖିବାକୁ ହେବ ଯେ କେବଳ ଏଆଇ ଉପରେ ନିର୍ଭରଶୀଳ ହେବା କଦାପି ଯଥେଷ୍ଟ ନୁହେଁ କାରଣ ଯଦି ବ୍ୟବସ୍ଥାର ମୂଳ ଡିଜାଇନ୍ ତ୍ରୁଟିପୂର୍ଣ୍ଣ ରହିବ ତେବେ କୌଣସି ବି ଉନ୍ନତ ଜ୍ଞାନକୌଶଳ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିପାରିବ ନାହିଁ । ସରକାରୀ ସଫ୍ଟୱେର୍ ନିର୍ମାଣ ପ୍ରକ୍ରିୟାରେ ଆରମ୍ଭରୁ ହିଁ ସିକ୍ୟୁରିଟି ବାଇ ଡିଜାଇନ୍ ନୀତି ଆପଣାଇବା ଅତ୍ୟନ୍ତ ଜରୁରୀ ଅଟେ ଯାହାଦ୍ୱାରା ଭବିଷ୍ୟତରେ ଏଭଳି ତ୍ରୁଟି ସୃଷ୍ଟି ହେବ ନାହିଁ । ଏହା ସହିତ ସରକାରୀ ବିଭାଗଗୁଡ଼ିକ ମଧ୍ୟରେ ସଠିକ୍ ସମନ୍ୱୟ ରହିବା ଆବଶ୍ୟକ ଯାହାଦ୍ୱାରା ଗୋଟିଏ ପ୍ଲାଟଫର୍ମର ତ୍ରୁଟି ଅନ୍ୟ ପ୍ଲାଟଫର୍ମକୁ ପ୍ରଭାବିତ କରିବ ନାହିଁ । ଉମଙ୍ଗ ପରି ଏକ ଆଗ୍ରିଗେଟର୍ ଆପ୍ ରେ ସୁରକ୍ଷା ତ୍ରୁଟି ରହିଲେ ତାହା ସହିତ ସଂଯୁକ୍ତ ଥିବା ସମସ୍ତ ବିଭାଗର ତଥ୍ୟ ବିପଦରେ ପଡ଼ିଥାଏ ତେଣୁ ଏହାର ସୁରକ୍ଷା ମାନକ ସର୍ବୋଚ୍ଚ ସ୍ତରର ହେବା ଅପରିହାର୍ଯ୍ୟ ଅଟେ ।

ଭାରତରେ ନିକଟରେ ଡିଜିଟାଲ୍ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଅଧିନିୟମ ଲାଗୁ କରାଯାଇଛି କିନ୍ତୁ ସରକାରୀ ସଂସ୍ଥାଗୁଡ଼ିକୁ ଏହି ଆଇନର ଅନେକ ନିୟମରୁ ବ୍ୟାପକ ରିହାତି ଦିଆଯାଇଥିବାରୁ ଏହା ଏକ ବିବାଦୀୟ ପ୍ରସଙ୍ଗ ହୋଇରହିଛି । ଉମଙ୍ଗ ପୋର୍ଟାଲରୁ ତଥ୍ୟ ଲିକ୍ ଘଟଣା ଏହା ପ୍ରମାଣ କରୁଛି ଯେ ସରକାରୀ ସଂସ୍ଥାଗୁଡ଼ିକ ମଧ୍ୟ ନିଜର ଦାୟିତ୍ୱବୋଧରୁ ଖସିଯାଇପାରିବେ ନାହିଁ ଏବଂ ସେମାନଙ୍କୁ ମଧ୍ୟ କଠୋର ତଥ୍ୟ ସୁରକ୍ଷା ନିୟମ ପାଳନ କରିବାକୁ ବାଧ୍ୟ କରାଯିବା ଉଚିତ୍ । ଯେତେବେଳେ ଘରୋଇ କମ୍ପାନୀଗୁଡ଼ିକ ଉପରେ ତଥ୍ୟ ଲିକ୍ ପାଇଁ କୋଟି କୋଟି ଟଙ୍କାର ଜୋରିମାନା ଲଗାଯାଉଛି ସେତେବେଳେ ସରକାରୀ ବିଭାଗଗୁଡ଼ିକର ଅବହେଳା ପାଇଁ କିଏ ଦାୟୀ ରହିବ ତାହା ସ୍ପଷ୍ଟ ଭାବରେ ସ୍ଥିର ହେବା ଦରକାର । ନାଗରିକମାନଙ୍କର ବିଶ୍ୱାସ ହେଉଛି ଯେକୌଣସି ଡିଜିଟାଲ୍ ସରକାରୀ ବ୍ୟବସ୍ଥାର ମୂଳଦୁଆ ଏବଂ ଯଦି ବାରମ୍ବାର ଏଭଳି ତଥ୍ୟ ଚୋରି ହେବ ତେବେ ଲୋକେ ସରକାରୀ ଆପ୍ ବ୍ୟବହାର କରିବାକୁ କୁଣ୍ଠାବୋଧ କରିବେ ଯାହାକି ଡିଜିଟାଲ୍ ଇଣ୍ଡିଆର ଲକ୍ଷ୍ୟକୁ ବାଧାପ୍ରାପ୍ତ କରିବ । ତେଣୁ ସରକାର କେବଳ ନୂଆ ନୂଆ ସେବା ଯୋଡ଼ିବାରେ ବ୍ୟସ୍ତ ନରହି ଉପଲବ୍ଧ ସେବାଗୁଡ଼ିକର ନିରବଚ୍ଛିନ୍ନ ସୁରକ୍ଷା ଅଡିଟ୍ କରିବା, ତୃତୀୟ ପକ୍ଷ ସାଇବର ବିଶେଷଜ୍ଞଙ୍କ ପରାମର୍ଶକୁ ଗୁରୁତ୍ୱ ଦେବା ଏବଂ ତ୍ରୁଟି ଧରାପଡ଼ିଲେ ତାହାକୁ ଲୁଚାଇବା ପରିବର୍ତ୍ତେ ସ୍ୱଚ୍ଛତାର ସହ ତୁରନ୍ତ ସମାଧାନ କରିବା ଆବଶ୍ୟକ । ଉମଙ୍ଗ ପୋର୍ଟାଲର ଏହି ସୁରକ୍ଷା ବିପର୍ଯ୍ୟୟ ଏକ ଗୁରୁତ୍ୱପୂର୍ଣ୍ଣ ଚେତାବନୀ ଅଟେ ଯାହାକୁ ଅଣଦେଖା କଲେ ଭବିଷ୍ୟତରେ ଦେଶକୁ ଏହାର ବହୁତ ବଡ଼ ମୂଲ୍ୟ ଦେବାକୁ ପଡ଼ିବ ଏବଂ ଜାତୀୟ ସୁରକ୍ଷା ପ୍ରତି ମଧ୍ୟ ଏହା ଏକ ବଡ଼ ବିପଦ ସୃଷ୍ଟି କରିବ ।



# ଦକ୍ଷ ଯୁବଶକ୍ତି ହିଁ ବିକଶିତ ଭାରତର ସବୁଠାରୁ ବଡ ଶକ୍ତି

## ସୁବ୍ରତ କୁମାର ଦାସ

ବିଶ୍ୱର ସର୍ବାଧିକ ଯୁବ ଜନସଂଖ୍ୟା ଥିବା ଦେଶମାନଙ୍କ ମଧ୍ୟରେ ଭାରତ ଅନ୍ୟତମ। ଏହି ବିଶାଳ ଯୁବଶକ୍ତି ଦେଶର ସବୁଠାରୁ ବଡ଼ ସମ୍ପଦ। କିନ୍ତୁ ଏହି ସମ୍ପଦ ସେତେବେଳେ ହିଁ ଜାତୀୟ ଶକ୍ତିରେ ପରିଣତ ହେବ, ଯେତେବେଳେ ଯୁବପିଢ଼ି ଶିଳ୍ପ ଓ ସମାଜର ଚାହିଦା ଅନୁଯାୟୀ ଦକ୍ଷତା ଅର୍ଜନ କରିବେ। ଅନ୍ୟଥା ଗୋଟିଏ ପଟେ ବେକାରି ବଢ଼ିବ ଓ ଅନ୍ୟପଟେ ଦକ୍ଷ ଜନଶକ୍ତିର ଅଭାବ ଦେଶର ବିକାଶକୁ ବାଧା ଦେବ। କୃତ୍ରିମ ବୁଦ୍ଧିମତ୍ତା ଓ ସ୍ୱୟଂଚାଳିତ ପ୍ରଯୁକ୍ତି ଆଜି କର୍ମକ୍ଷେତ୍ରର ଚିତ୍ରକୁ ଦ୍ରୁତ ଗତିରେ ବଦଳାଇ ଦେଉଛି। କେତେକ ପାରମ୍ପରିକ ଚାକିରି ଲୋପ ପାଉଥିବା ବେଳେ ସାଇବର ସୁରକ୍ଷା, ତଥ୍ୟ ବିଶ୍ଳେଷଣ, ନବୀକରଣଯୋଗ୍ୟ ଶକ୍ତି, ରୋବୋଟିକ୍ସ, ସ୍ୱାସ୍ଥ୍ୟସେବା, ଡିଜିଟାଲ ବିପଣନ ଓ ଉନ୍ନତ ଉତ୍ପାଦନ ଭଳି କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି ହେଉଛି। ତେଣୁ ପରିବର୍ତ୍ତନକୁ ଭୟ କରିବା ପରିବର୍ତ୍ତେ ନୂତନ କୌଶଳ ଶିଖିବା ଓ ଆଜୀବନ ଶିକ୍ଷାକୁ ଗ୍ରହଣ କରିବା ସମୟର ଆବଶ୍ୟକତା ଅଛି।

ପ୍ରତ୍ୟେକ ପିଢ଼ି ଏକ ଭିନ୍ନ ପୃଥିବୀର ଉତ୍ତରାଧିକାରୀ ହୋଇଥାଏ। ଆଜିର ଯୁବପିଢ଼ି ଏପରି ଏକ ସମୟରେ ପଦାର୍ପଣ କରୁଛି, ଯେଉଁଠାରେ କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ ପ୍ରଯୁକ୍ତି, ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱବ୍ୟାପୀ ପ୍ରତିଯୋଗିତା ଜୀବନ ଓ କର୍ମକ୍ଷେତ୍ରର ନୂତନ ସଂଜ୍ଞା ଲେଖୁଛି। ଏପରି ପରିବର୍ତ୍ତନଶୀଳ ପରିବେଶରେ ସଫଳତା କେବଳ ଶିକ୍ଷାଗତ ସାର୍ଟିଫିକେଟ୍‌ରେ ସୀମିତ ନୁହେଁ; ବରଂ ଜଣେ ବ୍ୟକ୍ତିଙ୍କର ବ୍ୟବହାରିକ ଦକ୍ଷତା, ସୃଜନଶୀଳତା ଓ ନିଜକୁ ସମୟ ସହିତ ଖାପ ଖୁଆଇବାର କ୍ଷମତା ହିଁ ତାଙ୍କର ପ୍ରକୃତ ପରିଚୟ ହୋଇଉଠୁଛି। ତେଣୁ ପ୍ରତିବର୍ଷ ପାଳିତ ବିଶ୍ୱ ଯୁବ ଦକ୍ଷତା ଦିବସ କେବଳ ଏକ ଔପଚାରିକ ପାଳନ ନୁହେଁ; ଏହା ଯୁବଶକ୍ତିକୁ ସଶକ୍ତ କରିବା ପାଇଁ ବିଶ୍ୱର ସାମୂହିକ ଆହ୍ୱାନ।

ଶିକ୍ଷା ନିଶ୍ଚିତ ଭାବେ ବିକାଶର ମୂଳଦୁଆ, କିନ୍ତୁ ଦକ୍ଷତାବିହୀନ ଶିକ୍ଷା ଅନେକ ସମୟରେ ଯୁବକ-ଯୁବତୀଙ୍କୁ ନିଯୁକ୍ତି ବଜାରର ବାସ୍ତବ ଚାହିଦାଠାରୁ ଦୂରେଇ ରଖେ। ଆଜି ନିଯୁକ୍ତିଦାତାମାନେ କେବଳ ଡିଗ୍ରୀ ନୁହେଁ, ବରଂ ସମସ୍ୟାର ସମାଧାନ କରିବାର କ୍ଷମତା, ଫଳପ୍ରଦ ଯୋଗାଯୋଗ, ସୃଜନଶୀଳ ଚିନ୍ତାଧାରା, ଦଳଗତ କାର୍ଯ୍ୟଦକ୍ଷତା ଓ ନୂତନ ପ୍ରଯୁକ୍ତି ସହ ନିଜକୁ ଖାପ ଖୁଆଇବାର ସାମର୍ଥ୍ୟକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଡିଜିଟାଲ ଦକ୍ଷତା, ସମାଲୋଚନାତ୍ମକ ଚିନ୍ତନ, ଉଦ୍ୟୋଗୀ ମନୋଭାବ, ଭାବନାତ୍ମକ ବୁଦ୍ଧିମତ୍ତା ଓ ନେତୃତ୍ୱ ଗୁଣ ଆଧୁନିକ ଯୁଗର ଅପରିହାର୍ଯ୍ୟ ସମ୍ପଦରେ ପରିଣତ ହୋଇଛି।

ଦକ୍ଷତା ବିକାଶକୁ କେବଳ ଚାକିରି ପାଇବାର ମାଧ୍ୟମ ଭାବେ ଗ୍ରହଣ କଲେ ହେବ ନାହିଁ। ବରଂ,ଏହା ଆତ୍ମନିର୍ଭରଶୀଳତା, ଉଦ୍ୟୋଗୀ ମନୋଭାବ, ନବସୃଜନ ଓ ଆତ୍ମବିଶ୍ୱାସର ମୂଳ ଆଧାର ସହ ଜଡ଼ିତ ହେବା ଉଚିତ୍। ଜଣେ ଦକ୍ଷ ଯୁବ ଉଦ୍ୟୋଗୀ କେବଳ ନିଜ ପାଇଁ ନୁହେଁ, ଅନେକଙ୍କ ପାଇଁ ରୋଜଗାର ସୃଷ୍ଟି କରିପାରେ। ଜଣେ ଡିଜିଟାଲ ଦକ୍ଷ ଗ୍ରାମୀଣ ଯୁବକ ବିଶ୍ୱ ବଜାର ସହ ସଂଯୋଗ ସ୍ଥାପନ କରିପାରେ। ଜଣେ ପ୍ରଶିକ୍ଷିତ କାରିଗର ନିଜର ପାରମ୍ପରିକ କଳାକୁ ସଂରକ୍ଷଣ କରିବା ସହିତ ସମ୍ମାନଜନକ ଜୀବିକା ମଧ୍ୟ ଅର୍ଜନ କରିପାରେ।

ତଥାପି ଆମ ସମ୍ମୁଖରେ ଅନେକ ଆହ୍ୱାନ ରହିଛି। ଅନେକ ଶିକ୍ଷାନୁଷ୍ଠାନରେ ପାଠ୍ୟକ୍ରମ ଓ ଶିଳ୍ପଜଗତର ଚାହିଦା ମଧ୍ୟରେ ଏବେ ବି ଯଥେଷ୍ଟ ବ୍ୟବଧାନ ରହିଛି। ବୃତ୍ତିଗତ ଶିକ୍ଷାକୁ ଆଜି ମଧ୍ୟ ସମାଜରେ ଯଥୋଚିତ ସମ୍ମାନ ମିଳୁନାହିଁ। ଗ୍ରାମାଞ୍ଚଳର ଯୁବକ-ଯୁବତୀ, ମହିଳା, ଦିବ୍ୟାଙ୍ଗ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ଲୋକମାନଙ୍କ ପାଖରେ ଗୁଣାତ୍ମକ ପ୍ରଶିକ୍ଷଣ ପହଞ୍ଚାଇବା ଆଜି ମଧ୍ୟ ଏକ ବଡ଼ ଚ୍ୟାଲେଞ୍ଜ ହୋଇ ପଡ଼ିଛି। ଏହାର ସମାଧାନ ପାଇଁ ସରକାର, ଶିକ୍ଷାନୁଷ୍ଠାନ, ଶିଳ୍ପ ସଂସ୍ଥା, ସ୍ୱେଚ୍ଛାସେବୀ ସଂଗଠନ ଓ ସମାଜର ସମସ୍ତ ଅଂଶୀଦାରଙ୍କ ସମନ୍ୱିତ ପ୍ରୟାସ ଅପରିହାର୍ଯ୍ୟ।

ସେହିପରି, ବୈଷୟିକ ଦକ୍ଷତା ସହ ନୈତିକ ମୂଲ୍ୟବୋଧର ବିକାଶ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ ଅଟେ। ସଚ୍ଚୋଟତା, ଶୃଙ୍ଖଳା, ସହାନୁଭୂତି, ଦାୟିତ୍ୱବୋଧ, ନେତୃତ୍ୱ ଓ ସହନଶୀଳତା ଭଳି ଗୁଣ କୌଣସି ପ୍ରଯୁକ୍ତି ଦ୍ୱାରା ପ୍ରତିସ୍ଥାପିତ ହୋଇପାରିବ ନାହିଁ। ଆଗାମୀ ଦିନର କର୍ମଜୀବୀ କେବଳ ଦକ୍ଷ ନୁହେଁ, ବରଂ ଦାୟିତ୍ୱବାନ୍ ଓ ମାନବିକ ହେବା ମଧ୍ୟ ଆବଶ୍ୟକ। ବିଶ୍ୱ ଯୁବ ଦକ୍ଷତା ଦିବସ ଆମକୁ ଆହ୍ୱାନ କରେ ଯେ, ଯୁବପିଢ଼ିଙ୍କ ଦକ୍ଷତାରେ ବିନିଯୋଗ କରିବା ହେଉଛି ଜାତିର ଭବିଷ୍ୟତରେ ବିନିଯୋଗ କରିବା। ପ୍ରତ୍ୟେକ ଦକ୍ଷ ଯୁବକ କେବଳ ନିଜର ସଫଳତାର ପ୍ରତୀକ ନୁହେଁ; ସେ ଏକ ସଶକ୍ତ ପରିବାର, ଏକ ସମୃଦ୍ଧ ଅର୍ଥନୀତି ଓ ଏକ ପ୍ରଗତିଶୀଳ ସମାଜର ନିର୍ମାତା।

ତେବେ,ଏହି ଦିବସରେ କେବଳ ଔପଚାରିକ ପାଳନରେ ସୀମିତ ନ ରହି, ପ୍ରତ୍ୟେକ ଯୁବକ ଓ ଯୁବତୀଙ୍କୁ ଗୁଣାତ୍ମକ ଶିକ୍ଷା, ଆଧୁନିକ ଦକ୍ଷତା, ସମାନ ସୁଯୋଗ ଓ ଆତ୍ମବିଶ୍ୱାସ ପ୍ରଦାନ କରିବାର ସଂକଳ୍ପ ନେବା। କାରଣ, ଭବିଷ୍ୟତ ସେମାନଙ୍କର, ଯେଉଁମାନେ ଆଜିଠାରୁ ନିଜକୁ ଦକ୍ଷ କରିବାର ପ୍ରସ୍ତୁତି ନେଉଛନ୍ତି। ଯୁବଶକ୍ତିର ହାତରେ ଦକ୍ଷତାର ଅସ୍ତ୍ର ଦେବା ହିଁ ଏକ ସମୃଦ୍ଧ, ଆତ୍ମନିର୍ଭର ଓ ବିକଶିତ ଭାରତ ଗଠନର ସର୍ବୋତ୍ତମ ପଥ ହେବ ।

+ରାଜେନ୍ଦ୍ରପୁର,
ବାରିକପୁର ବଜାର, ଭଦ୍ରକ
ମୋ:୯୪୩୭୭୩୧୯୦୩



# ଶ୍ରୀଜଗନ୍ନାଥାମୃତମ୍

## ପଣ୍ଡିତ ଦୈତ୍ୟାରି ମହାପାତ୍ର

ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ।
ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟତେ ନମଃ ॥

ପୁରୀ ଓଡ଼ିଶା ରାଜ୍ୟର ବଙ୍ଗୋପସାଗର (ଯାହାର ପୂର୍ବବର୍ତ୍ତୀ ନାମ ଥିଲା କଳିଙ୍ଗ ସାଗର) କୂଳରେ ଅବସ୍ଥିତ। ଏଠାକାର ଦେଉଳକୁ ବଡ଼ଦେଉଳ, ଦାଣ୍ଡକୁ ବଡ଼ଦାଣ୍ଡ, ପ୍ରସାଦକୁ ମହାପ୍ରସାଦ ମାନ୍ୟତା ଦିଆଯାଇଛି। ଶ୍ରୀଜଗନ୍ନାଥ, ଶ୍ରୀ ବଳଭଦ୍ର, ମା' ସୁଭଦ୍ରା ଏବଂ ସୁଦର୍ଶନ ପ୍ରଭୁ ଚତୁର୍ଦ୍ଧାମୂର୍ତ୍ତି ରୂପେ ସିଂହାସନରେ ପୂଜା ପାଉଛନ୍ତି। ବଡ଼ ଦେଉଳରେ ଉଡୁଥିବା ପତାକାରେ ସ୍ୱୟଂ ହନୁମାନ ବିରାଜମାନ ହୋଇଛନ୍ତି। ପତାକା ତଳେ ଥିବା ଚକ୍ରକୁ "ନୀଳଚକ୍ର" କୁହାଯାଏ। ବାର ମାସରେ ତେର ପର୍ବ ଏଠାରେ ପାଳିତ ହେଉଥିବା ସହିତ ପ୍ରତ୍ୟହ ଛପନ ଭୋଗ ଲାଗି କରାଯାଇଥାଏ। ତେଣୁ ମହାପ୍ରଭୁଙ୍କୁ "ଛପନଭୋଗୀ" କୁହାଯାଏ। ମହାପ୍ରସାଦକୁ ସେବନ କରୁଥିବା ସମୟରେ ଚଣ୍ଡାଳ ଠାରୁ ବ୍ରାହ୍ମଣ ପର୍ଯ୍ୟନ୍ତ ଜାତିଭେଦ ଭୁଲି ପାତର ଅନ୍ତର ନରଖି ଗ୍ରହଣ କରନ୍ତି। ଯେଉଁଠାରେ ମହାପ୍ରସାଦ ମିଳେ ସେ ସ୍ଥାନକୁ "ଆନନ୍ଦ ବଜାର" କୁହାଯାଏ। ବଡ଼ଦେଉଳରେ ଚାରିଦ୍ୱାର ଅଛି, ପୂର୍ବଦ୍ୱାରକୁ ସିଂହଦ୍ୱାର ବା ଧର୍ମଦ୍ୱାର, ପଶ୍ଚିମଦ୍ୱାରକୁ ବ୍ୟାଘ୍ରଦ୍ୱାର ବା କାମଦ୍ୱାର, ଦକ୍ଷିଣ ଦ୍ୱାରକୁ ଅଶ୍ୱଦ୍ୱାର ବା ଅର୍ଥଦ୍ୱାର ଏବଂ ଉତ୍ତର ଦ୍ୱାରକୁ ହସ୍ତୀଦ୍ୱାର ବା ମୋକ୍ଷଦ୍ୱାର କୁହାଯାଏ। ମନ୍ଦିରର ଉଚ୍ଚତା ୨୧୪'୮ ଫୁଟ ଅଟେ। ମନ୍ଦିରର ସମ୍ମୁଖରେ ଥିବା ଅରୁଣ ସ୍ତମ୍ଭର ଉଚ୍ଚତା ୨୫' ୨ ଫୁଟ ଯାହା କ୍ଲୋରାଇଟ୍ ପଥରରେ ନିର୍ମିତ। ବଡ଼ଦାଣ୍ଡର ଲମ୍ବ ୮୩୨୬ ମିଟର। ସ୍ନାନପୂର୍ଣ୍ଣିମା ଠାରୁ ଏକ ମାସ ପର୍ଯ୍ୟନ୍ତ ଶ୍ରୀ ଜୀଉମାନଙ୍କର ପୂଜାର୍ଚ୍ଚନା ଶବରମାନେ କରିଥାନ୍ତି। ଆଷାଢ଼ ମାସର ଶୁକ୍ଳ ଚତୁର୍ଥୀ ଠାରୁ ଶ୍ରୀଜୀଉ ରଥଯାତ୍ରା ଅବକାଶରେ ପତିତମାନଙ୍କୁ ଦର୍ଶନ ଦେବାଲାଗି ବଡ଼ ଦାଣ୍ଡର ରାଜରାସ୍ତାକୁ ଓହ୍ଲାଇ ଆସନ୍ତି। ନଅଦିନ ପାଇଁ "ମାଉସୀ ମାଆ" ମନ୍ଦିର ଅର୍ଥାତ୍ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ରହନ୍ତି। ବଳଭଦ୍ରଙ୍କ ରଥକୁ "ତାଳଧ୍ୱଜ" ରଥ କୁହାଯାଏ। ଏହାକୁ ଦେବତାମାନେ ତାଳବନରେ ପ୍ରଦାନ କରିଥିଲେ। ତହାର ଉଚ୍ଚତା ୩୨ ହାତ ୧୦ ଆଙ୍ଗୁଳି। ୭୬୩ ଖଣ୍ଡ କାଠଦ୍ୱାରା ୧୪ ଚକ ବିଶିଷ୍ଟ ଏହି ରଥ ନିର୍ମିତ। ରଥ ରକ୍ଷକ ସ୍ୱୟଂ ବାସୁଦେବ, ଆୟୁଧ ହଳ ଓ ମୂଷଳ। ସୁଭଦ୍ରାଙ୍କ ରଥର ନାମ "ଦର୍ପଦଳନ"। ଏହାକୁ ଦେବତାମାନେ ପ୍ରଦାନ କରିଥିଲେ। ଏହାର ଉଚ୍ଚତା ୩୧ ହାତ ୫୯୩ ଖଣ୍ଡ କାଠ ଦ୍ୱାରା ୧୨ ଚକ ବିଶିଷ୍ଟ ଏହି ରଥ ନିର୍ମିତ। ରଥ ରକ୍ଷକ ଜୟଦୁର୍ଗା, ଆୟୁଧ ପଦ୍ମକହ୍ଲାର। ଶ୍ରୀଜଗନ୍ନାଥଙ୍କର ରଥ ନାମ "ନନ୍ଦିଘୋଷ"। ଏହାକୁ ଦେବରାଜ ଇନ୍ଦ୍ର ପ୍ରଦାନ କରିଥିଲେ। ଏହାର ଉଚ୍ଚତା ୩୩ ହାତ। ଏହି ରଥ ୮୩୨ ଖଣ୍ଡ କାଠ ୧୩ ଚକ ବିଶିଷ୍ଟ ଅଟେ। ରଥରକ୍ଷକ ସ୍ୱୟଂ ଗରୁଡ଼, ଆୟୁଧ ଶଙ୍ଖ ଓ ଚକ୍ର ଅଟେ।

ଜଗତର ନାଥ ଶ୍ରୀଜଗନ୍ନାଥଙ୍କର ଉତ୍ପତ୍ତି ସମ୍ବନ୍ଧରେ ବିଭିନ୍ନ ଗ୍ରନ୍ଥମାନଙ୍କରେ ଅନେକ କଥା ଲେଖାଯାଇଅଛି। ମାତ୍ର ଉକ୍ତ ଗ୍ରନ୍ଥ ତଥା ମାଦଳାପାଞ୍ଜିକୁ ଓଲଟାଇଲେ ଜଣାଯାଏ ଯେ ସତ୍ୟଯୁଗର କଥା, ରାଜା ଇନ୍ଦ୍ରଦ୍ୟୁମ୍ନ ଅବନ୍ତୀ ନଗ୍ରରେ ଶାସକ ଥିଲେ। ସେ ପରମ ବିଷ୍ଣୁ ଭକ୍ତ ଥିଲେ। ବିଷ୍ଣୁ ମୂର୍ତ୍ତି ପ୍ରତିଷ୍ଠା କରି ତାହାକୁ ପୂଜା କରିବାକୁ ଇଚ୍ଛା କଲେ।

ଠିକ୍ ସେହି ସମୟରେ ନୀଳଗିରିରେ ଭଗବାନ ବିଷ୍ଣୁ "ନୀଳମାଧବ" ରୂପରେ ପୂଜା ପାଉଥିଲେ। ବିଶ୍ୱାବସୁ ପ୍ରତିଦିନ ଏକାନ୍ତ ଭକ୍ତି ନିଷ୍ଠା ଓ ଏକାଗ୍ରତାର ସହିତ ନୀଳମାଧବଙ୍କୁ ପୂଜା କରୁଥିଲେ। ଏହି ସମ୍ବାଦ ପାଇ ରାଜା ଇନ୍ଦ୍ରଦ୍ୟୁମ୍ନ ସେହି ମୂର୍ତ୍ତିକୁ ଖୋଜିବା ପାଇଁ ବିଦ୍ୟାପତି ନାମକ ଜଣେ ବ୍ରାହ୍ମଣକୁ ପଠାଇଲେ।

ବ୍ରାହ୍ମଣ ବିଦ୍ୟାପତି ସମଗ୍ର ରାଜ୍ୟରେ ବୁଲିବୁଲି ଯାଇ ପହଞ୍ଚିଲେ ବିଶ୍ୱାବସୁ ନାମକ ସେହି ଶବର ଘରେ। ବିଦ୍ୟାପତି ବିଶ୍ୱାବସୁଙ୍କ ମନରେ ବିଶ୍ୱାସ ଜନ୍ମାଇ ତାଙ୍କ ଘରେ ରହିଲେ ମାତ୍ର ତାଙ୍କର ଲକ୍ଷ୍ୟ ରହିଲା ନୀଳମାଧବଙ୍କୁ ଦର୍ଶନ କରିବା। ବିଶ୍ୱାବସୁ ନୀଳମାଧବଙ୍କୁ କାହାକୁ ଦେଖାଉ ନଥିଲେ। ନୀଳମାଧବଙ୍କୁ ଜଗିଥିଲେ ଦୁଇଟି ମହାବଳ ବ୍ୟାଘ୍ର। ସେଠାକୁ ଯିବାକୁ ହେଲେ ବହୁ କଣ୍ଟକିତ ପଥ ଅତିକ୍ରମ କରିବାକୁ ପଡିବ। ବହୁ ହିଂସ୍ରଜନ୍ତୁମାନଙ୍କୁ ମୁକାବିଲା କରିବାକୁ ପଡ଼ିବ। ଅଗନାଅଗନୀ ବନସ୍ତ ମଧ୍ୟରେ ଏକ ବଟଦ୍ରୁମ ମୂଳରେ ମହାପ୍ରଭୁ ରହିଛନ୍ତି। ମାତ୍ର ବିଶ୍ୱାବସୁର କନ୍ୟା ଲଳିତା ହିଁ ମହାପ୍ରଭୁଙ୍କର ଅବସ୍ଥିତି ଏବଂ ଗୁପ୍ତପଥ, ନୀତିକ୍ରାନ୍ତି କଥା ଜାଣିଥିଲେ।

ଶବର ରାଜା ବିଶ୍ୱାବସୁ ଲଳିତାଙ୍କୁ ନିଜ ଆତ୍ମାଠାରୁ ଅଧିକ ଭଲ ପାଉଥିଲେ। ସେ କନ୍ୟାର କଥାରେ ହିଁ ବିଦ୍ୟାପତିଙ୍କୁ ତାଙ୍କ ଘରେ ଆଶ୍ରୟ ଦେଲେ। କାଳକ୍ରମେ ବିଦ୍ୟାପତି ବିଶ୍ୱାବସୁଙ୍କ କନ୍ୟା ଲଳିତାଙ୍କୁ ପ୍ରେମରେ ଫଶାଇ ଦେଲେ। ଲଳିତା ଠାରୁ ହିଁ ପରବର୍ତ୍ତୀ ମୁହୂର୍ତ୍ତରେ ବିଦ୍ୟାପତି ଜାଣିପାରିଲେ ଯେ ଶବରରାଜା ବିଶ୍ୱାବସୁ ବିଷ୍ଣୁରୂପ ନୀଳମାଧବଙ୍କୁ ପୂଜା କରୁଛନ୍ତି। ଏହା ଜାଣି ସେ ବହୁତ ଖୁସୀ ହେଲେ। ମନେ ମନେ ଭାବିଲେ ସେ ଆସି ଠିକଣା ସ୍ଥାନରେ ପହଞ୍ଚିଛନ୍ତି। ଉଦ୍ଦେଶ୍ୟ ନିଶ୍ଚୟ ସାର୍ଥକ ହେବ।

ବିଦ୍ୟାପତି କିଛିଦିନ ପରେ ବିଶ୍ୱାବସୁଙ୍କ ମନରେ ବିଶ୍ୱାସ ଜନ୍ମାଇ କୌଶଳକ୍ରମେ ଲଳିତା ସାହାଯ୍ୟରେ ଭଗବାନ ନୀଳମାଧବଙ୍କୁ ଦର୍ଶନ କଲେ। ତାପରେ ସେ ମାଳବ ଦେଶ ଫେରି ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସବୁକଥା ଜଣାଇଲେ। ବିଦ୍ୟାପତିଙ୍କଠାରୁ ସମସ୍ତ ଶୁଣି ମହାରାଜା ଖୁସୀ ହୋଇ ବହୁ ସୈନ୍ୟସାମନ୍ତ ଧରି ନୀଳମାଧବ ମୂର୍ତ୍ତି ଆଣିବା ପାଇଁ ନୀଳାଚଳରେ ପହଞ୍ଚିଲେ। ମାତ୍ର ଠିକଣା ସ୍ଥାନରେ ନୀଳମାଧବଙ୍କୁ ଦର୍ଶନ ନପାଇ ଦୁଃଖରେ କାତର ହେଲେ। ତେଣେ ଶବର ରାଜା ମଧ୍ୟ ନୀଳମାଧବଙ୍କୁ ଦର୍ଶନ କରି ନପାରି ପାଗଳ ପ୍ରାୟ ଏଣେତେଣେ ଖୋଜିବାକୁ ଲାଗିଲେ।

ମହାରାଜା ଇନ୍ଦ୍ରଦ୍ୟୁମ୍ନ କାତର ହୋଇ ବିଷ୍ଣୁଙ୍କୁ ଧ୍ୟାନ କରୁଥିବା ସମୟରେ ତାଙ୍କୁ ଶୂନ୍ୟବାଣୀ ହେଲା, "ମହାରାଜା! ସମୁଦ୍ର କୂଳରେ ବାଙ୍କୀ ନଦୀ ମୁହାଣରେ ତୁମେ ପ୍ରଭାତରେ ଏକ ଦାରୁ ଭାସମାନ ଅବସ୍ଥାରେ ଦେଖିବ। ତାହାକୁ ଆଣି ନିଷ୍ଠାର ସହିତ ବିଗ୍ରହ ନିର୍ମାଣ କରିବ। ସେହି ବିଗ୍ରହରେ ମୁଁ ପ୍ରତ୍ୟକ୍ଷ ବିରାଜମାନ ହୋଇ ଜଗତକୁ ଦର୍ଶନ କରିବି। ତୁମେ ଶିଳ୍ପୀ ଡାକି ସେହି ଦାରୁରୁ ତିନି ବିଗ୍ରହ ନିର୍ମାଣ କରିବ। ମୋର ନାମ "ଜଗନ୍ନାଥ", ଅନ୍ୟ ଏକ ବିଗ୍ରହ (ମୋର ଜ୍ୟେଷ୍ଠଭ୍ରାତା)ର ନାମ "ବଳଭଦ୍ର" ଏବଂ ଅନ୍ୟ ଏକ ବିଗ୍ରହ (ଆମ ଭଉଣୀ) ର ନାମ "ଶୁଭଦ୍ରା" ଦେବୀ। ଆମେ ବ୍ରହ୍ମା ବିଷ୍ଣୁ ମହେଶ୍ୱର। ଏହି ବିଗ୍ରହରେ ତିନି ଭାଇ ଭଉଣୀ ହୋଇ ରହିବୁ। ମାତ୍ର ମନେରଖ ତୁମେ ଏହି ବିଗ୍ରହ ତିଆରି ପାଇଁ ବିଷ୍ଣୁ ପୂଜକ ଶିଳ୍ପୀଦ୍ୱାରା ଏକୋଇଶି ଦିନରେ ସମାପ୍ତ କରିବ। ବିଗ୍ରହ ପୂର୍ଣ୍ଣ ନିର୍ମାଣ ନ ହେବାଯାଏ ଏକଥା କାହାରିକୁ କହିବ ନାହିଁ।"

ସ୍ୱପ୍ନାଦେଶ ପାଇ ରାଜା ଇନ୍ଦ୍ରଦ୍ୟୁମ୍ନ ତା'ପର ଦିନ ପ୍ରଭାତରେ ବାଙ୍କୀ ମୁହାଣକୁ ଯାଇ ଭାସମାନ ଦାରୁକୁ ଦେଖି ଅତ୍ୟନ୍ତ ଖୁସୀ ହେଲେ। ଦୈବୀବାଣୀ ଅନୁଯାଇ ଦାରୁରେ ମୂର୍ତ୍ତି ନିର୍ମାଣ ପାଇଁ ବହୁତ ଶିଳ୍ପୀ ଡକାଇଲେ।

ଯେତେ ଶିଳ୍ପୀ ଆସିଲେ କେହି ବିଗ୍ରହ ନିର୍ମାଣ କରିପାରିଲେ ନାହିଁ। ଶେଷରେ କିଛିଦିନ ପରେ ଜଣେ ବୁଢ଼ା ଶିଳ୍ପୀ ଆସିଲେ। ସେ ୨୧ ଦିନରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଶେଷ କରିବେ ବୋଲି କହିଲେ। କିନ୍ତୁ ସେ ସର୍ତ୍ତ ରଖିଲେ ଯେ ସେ ଏକା ହିଁ ନିର୍ମାଣ କରିବେ। ଏକୋଇଶି ଦିନ ପରେ ରାଜା ଦ୍ୱାର ଖୋଲିବେ। ତା ପୂର୍ବରୁ କେହି ଦ୍ୱାର ଖୋଲିବେ ନାହିଁ। ମୁଁ ଏକୋଇଶ ଦିନ ପର୍ଯ୍ୟନ୍ତ କିଛି ଭୋଜନ କରିବି ନାହିଁ। ରାଜା ତାହାକୁ ବିଶ୍ୱାସ କରି ଏହା ଭଗବାନଙ୍କର ଇଚ୍ଛା ଭାବି ତାଙ୍କ କଥାରେ ସମ୍ମତି ହେଲେ।

ତାପରେ ବୁଢ଼ାଶିଳ୍ପୀ ଆବଦ୍ଧ ଗୃହ ମଧ୍ୟରେ ପଶି ଦାରୁରୁ ବିଗ୍ରହ ନିର୍ମାଣ କରିବାରେ ଲାଗିଲେ। ରାଣୀ ଗୁଣ୍ଡିଚା ପ୍ରତିଦିନ କବାଟ ପାଖରେ କାନଡେରି ଶିଳ୍ପୀର ଠକ୍ ଠକ୍ ଶବ୍ଦ ଶୁଣି ଫେରି ଆସୁଥିଲେ। ଏହିପରି ଦିନପରେ ଦିନ ଅତିବାହିତ ହେବାକୁ ଲାଗିଲା। ଚାରିଆଡ଼େ ଆନନ୍ଦର ଲହରୀ ଖେଳି ଯାଇଥାଏ।

ମାତ୍ର ପନ୍ଦରଦିନ ସକାଳେ ରାଣୀ କବାଟ ପାଖରୁ କୌଣସି ଶବ୍ଦ ନ ଶୁଣି ରାଜାଙ୍କୁ ବିକଳ ହୋଇ କାକୁତି ମିନତି କରି କବାଟ ଖୋଲିବାକୁ କୁହନ୍ତେ ତାଙ୍କ କଥାରେ ପଡି ରାଜା ଇନ୍ଦ୍ରଦ୍ୟୁମ୍ନ କବାଟ ଖୋଲିଦେଲେ।


ମାତ୍ର ଏ କି ଆଶ୍ଚର୍ଯ୍ୟ, ସେ ସମୟରେ ସେ ଘରେ ଶିଳ୍ପୀ ନଥିଲେ କିନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ଶୁଭଦ୍ରା ମୂର୍ତ୍ତିଗୁଡ଼ିକ ଅର୍ଦ୍ଧନିର୍ମିତ ଅବସ୍ଥାରେ ଗଢ଼ା ହୋଇଛନ୍ତି। ଏହା ଦେଖି ମହାରାଜା ଇନ୍ଦ୍ରଦ୍ୟୁମ୍ନ ଦୁଃଖରେ ଅଧୈର୍ଯ୍ୟ ହୋଇ କାନ୍ଦିବାକୁ ଲାଗିଲେ, ମାତ୍ର ଦୈବୀବାଣୀ ହେଲା- "ରାଜା! ତୁମେ ବ୍ୟସ୍ତ ହୁଅ ନାହିଁ। ମୁଁ ମୋ ଇଚ୍ଛାରେ ହିଁ ଏହା ଭିଆଇଛି। ଏହା ମୋର ଲୀଳା। ସେ ଶିଳ୍ପୀ ଆଉ କେହି ନୁହେଁ, ମୁଁ ସ୍ୱୟଂ ଶିଳ୍ପୀ ରୂପରେ ହିଁ ଆସିଥିଲି। ଏ କଳି ଯୁଗରେ ମୁଁ ଏହି ଦାରୁବ୍ରହ୍ମ ରୂପରେ ହିଁ ପୂଜା ପାଇବି। ଏହା ମୋର ଇଚ୍ଛା। ତୁମେ ଏକ ମନ୍ଦିର କରି ସେଥିରେ ଏହି ବିଗ୍ରହଙ୍କୁ ରଖି ବିଧି ବିଧାନର ସହିତ ପୂଜା ଆୟୋଜନ କର।" (କ୍ରମଶଃ)

ରାଜ୍ୟ ଶିକ୍ଷା ଅଧିକାର ଅଧିକାରୀ
ସଂସ୍କୃତି ସଂଯୋଜକ- ତଥା
ମୁଖ୍ୟ ସଂପାଦକ- କଳିଙ୍ଗ ସମାଜ,
ଭୁବନେଶ୍ୱର, ଓଡ଼ିଶା
ମୋ: ୮୭୬୩୫୪୩୨୦୨

କବିତା କୋଣାର୍କ

## ଆତ୍ମୀୟତା: ଏକ ଅନନ୍ତ ଯାତ୍ରା

### ବଂଶୀଧର ମାଝୀ



ଅଣନିଶ୍ୱାସୀ ଏ ସହରର କୋଳାହଳ
କିଏ କାହାକୁ ବା ଖୋଜେ ?
ସମୟର ଚକ ପେଶି ଦିଏ ସ୍ୱପ୍ନକୁ
ବ୍ୟସ୍ତତାର ବୋଝେ ।
ମୁଁ ବି ହଜିଯାଏ ସେଇ ଭିଡ଼ ଭିତରେ
କିନ୍ତୁ ଶୁଭେ ସେଇ ଅନାବିଳ ସ୍ୱର
ଛାତିର କେଉଁ ଗହୀର କୋଣରୁ
ଡାକୁଥାଏ ଯେଉଁଠି ମୋ ଆପଣାର ।

ଭାଗ୍ୟର ଶିକୁଳି ହେଉ ପଛେ ଶକ୍ତ
କିମ୍ବା ପରିସ୍ଥିତିର ପାଚେରୀ ଉଚ୍ଚ
ଆତ୍ମୀୟତାର ସାମ୍ନାରେ ସଂସାରର
ସବୁ ପ୍ରତିବନ୍ଧକ ସାଜେ ତୁଚ୍ଛ ।
ଆଖି ଯଦି ଚିହ୍ନି ନପାରେ ଚେହେରା
ମନ ତ ଚିହ୍ନିବ ସେ ସ୍ପନ୍ଦନ
ନିଜ ଭିତରେ ନିଜକୁ ଖୋଜିବା ହିଁ ତ
ଜୀବନର ଅସଲ ଅନ୍ୱେଷଣ ।

ଅଚିହ୍ନା ମଣିଷ ବି ଆପଣାର ହୁଏ
ଯଦି ହୃଦୟରେ ଥାଏ ପ୍ରେମର ଭାଷା
ପରିଚୟ ତ ମାତ୍ର ଏକ ବାହାନା
ସ୍ନେହ ହିଁ ଜଗାଏ ବଞ୍ଚିବାର ଆଶା ।

କଇଁ ଆଉ ଜହ୍ନର ସେ ସମ୍ପର୍କ ଭଳି
ନଥାଉ ସେଠି କୌଣସି ଆସକ୍ତି
ଦୂରତା ଯେତେ ଥାଉ
ପଛେ ଦୁହିଁଙ୍କ ମଧ୍ୟେ
ସେ ପ୍ରେମରେ ଥାଏ ଅପାର ଶକ୍ତି ।
ଏହା ହିଁ ତ ଚିରନ୍ତନ, ଏହା ହିଁ ଶାଶ୍ୱତ
ସ୍ୱାର୍ଥର ଉର୍ଦ୍ଧ୍ୱରେ ଏକ ପବିତ୍ର ବନ୍ଧନ
ମାଟିରୁ ଆକାଶ ଯାଏଁ ଯିଏ
ବିଛାଇ ଦିଏ
ଅଫୁରନ୍ତ ଆନନ୍ଦର ଶିହରଣ ।

ଏ ଦୁନିଆରେ ଜନ୍ମ ଆଉ ମୃତ୍ୟୁ ଏକା
କେହି କାହାର ନୁହନ୍ତି ସତେ
କିନ୍ତୁ ପରକୁ ଆପଣେଇ ନେବାରେ ହିଁ
ସାର୍ଥକ ହୁଏ ଏ ଜୀବନ ମେଳେ ।
ଆସ, ସବୁ ଭେଦଭାବ
ପାଶୋରି ଦେଇ
ହାତରେ ହାତ ମିଳାଇ ଚାଲିବା
ମିଳିମିଶି ଏଇ ବସୁଧା ବୁକୁରେ
ଜୀବନର ମହାନ ସଂଗୀତ ଗାଇବା ।

+ଫଟାମୁଣ୍ଡା, ଘଣ୍ଟାପଡା,
ବୌଦ୍ଧ-୭୬୨୦୧୮
ମୋ: ୯୧୭୮୮୦୩୩୮୮

## ମୌସୁମୀଟା ଆସି ଛୁଇଁ ଗଲା ପରେ

### ବିଜୟ କୁମାର ବେହେରା

ବସୁଧାର ପ୍ରତି ଅଙ୍ଗେ ।
ଆଗରୁ ଅଧିକ ସୁନ୍ଦର ଦିଶେ ସେ
ସବୁଜିମା ଭରା ରଙ୍ଗେ ।।

ସଜ ପଲ୍ଲବିତ ଶାଢୀଟିଏ ପିନ୍ଧି ସବୁଜ
ଦିଶେ ତା ମାଟି ବାଲି ।
କେଉଁ ଉନ୍ମାଦନା ଭରିଲା ମୌସୁମୀ
ହସୁଛି ସେ ଖିଲି ଖିଲି ॥

ନାଲି ଟୁକୁଟୁକୁ ସାଧବବୋହୂଟା ଦିଶେ
ଲାବଣ୍ୟବତୀର ସିନ୍ଦୁର ଟୋପା ।
ବର୍ଷା ଭିଜା ମାଟି ଭୁରୁ ଭୁରୁ ଗନ୍ଧ
ମହକେ କନକ ଚମ୍ପା ।।

ପବନ ସାଥିରେ ବରଷା ଝୁମୁଛି
ମେଘର ଓଢଣା ଟାଣି ।
ସବୁଜିମା ଅଂଙ୍ଗେ ଶୁଭ୍ର ଓଢଣୀଟା
ମନ ନେଉଅଛି କିଣି ।।

ଇନ୍ଦ୍ରଧନୁ ସାତରଙ୍ଗ ଦ୍ୱିଗୁଣିତ ଶୋଭା
ବଢାଏ ତାର ।
ଅପୂର୍ବ ସେ ମନଲୋଭା ଦୃଶ୍ୟ
ଆହା କି ମନୋହର ।।

ତୁମେ ମାଆ ମୋର କେତେଯେ ସୁନ୍ଦର
ଜଗତ ପାଳିବା କାମ ।
ତୁମ ବିନା ଏହି ଦୁନିଆଁ ଅଧୁରା
ସର୍ବଂସହା ତୁମ ନାମ ।।

+କେନ୍ଦୁଡାଙ୍ଗିରୀ,
ରୁପସା, ବାଲେଶ୍ୱର
ମୋ-୯୭୭୬୮୧୯୯୬୬

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୧୪ ଜୁଲାଇ ୨୦୨୬, ମଙ୍ଗଳବାର

# କବିତାମାଳା

## କି ସୁନ୍ଦର ଲୀଳା ତାର
### ପ୍ରଶାନ୍ତ କୁମାର ଦାଶ



ବରଷକ ପରେ ବଡ଼ଦାଣ୍ଡ ଦେହେ
ଗଡ଼ିଯିବ ତିନି ରଥ
ଉଚ୍ଛୁଳି ଉଠିବ ସାରା ପରିବେଶ
ସଫା ହେଲାଣି ତା ପଥ ।।

କି ସୁନ୍ଦର ଶୋଭା କଳାମାଣିକର
ଦେଖି ଛଳ ଛଳ ଆଖି
ଝୁରି ଝୁରି ତାକୁ ହେଲେଣି ବାୟାଣୀ
ଯଶୋମତୀ ଡାକି ଡାକି ।।

ଆସିଛି ସେ ଛାଡି ଯଶୋମତୀ କୋଳ
ଗୋପ ବାଳକର ମେଳ
ଡାକନ୍ତି ସୁଦାମ ସୁବଳ ଆତୁରେ
ଖେଳିବାକୁ ଧୂଳି ଖେଳ ।।

ରତନବେଦୀକୁ ଛାଡି ଚାଲିଯିବ
ଭାଇ ଭଉଣୀଙ୍କୁ ନେଇ
ରଥରେ ସଭିଙ୍କୁ ଦରଶନ ଦେବ
ଭକତଙ୍କୁ ଖୁସୀ ହେଇ ।।

ଲୀଳା ଖେଳା କରି ଗହଳି କରିବ
ଜଗତଠାକୁର ଜଗା
ମାଆ କହେ ଧନ ହେବୁ ସୁନାପିଲା
ତା ଚରଣେ ମନ ଲଗା ।।

ନଅ ଦିନ ରହି ପୋଡପିଠା ଖାଇ
ବାହୁଡି ଆସିବ ସାଇଁ
ବାହୁଡ଼ା ରଥରେ ବସି ସୁନାବେଶ
ହେବ ଭକତଙ୍କ ପାଇଁ ।।

ରସଗୋଲା ଖାଇ ପଶିବ ଦେଉଳେ
ଯାତରା କରି ସେ ଶେଷ
ତାର ଆଶିଷରେ ମଧୁ ବରଷିବ
ହସି ରାଇଜ ଦେଶ ।।

ଠାକୁରଙ୍କୁ ଦେଖି ଦେବୀ କମଳିନୀ
ଶାନ୍ତ ହେବେ ଛାଡି ରୋଷ
ଷାଠିଏ ପଉଟି ରାନ୍ଧି ଭୁଞ୍ଜାଇବେ
ମହାବାହୁ ହେବେ ତୋଷ ।।

+ କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

## ତୁମେ ଥିଲେ...
### ସ୍ୱାଗତିକା ତରାଇ



ତୁମକୁ ପ୍ରଥମେ ଦେଖିଥିବା କ୍ଷଣଠାରୁ
ମୋ ହୃଦୟର ନିରବ ଉପତ୍ୟକାରେ
କିଏ ଯେ ବସନ୍ତର ବୀଣା ଛୁଇଁ ଦେଇଥିଲା ।
ସେହି ସୁର ଆଜିଯାଏ
ମୋ ନିଶ୍ୱାସରେ ଗୁଞ୍ଜରିତ ହୁଏ ।

ତୁମ ଆଖି—
ଦୁଇଟି ଗଭୀର ଆକାଶ,
ଯେଉଁଠାରେ ମୁଁ ପ୍ରତିଦିନ
ମୋ ସ୍ୱପ୍ନର ପକ୍ଷୀ ଉଡ଼ାଇ ଦିଏ ।
ତୁମ ହସ—
ଯେଉଁଠି ଅମାବାସ୍ୟାର ଆକାଶରେ
ହଠାତ୍ ପୂର୍ଣ୍ଣିମାର ଚାନ୍ଦ ଫୁଟିଉଠେ ।

ତୁମ କଥାର ପ୍ରତ୍ୟେକ ଶବ୍ଦ
ଶିଶିରଭିଜା ପାରିଜାତ ପରି
ମୋ ମନର ଅଗଣାରେ ଝରିପଡ଼େ ।
ଆଉ ମୁଁ...

ସେହି ସୁଗନ୍ଧକୁ ସାଇତି ରଖେ
ମୋ ହୃଦୟର ସବୁଠାରୁ ଗୋପନ
କୋଣରେ ।

ମୁଁ ତୁମ ପାଖରେ
ସୁନାର ପ୍ରାସାଦ ଚାହେଁନି,
ଚାହେଁନି ତାରାଭରା ଆକାଶର ପ୍ରତିଶ୍ରୁତି;
କେବଳ ଏତିକି ଚାହେଁ—
କ୍ଲାନ୍ତ ସନ୍ଧ୍ୟାରେ
ତୁମ କାନ୍ଧରେ ମୁଣ୍ଡ ରଖି
ନୀରବତାକୁ ମଧ କବିତା କରି ବଞ୍ଚିବାକୁ ।

ଯଦି କେବେ
ସମୟ ଆମ ମଝିରେ ଦୂରତାର ନଦୀ
ବୁହାଇଦିଏ,
ତେବେ ମୋ ପ୍ରେମ
ସେହି ନଦୀ ଉପରେ ସେତୁ ହୋଇ ରହିବ ।
କାରଣ ଦୂରତା କେବଳ ପଥକୁ ବଦଳାଏ,
ହୃଦୟର ଠିକଣାକୁ ନୁହେଁ ।

ତୁମେ ଜାଣ କି ?
ମୁଁ ପ୍ରତିଦିନ ଈଶ୍ୱରଙ୍କୁ
କିଛି ମାଗେ ନାହିଁ,
କେବଳ ଏତିକି ପ୍ରାର୍ଥନା କରେ,
ତୁମ ହସ ସଦା ଅକ୍ଷୁଣ୍ଣ ରହୁ,
ତୁମ ସହ ଗଢ଼ା ମୋ ସ୍ୱପ୍ନ କେବେ ଭାଙ୍ଗି ନଯାଉ ।

କାରଣ ମୋ ପ୍ରେମ
ଅଧିକାରର ନୁହେଁ, ଅର୍ପଣର ।
ବନ୍ଧନର ନୁହେଁ,
ବିଶ୍ୱାସର ।
କ୍ଷଣିକ ମୋହର ନୁହେଁ,
ଆଜୀବନ ସାଥି ହୋଇ
ରହିବାର ଅଦୃଶ୍ୟ ପ୍ରତିଜ୍ଞାର ।

ତୁମେ ଯଦି ମୋ ଜୀବନର କବିତା,
ତେବେ ମୁଁ ତାହାର ଅଲିଖିତ ପଙ୍କ୍ତି;
ତୁମେ ଯଦି ସୁର,
ମୁଁ ତାହାର ନୀରବ ପ୍ରତିଧ୍ୱନି ।

ଆଉ ଯେପର୍ଯ୍ୟନ୍ତ
ମୋ ହୃଦୟ ସ୍ପନ୍ଦିତ ହେଉଥିବ,
ସେପର୍ଯ୍ୟନ୍ତ ପ୍ରତ୍ୟେକ ସ୍ପନ୍ଦନ
ଗୋଟିଏ ନାମ ହିଁ ଉଚ୍ଚାରଣ କରିବ,
ତୁମେ, ତୁମେ କେବଳ ତୁମେ।।

+ଜେଲ୍ ରୋଡ, ବାଲେଶ୍ୱର

## ନିଶା
### ତପନ ସାହୁ

ନିଶା
କେବଳ ମଦର ବୋତଲରେ ନଥାଏ,
ସେ ଲୁଚି ରହେ
ମଣିଷର ମନର ଅନେକ କୋଣରେ ।

କାହାକୁ ଘାରି ଥାଏ ପ୍ରେମର ନିଶା—
ଟିକିଏ ହସ ପାଇଁ
ସେ ଜୀବନ ବି ବାଜି ଲଗାଇ ଦିଏ ।

କାହାକୁ ବାନ୍ଧି ରଖେ ଅଭ୍ୟାସର ନିଶା—
ଭୁଲ ବୋଲି ଜାଣି ମଧ ସେ
ଫେରି ଫେରି ସେହି ରାସ୍ତାକୁ ଯାଏ ।

କାହାକୁ ଲାଗିଥାଏ ଧନର ନିଶା,
ଗଣି ଗଣି ସମ୍ପତ୍ତି ବଢ଼ାଏ,
କିନ୍ତୁ ସମ୍ପର୍କର ହିସାବ ହରାଇ ବସେ ।

କାହାକୁ ଘେରି ରହେ କ୍ଷମତାର ନିଶା,
ସିଂହାସନ ଯେତେ ଉଚ୍ଚ ହୁଏ,
ମଣିଷ ସେତେ ଛୋଟ ହୋଇଯାଏ ।

କାହାର ନିଶା ପ୍ରଶଂସାର,
ତାଳିର ଶବ୍ଦ ନ ଶୁଣିଲେ
ଦିନଟା ଅଧୁରା ଲାଗେ ।

ପୁଣି କାହାର ନିଶା ସ୍ୱପ୍ନର,
ସେ ରାତି ଉଜାଗର ରହି
ଭବିଷ୍ୟତର ସୂର୍ଯ୍ୟକୁ ଅପେକ୍ଷା କରେ ।

ନିଶା ସବୁବେଳେ
ବିନାଶର କାରଣ ନୁହେଁ—
ଜ୍ଞାନର ନିଶା,
ସୃଷ୍ଟିର ନିଶା,
ସେବାର ନିଶା,
ମଣିଷକୁ ମହାନ କରିଦିଏ ।

ତେଣୁ ନିଶାକୁ ଦୋଷ ଦେବା ପୂର୍ବରୁ
ଥରେ ନିଜ ମନକୁ ପଚାର
ତୁମକୁ କେଉଁ ନିଶା ଚଳାଉଛି,
ଆଉ କେଉଁ ନିଶା ତୁମକୁ ଗଢୁଛି ?

+ବେଲଗାଁ, ବାରବନ୍ଧା
ମ. ରାମପୁର, କଳାହାଣ୍ଡି
ମୋ:୯୦୧୯୩୧୧୮୬୮

## ତୁମକୁ ଦେଇଦେଲା ପରେ...
### ବିଜୟଲକ୍ଷ୍ମୀ ପାଣିଗ୍ରାହୀ



ବିଶ୍ୱାସ ଆଉ ସନ୍ଦେହକୁ
ଗୋଟେ ସରଳରେଖାରେ ରଖିଲେ
ସତରେ କ'ଣ
ଭୋଗିହୁଏ ଜୀବନର ଏକ ଲମ୍ବା ପଥ ।

ଏମିତିବି କାହା ଆଖିରୁ ନିଦ ଛଡ଼େଇ
କ'ଣ ଦେଖି ହୁଏ ସ୍ୱପ୍ନ
ନା କାହାଠୁଁ ପ୍ରେମ ଆଣି
ଦୂରେଇ ହୁଏ ଅନ୍ୟମନସ୍କତା ।

ଏମିତିବି ମାଗିଆଣିଥିବା ସ୍ପର୍ଶରେ ଯେ
ଶିହରାଇ ହୁଏ ନାହିଁ ଦେହ
ଖାଲି ଯାହା
ଅପବାଦର ଗୁଞ୍ଜରଣରୁ ବାହାରି
ଥାପିବାକୁ ହୁଏ ପାଦ
ନର୍କ ଆଉ ସ୍ୱର୍ଗର ଉର୍ଦ୍ଧ୍ୱରେ...

ସମୟକୁ ଚିହ୍ନି ପାରିଲେ
ତୁମକୁ ଚିହ୍ନିବା ଅସହଜ ନୁହେଁ
ତୁମକୁ ପାଇବାର ମୋହ ଏବେ
ସମୟର ନିରବ ଶବାଧାରରେ
ତୁମେ ଏବେ କେବଳ ତୁମେ
ଗୋଟାପଣେ ତୁମକୁ ଦେଇଦେଲା ପରେ ।

+ ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦

## ନଇଁ ଯାଏ ମୋର ମଥା
### କ୍ଷମାକର ବେହେରା



ବଇଶାଖ ମାସ ଖଇଫୁଟା ଖରା
ଧରା ଯାଇଥିଲା ତାତି ।
ପିଲାଏ ଖୁସିରେ ଖେଳଛୁଟି ବେଳେ
ନାନା ଖେଳେ ଥିଲେ ମାତି ।

ବେଳ ପାଇ ଟିକେ ଅବଧାନେ ତହିଁ
ଭୂଇଁପରେ ଶେଯ ପାରି,
ଶୋଇପଡ଼ିଥିଲେ କିଛି କ୍ଷଣ ପାଇଁ
ପଢାପଢ଼ି କାମ ସାରି ।

ଏତିକି ବେଳରେ ସାପ-ସାପ ବୋଲି
ପାଟିକଲେ ପିଲା ଦଳେ,
କୋଳାହଳ ଶୁଣି ସବୁ ପିଲା ସେଠି
ପହଁଚିଲେ ବଳେ ବଳେ ।

ଟିକି ପିଲା 'ଗୋପ' ଅତି ସୁକୁମାର
ବଚନରେ ଜିଣେ ମନ
ସରଳ ବେଶକୁ ପଢ଼ାରେ ଆଗୁଆ
ପାଠ ତା' ଅସଲ ଧନ ।

ଅବଧାନେ ଶେଯ ପାଶେ ଫଣା ଟେକି
ସାପ ଖେଳୁଥିଲା ଯେବେ
ଗୋପ ଟିକିପିଲା ଜାଣିପାରିଲାନି
କଅଣ କରିବ ଏବେ !

ପାଟିକରି ପିଲେ ଡାକ ଛାଡୁଥିଲେ
ଜୁଟିଲାନି ବୁଦ୍ଧି,ବଳ
ମାରମାର ବୋଲି କହୁଥିଲେ ସିନା
ଚାହିଁଥିଲେ ଜଳ-ଜଳ ।

ବାଡିଟିଏ ଧରି ପିଟିପିଟି ଗୋପ
ସାପଟିକୁ ଦେଲା ମାରି,
ନିଦରୁ ଉଠିକି ଅବଧାନେ ଦେଖି
ପଚାରିଲେ ହାତ ଠାରି ।

ଜାଣିଲେ ପରାଣ ନେଇଥାନ୍ତା ସାପ
ଗୋପ ବଞ୍ଚେଇଲା ସତେ !
ନଥିଲେତ ସିଏ ଆଜି ଏହି ସାପ
କାମୁଡି ଥାଆନ୍ତା ମତେ ।

ସରାଗରେ କୋଳେ ନେଇ ସେ କହିଲେ
ରଖିଲୁ ଜୀବନ ମୋର,
କଇଲାଣ ହଉ ସଦା ତୋ ଉପରେ
ମଙ୍ଗଳ ହେଉରେ ତୋର ।

ଉତ୍କଳର ମଣି ନାମେ ଗଣା ହେଲେ
ରହିଛି ତାଙ୍କରି ଯଶ,
ଦୁଖୀଙ୍କର ବନ୍ଧୁ ନାମ ଗୋପବନ୍ଧୁ
ସଭିଙ୍କୁ କରିଲେ ବଶ ।

ଆଜି ଏହି ଦିନେ ମନେ ପଡେ ବେଶୀ
ଉତ୍କଳମଣୀଙ୍କ କଥା,
ଭକତିରେ ସଦା ତାଙ୍କରି ଚରଣେ
ନଇଁ ଯାଏ ମୋର ମଥା ।

+ ଶିକ୍ଷକ, ସରକାରୀ ଉଚ୍ଚ ପ୍ରାଥମିକ
ବିଦ୍ୟାଳୟ, କଳାପାଟ
ହରିଚନ୍ଦନପୁର, କେନ୍ଦୁଝର,
ମୋ-୯୮୫୩୫୬୯୭୮୫

## ଦର୍ପଣ
### ଚନ୍ଦ୍ରଶେଖର ସାହୁ

ଯେତେ ଥର ତୋତେ ମୁଁ ଦେଖିଛି
ଠିକ ତୁ ମୋ ପରି ଦିଶୁ
ସବୁ ବ୍ୟତିକ୍ରମକୁ ସଜାଡି ନିଏ ଦେଖିଲାପରେ
ମୋ ଭିତରେ ତୋତେ ଅଙ୍କିଦିଏ ।

ସବୁ ବୁଝିଲା ପରେ ତୁ ଅବୁଝା ରହିଯାଉ
କେମିତି ଏତେ ବଡ଼ ହୃଦୟ ଭିତରେ
ନିର୍ଜୀବ ପାଲଟି ଯାଇଛୁ ?

ଆଉ କିଛି କହିବିନି
ନୀରବତା ଭିତରେ ଈଶ୍ୱର ବି
ହାତ ଟେକି ଦିଅନ୍ତି
ତୋ ଭିତରେ ମୁଁ ଆଉ
ମୋ ଭିତରେ ଜଗନ୍ନାଥ
ସବୁ କିଛିର ଉତ୍ତର
କେହି କହି ପାରିବେନି
ଆଗକୁ କ'ଣ ଅଛି
ଚାଲିବା ଛଡା ଅନ୍ୟ ଦିଗ ନାହିଁ ।

ତୁ ବୋଧେ କହିପାରୁ !
ସାରା ଜଗତକୁ ନିଜ ଭିତରେ ରଖି
ଠିକଣା ହୋଇଯାଉ
ବାଟବଣା ବାଟୋଇର ।

+କସପା, ଅହିୟାସ,
ଯାଜପୁର -୭୫୫୦୩୬
ମୋ- ୭୮୭୩୬୯୩୮୦୭

## ବୁଲି ଯାଇଥିଲି ଗାଆଁକୁ
### ଶିଶିର କୁମାର ପଣ୍ଡା



ରଜ ଆଗଭଳି ଲାଗୁନାହିଁ ଆଉ
ପରମ୍ପରା ଖାଲି ନାଆଁକୁ
ଜାଣିଲି ଏଥର ବାପା ବୋଉ ସାଥେ
ବୁଲି ଯାଇଥିଲି ଗାଆଁକୁ ।

ପିଠାପଣା ନାହିଁ ପିଜା , ବରଗର
ଆଉ ଯେତେ ଫାଷ୍ଟ ଫୁଡଡୁ
ତାକୁ ଦେଖି ସବୁ ଖୁସି ହଜିଗଲା
ବଦଳି ଗଲା ମୋ ମୁଡଡୁ ।

ଖୋଜୁଥିଲି ମୁହିଁ ଏଣ୍ଡୁରି ମଣ୍ଡାକୁ
ଆଶା ମୋ ଆଶାରେ ରହିଲା
ଆଉ ହେଉନାହିଁ ସେସବୁ ଏଇନେ
ବୁଢ଼ୀମାଆ ଆସି କହିଲା ।

ଶୁଣିପାରିଲିନି ନାଗରା ଶବଦ
ବାଗୁଡ଼ି ଖେଳ ବି ହଉନି
ଝୁଲିରେ ବସିଲି ମିଛଟାରେ ଯାହା
କେହିବି ଝୁଲେଇ ଦଉନି ।

ଆଜିକା ପିଲାଏ ଖୁସି ହେଉଛନ୍ତି
ମୋବାଇଲି ହାତେ ଧରକି
ସେଥିପାଇଁ ବୋଧେ ରଜ ଆମଠାରୁ
ଦୂରେଇ ଯାଇଛି ଡରିକି ।

+ କୁଆଁସ, ମେରଦା କାଟିଆ,
ଯାଜପୁର
ମୋ: ୮୯୮୧୭୩୭୨୨୮

## ଦୁନିଆର ପ୍ରତିଛବି
### ସୁସ୍ମିତା ପଟେଲ

ଆଖିରେ ଆଖିଏ ଲୁହ
ଛାତିରେ ଅଜସ୍ର କୋହ ଧରି
ସେ ଯେତେବେଳେ
ତା ପାଉଣା ମାଗିଲା
କି ଭୁଲ୍କଲା
ଛାଡି ଯାଇଥିବା ଭଉଣୀର ଶେଷ ସନ୍ତକଟା
କେବଳ ତାର ଦାବିର ବିଷୟତ ଥିଲା ।

ଏଠି ମଣିଷକୁ ଚିହ୍ନେନି ମଣିଷ
ଶର ଶଯ୍ୟାରେ ଶୋଇପଡିଛି ମଣିଷତ୍ୱ
ପୁଙ୍ଗୁଳା ପାଦ ଓ ପୁଙ୍ଗୁଳା ପିଠିର
କୋହକୁ ଅଣଦେଖା କରି
ବଢେଇ ଚାଲିଛି ତା କାୟାକଳ୍ପ ।

ସତରେ କିଏ ଦେଖୁଛି ସେ ଦରମରା,
ଦଦରା ଆଖିରୁ ବୋହୁଥିବା
ଲୋତକର ଧାର
କିଏ ଶୁଣୁଛି ଚମତଳେ ଧୁଡୁଧୁଡୁ କରୁଥିବା
କେଇଖଣ୍ଡ ହାଡର ବିଳାପ ।

କଣ ଆଉକରିଥାନ୍ତା ସେ
ସବୁ ପ୍ରତିକ୍ଷାର ଅନ୍ତ ଘଟାଇ ମଶାଣିକୁ
କାନ୍ଧରେ ବୋହିଲା
କଙ୍କାଳତ ନୁହେଁ
ଦୁନିଆର ପ୍ରତିଛବିଟି ଏକାନ୍ଧେ ବୋହି
ଶେଷରେ ଦୁନିଆକୁ ହିଁ
ଭେଟି ଦେଇଥିଲା ।

+କୁଚିଣ୍ଡା, ସମ୍ବଲପୁର
ମୋ-୭୮୯୪୬୬୧୧୨୩

## ବୁଦ୍ଧି, ବିବେକ
### ସଦାଶିବ ବିଶ୍ୱାଳ

ବୁଦ୍ଧି, ବିବେକ ଏକା କଥା ନୁହେଁ
ଅର୍ଥ ଭିନ୍ନ ଆଉ ଅଲଗା
ବୁଦ୍ଧି ତର୍କ କରେ, ହିସ୍ୱ ଲଗାଏ
ଲାଭ-କ୍ଷତି ଅଲଗା ଅଲଗା

ବିବେକ ବୁଦ୍ଧିଠାରୁ ପାହୁଣ୍ଡେ ଆଗରେ
ଦେଖେ କ'ଣ ଉଚିତ କ'ଣ ଅନୁଚିତ,
କ'ଣ ଧର୍ମ, କ'ଣ କଲ୍ୟାଣକାରୀ
ବୁଦ୍ଧି ତେଜ, ବିବେକ ବିନା ଅନାଦୃତ

ବିବେକ ଏକା ଶାସ୍ତ୍ରରୁ ଆସେନି
ସମର୍ପଣରୁ ହୁଅଇ ଜାଗ୍ରତ
ବୁଦ୍ଧି ପାଖେ ଦିଶାହୀନ ତର୍କ ଥାଏ
ବିବେକର ତର୍କ ଲୋଡ଼ା ବହୁତ

ରାବଣ, ମହାଜ୍ଞାନୀ, ଶାସ୍ତ୍ରଜ୍ଞ
କଣ୍ଠସ୍ଥ ଥିଲା ଚାରିବେଦ
ବୁଦ୍ଧି ପ୍ରଖର ଥାଇ ସୁପ୍ତ ବିବେକ
ଜଳାଇଲା ଲଙ୍କା ଚୋରି କରି ସୀତାମାତ

+ ଅଙ୍ଗାରୁଆ, କେନ୍ଦୁଝର

## ପାରିବୁକି ଫେରେଇ
### ସୁଶ୍ରୀ ସଙ୍ଗୀତା ସେଠୀ



ହେ ସମୟ ! ପାରିବୁକି ଫେରେଇ ?
ଚାଳରୁ ଠୋପା ଠୋପା
ନାଲି ଚାହା ଭ୍ରମ ସୃଷ୍ଟି କରୁଥିବା
ବର୍ଷା ବିନ୍ଦୁ ସହ
ନବେ ଦଶକର
ସେ ଜୀବନ୍ତ ସ୍ନେହର ନଈ !

ମାଟି ଗୋଡି ରାସ୍ତାର
ସେ ସୁଅ ଧାରରେ
କାଗଜ ଡଙ୍ଗାରେ ଭାସି
ଯାଇଥିବା ସେ ଅତୀତ
ସାହି ପଡ଼ିଶାଙ୍କ ଆଖିବୁଜା
ଅନାବିଳ ସ୍ନେହ
ପିଲାଦିନ ସହ ପାରିବୁକି
ସତେ ଫେରେଇ ?

ପର ବୋଲି ଭେଦଭାବ
ନଥିବା ସେ ସାହି
ମୋର ଆଜି ଅଚିହ୍ନା
ଅଜଣା ଲାଗଇ,
କାହା ପାଇଁ କୋଉ ଘରେ
ନଥିବା ବାରଣ
ସଭିଙ୍କ ଭାତ କଂସାରେ
ହେବକି ହାତ ବୁଡ଼େଇ ?

ସ୍ନେହ ମମତାର
ସେ ସମୟକୁ କାହିଁ ନେଲୁ ଚୋରେଇ
ସମୟ ତୁ ଦଗାଦିଆ
ନିଜେ ବଦଳିବା ସହ ତୁ
ସଭିଙ୍କୁ ଦେଲୁ ତୋ ଭଳି ବଦଳେଇ
ସେଇ ଦିନ ସେଇ ଲୋକଙ୍କୁ
ଖୋଜେ ପାରିବୁକି ଫେରେଇ ?

+ ଯାଜପୁର

## ପ୍ରୀତି ଗୀତି
### ନିମାଇଁ ପଟ୍ଟନାୟକ

କହ ଏମିତିକା ଜାଗା ଯହିଁ
ପ୍ରିୟା ପାଦ ମୋର ପଡି ନାହିଁ !!
ପ୍ରିୟା ପାଦ ଯହିଁ ନପଡିଛି ଥରେ
ହୋଇଥିବ ନିଶ୍ଚେ ମରୁଭୂଇଁ ।

ଏମିତି ଫୁଲଟେ ଦେଖିଛକି
ପ୍ରିୟା ମୋର ହାତେ ଧରିନାହିଁ ?
ପ୍ରିୟା ମୋର ବାରେ ନଧରିଛି ଯାରେ
ସେ ଫୁଲତ କେବେ ଫୁଟିନାହିଁ ।
ଏମିତି ଅଛିକେ ମହୀ ପରେ
ଯେ ପ୍ରିୟାର ସପନ ଦେଖି ନାହିଁ !!

ଥାଏ ଯଦି ଭବେ ଏବେ ଅବା କେବେ
ମୁଁ କହିବି ସିଏ ବଂଚିନାହିଁ ।
ମାନିନୀ ପ୍ରିୟାର ଆଖି ଦୁଇ
ଅଥଳ ଜଳର ନୀଳ ନଈ,
ସେ ନଈର ଜଳେ ପହଁରି ପହଁରି
ଯିଏ ନିଜ ପ୍ରତିଛବି ଖୋଜି ନାହିଁ
ନିଜକୁ ସେ କେବେ ଦେଖିନାହିଁ ।

ଶରତେ ଉଛୁଳା ଜହ୍ନରାତି
ବସନ୍ତେ କୋଇଲି ପ୍ରୀତିଗୀତି
ଶୁଣିଦେଇ ବାରେ ଆବେଗେ ଅଧିରେ
ଯେ ପ୍ରିୟାକୁ ତା ଭିଡି ଧରିନାହିଁ
ପ୍ରାଣ ବୋଲି ତାର କିଛିନାହିଁ ।

ମେଳା ମଉଛବ ପଥ ଧାରେ
ବେଳାଭୂମି ଅବା ଉପବନେ
ତରୁଣ ଦମ୍ପତି ଦେଖିଦେଇ ଭୋଳେ
ଯେ ନିଜ ପ୍ରିୟା କଥା ଭାବିନାହିଁ
ପ୍ରିୟାକୁ ଭଲ ସେ ପାଇନାହିଁ ।

ବିଦେଶେ ପ୍ରିୟାର ଫଟୋଧରି
ଉଜାଗରେ ରାତି ଦୀପଜାଳି
ବିଗତ ଦିନର ବିତିଲା ସ୍ମୃତିକୁ
ଚିଠି କରି ଯିଏ ଲେଖି ନାହିଁ
ବିଦେଶ କରିସେ ଜାଣି ନାହିଁ ।

ପ୍ରିୟାକୁ ନରକେ ଦେଖି ଦେଇ
ନିଜ ସରଗ ସୁଖକୁ ବଳିଦେଇ
ଜୀବନ ସାଗର ଗରଳକୁ ଯେତେ
ଯିଏ ନୀଳକଣ୍ଠ ସାଜି ପିଇନାହିଁ
କେବେ ପ୍ରିୟାକୁ ସେ ପ୍ରେମ କରିନାହିଁ ।

+ ଚାନ୍ଦବାଲି -୭୫୬୧୩୩,
ମୋ: ୭୦୦୮୨୦୯୨୭୯

# କବି କୁମରମଣୀ ତନ୍ତୀଙ୍କ କବିତା ସଂକଳନ 'ବିଦଗ୍ଧ କବିତା' ଲୋକାର୍ପଣ

କେନ୍ଦୁଝର, ୧୩/୦୭ (ନି.ପ୍ର): କେନ୍ଦୁଝରଗଡ଼ ସ୍ଥ ସ୍ଥାନୀୟ ରୋଟାରୀ ଭବନ ଠାରେ କବି କୁମରମଣୀ ତନ୍ତୀଙ୍କ କବିତା ସଂକଳନ 'ବିଦଗ୍ଧ କବିତା' ଲୋକାର୍ପଣ ଉତ୍ସବ କେନ୍ଦୁଝର ଅନୁସୂଚିତ ଜାତି ଏକତା ମଂଚ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା । ଏହି ଉତ୍ସବରେ ଅଧ୍ୟକ୍ଷତା କରି ସଭାପତି କବୟିତ୍ରୀ ଗୀତାଞ୍ଜଳୀ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରାରମ୍ଭ ରେ ପୁସ୍ତକର ରଚୟିତା କବି କୁମରମଣୀ ତନ୍ତୀ ନିଜ ସଂଘର୍ଷମୟ ଜୀବନ କାହାଣୀ ଓ ସାହିତ୍ୟ ସାଧନା ସଂପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବରିଷ୍ଠ କବି ମାଗୁଣି ଚରଣ ପାତ୍ର, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଶିକ୍ଷାବିତ୍ ଡଃ ବିଦ୍ୟାଧର ବେହେରା, ବରିଷ୍ଠ କବି ଭରତ ଚନ୍ଦ୍ର ପାତ୍ର, କବି କୈଳାସ ଚନ୍ଦ୍ର ତନ୍ତୀ, ପ୍ରଫେସର ଡଃ ବିଜୟ ପାତ୍ର ଯୋଗ ଦେଇ କହିଥିଲେ ଯେ କବି କୁମରମଣୀ ତନ୍ତୀ ଙ୍କ କବିତା ପୁସ୍ତକ ଏକ ସଫଳ ଦଳିତ ସାହିତ୍ୟ ପୁସ୍ତକ । ଯେଉଁ କବିତା ର ପ୍ରତି ଛତ୍ରେ ଛତ୍ରେ ଘୃଣ୍ୟ ଉତ୍କଟ ଜାତି ପ୍ରଥା , ଦଳିତ ପ୍ରତି ଅନ୍ୟାୟ, ଅତ୍ୟାଚାର, ଶୋଷଣ, କଷଣ ବିରୁଦ୍ଧରେ ସନ୍ଥକବି ଭୀମଭୋଇଙ୍କ ଭଳି ନିରବ ବିଦ୍ରୋହ ସ୍ୱର ପ୍ରତିଧ୍ୱନିତ ହୋଇଛି । ୨୯ଟି କବିତା ସମୂହ ଦଳିତ ନିର୍ଯ୍ୟାତିତ ମାନଙ୍କ ମନରୁ ଜଡତା ,ନିଷ୍କ୍ରିୟତା ଭାଙ୍ଗି ଦେଇ ଚିନ୍ତା ଚେତନାକୁ ମାର୍ଜିତ, ଶାଣିତ, ଉଜ୍ଜିବୀତ ଓ ଉତୋଳିତ କରି ଗଢିତୋଳିବ । ସମସ୍ତ କବିତାକୁ ପ୍ରାଞ୍ଜଳ, ବିସ୍ତୃତ ଭାବେ ସମୀକ୍ଷା କରିଥିଲେ ରାଉରକେଲା ରୁ ଆସିଥିବା ବିଶିଷ୍ଟ ଚିତ୍ରଶିଳ୍ପୀ, ତଥା କବି କାଶୀନାଥ ପାତ୍ର । ସଂପାଦକ ନିରୋଦ କୁମାର ବେହେରା ସଭା ପରିଚାଳନାକରି ମଞ୍ଚ ସଂଯୋଜନା କରିଥିଲେ । ଏହି ଅବସରରେ ସାମ୍ବାଦିକ ସୁଜଳ ସେଠୀ ଓ ବହୁଜନ ନେତା ସୋମନାଥ ଜେନା କବିତା ପାଠ କରିଥିଲେ । ଶେଷରେ ପାତ୍ର ତନ୍ତୀ ସମାଜ ର ସଭାପତି ବାବାଜୀ ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ଉତ୍ସବରେ କବି ହରେକୃଷ୍ଣ ଦ୍ୱିଜ୍, ଲେଖକ, ସଂଗଠକ ଡମ୍ବରୁ ମହାନ୍ତ, ପବିତ୍ର ପାତ୍ର, ଶରତ ଚନ୍ଦ୍ର ପାତ୍ର , ପ୍ରେସ କ୍ଲବ ସଂପାଦକ ସାମ୍ବାଦିକ ଶରତ ଦାସ, ଏକତା ମଂଚ ଉପଦେଷ୍ଟା ଅଲେଖ ଚନ୍ଦ୍ର ପାତ୍ର, ହଳଧର ପାତ୍ର, ଆଇନଜୀବୀ ସନ୍ତୋଷ ଦାସ, ପାଲା ଗାୟକ ରମାକାନ୍ତ ପାତ୍ର, ଭାସ୍କର ପାତ୍ର, ଗୋକୁଳ ପାତ୍ର, ବସନ୍ତ କୁମାର ପାତ୍ର ଇତ୍ୟାଦି ଯୋଗ ଦେଇ ଏହି ଉତ୍ସବକୁ ସଫଳ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ଦାସ, ପଂଚାନନ ସେଠୀ, ପବିତ୍ର ପାତ୍ର, କ୍ଷୀରୋଦ ଚନ୍ଦ୍ର ପାତ୍ର, ଧନୁର୍ଜୟ ନାରାୟଣ ପାତ୍ର, ତପନ କୁମାର ପୂର୍ତ୍ତୀ, ସୁରେଶ ଚନ୍ଦ୍ର ମହାନ୍ତ, ଦୀପକ ଚନ୍ଦ୍ର ପାତ୍ର, ବୀରଭଦ୍ର ପାତ୍ର, ଭୀଷ୍ମ ମହାନ୍ତ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ ।

# ଧାମନଗରରେ ବେଆଇନ କବାଡ଼ିଆ ଦୋକାନୀ ଉପରେ ପୋଲିସର ଚଢ଼ଉ: ଚୋରା ସାମଗ୍ରୀ ସହ ଦୋକାନୀ ଗିରଫ, ଟ୍ରକ ଜବତ

ଭଦ୍ରକ, ୧୩/୦୭ (ନି.ପ୍ର): ଏହି ଜିଲାର ଧାମନଗର ଅଂଚଳରେ ଦିନକୁ ଦିନ ବୃଦ୍ଧି ପାଉଥିବା ଚୋରି ଘଟଣାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ପୋଲିସ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଅଂଚଳରେ ଚାଲିଥିବା ୪୦ ରୁ ଊର୍ଦ୍ଧ୍ୱ ବେଆଇନ କବାଡ଼ିଆ ଦୋକାନ ଯୋଗୁଁ ଚୋରି ବଢୁଥିବା ଓ ଚୋରା ଗାଡ଼ି କାଟି ବିକ୍ରି କରାଯାଉଥିବା ନେଇ ଦୀର୍ଘ ଦିନ ହେବ ଅଭିଯୋଗ ହୋଇଆସୁଥିଲା । ଏପରିକି ଧାମନଗର ଥାନାର କିଛି ଅସାଧୁ କର୍ମଚାରୀଙ୍କ ସହ ମିଶି ଏହି ଦୋକାନୀମାନେ ନିର୍ଭୟରେ ନିଜର ଚୋରା କାରବାର ଚଳାଇଥିବା ଚର୍ଚ୍ଚା ହେଉଛି ।ଏହି ସମ୍ବେଦନଶୀଳ ଘଟଣା ଧାମନଗର ଥାନା ଅଧିକାରୀ ଶୁଭ୍ରଜିତ ଦାସଙ୍କ ନଜରକୁ ଆସିବା ପରେ ସେ ଅତ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ସୂଚନା ମୁତାବକ, ଧାମନଗର ରାସ୍ତା କଡ଼ ହବିବିନଗର ଛକରେ ମୀର ଅକତର ଅଲୀ ନାମକ ଜଣେ ବ୍ୟକ୍ତି ଦୀର୍ଘ ଦିନ ହେବ ବେଆଇନ କବାଡ଼ିଆ ଦୋକାନ ଚଳାଇ ଆସୁଥିଲେ । ଗତକାଲି ସେ ଏକ ଟ୍ରକ (ନମ୍ବର ଓଆର-୧୧କେ-୬୦୩୬)ରେ ଚୋରା ସାମଗ୍ରୀ ଲୋଡ୍ କରୁଥିବା ବେଳେ ଥାନା ଅଧିକାରୀ ଶ୍ରୀ ଦାସ ଚଢ଼ଉ କରିଥିଲେ । ପୋଲିସ ତୁରନ୍ତ ଉକ୍ତ ଟ୍ରକଟିକୁ ଜବତ କରିବା ସହ ଦୋକାନୀ ମୀର ଅକତର ଅଲୀଙ୍କୁ ଗିରଫ କରିଛି ।ଏ ନେଇ ଥାନାରେ କେସ ନମ୍ବର ୨୯୩/୨୬ ଅନୁଯାୟୀ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ଦଫା ୩୦୩(୨) ଓ ୩(୫) ଧାରାରେ ମାମଲା ରୁଜୁ କରାଯାଇଛି । ବୋଲି ତଦନ୍ତକାରି ଅଧିକାରି ନରେନ୍ଦ୍ର ରାଉତ କହିଛନ୍ତି ।ଧାମନଗର ଅଂଚଳରେ ଥିବା ଏହି ୪୦ରୁ ଅଧିକ ବେଆଇନ କବାଡ଼ିଆ ଦୋକାନ ଚୋରଙ୍କ ପାଇଁ ଏକ ସୁରକ୍ଷିତ ଆଡ଼ଡା ପାଲଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ପୋଲିସ ପ୍ରଶାସନ ଏହି ସବୁ ଦୋକାନ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସହରକୁ ଚୋରି ମୁକ୍ତ କରିବାକୁ ସାଧାରଣରେ ଦାବି ହେଉଛି । ଥାନା ଅଧିକାରୀ ଶ୍ରୀ ଦାସଙ୍କ ଏହି କାର୍ଯ୍ୟାନୁଷ୍ଠାନକୁ ସାଧାରଣ ଜନତା ସ୍ୱାଗତ କରିଛନ୍ତି ।ସୂଚନା ଥାଉକି କିଛି ଚୋରା ବାଲି ମାଫିଆ ଓ କବାଡିଆ ଦୋକାନୀ ମାନେ ରୀତି ମତ ଥାନା ପାଖରେ ରହୀ କିଛି ପୋଲିସ କୁ ହାତକରି ଏପରି ବେଆଇନି କାର୍ଯ୍ୟ ରେ ଲିପ୍ତ ରହୁଛନ୍ତି ।ଏପରି କିଛି କବାଡିଆ ଦୋକାନୀ ମାନେ ମାସିକିଆ କୁଟିବପୋଲି କୁ ଚାନ୍ଦା ଦେଇ ଖୋଲମ ଖୋଲା ବେପାର କରୁଛନ୍ତି । ତେବେ ଚୋରା କବାଡିଆ ଙ୍କ ଉପରେ ଚଢଉ ଜାରି ରହିବ ବୋଲି ଥାନା ଅଧିକାରୀ ଶ୍ରୀ ଦାସ କହିଛନ୍ତି ।

# ନାବାଳିକାଙ୍କୁ ଗଣ ବଳାତ୍କାର ଅଭିଯୋଗ: ୨ଯୁବକ ଗିରଫ

ଭଦ୍ରକ, ୧୩/୦୭ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ଅଚକ ପଂଚାୟତ କାର୍ଯ୍ୟାଳୟ ନିକଟରେ ରହୁଥିବା ଜଣେ ନାବାଳିକାଙ୍କୁ ଘରେ ତା ବାପା ମା ନଥିବା ଅବସ୍ଥାରେ ଗଣ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି । ତେବେ ନାବାଳିକାଙ୍କ ବାପା ଘଟଣାଦିନ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୮୨/୨୬ରେ ଏକ ମକଦ୍ଦମା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ରବିବାର ପୋଲିସ ତିହିଡ଼ି ଥାନା ସୟା ପଂଚାୟତ ଅଧୀନ ବାଲିଚତୁରୀ ଗ୍ରାମର ମନୋରଞ୍ଜନ ମଲିକ(୨୨) ଏବଂ ବିହାର ରାଜ୍ୟର ଛାପ୍ରାବିହାର ଅଂଚଳର ଚନ୍ଦନ କୁମାର ରାୟ (୨୧)ଙ୍କୁ ଗିରଫକରି କୋର୍ଟଚାଲାଣ କରିଥିବା ଜଣାପଡିଛି । ଅଭିଯୋଗରୁ ଜଣାଯାଇଛି ଯେ ଜଣେ ଘୁଷୁରିଆ କେଳା, ତାଙ୍କ ସ୍ତ୍ରୀ ଓ ନାବାଳିକା ଝିଅ ନନ୍ଦପୁର ବଜାର ନିକଟସ୍ଥ ଅଚକ ପଂଚାୟତ କାର୍ଯ୍ୟାଳୟ ପାଖରେ ପଲିଥିନ ଟାଣି ରହୁଥିଲେ । ଶୁକ୍ରବାର ସେହି କେଳା ଜଣକ ଏବଂ ତାଙ୍କ ସ୍ତ୍ରୀ ଘୁଷୁରୀ ଚରାଇବାକୁ ଯାଇଥିଲେ । ଏହାର ସୁଯୋଗ ନେଇ ମନୋରଞ୍ଜନ ଓ ଚନ୍ଦନ ସେଠାକୁ ଯାଇ ନାବାଳିକାଙ୍କୁ ଏକୁଟିଆ ଅବସ୍ଥାରେ ପାଇ ବଳାତ୍କାର କରିଥିବାବେଳେ ନାବାଳିକାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗରେ ଦର୍ଶାଯାଇଛି । ତେବେ ସ୍ଥାନୀୟ ଅଂଚଳର ଜଣେ ବୃଦ୍ଧ ଘଟଣାସ୍ଥଳରେ ପହଂଚିବାରୁ ଯୁବକ ୨ଜଣ ସେଠାରୁ ଫେରାର ହୋଇଯାଇଥିଲେ । ନାବାଳିକାଙ୍କ ମା ଓ ବାପା ଫେରିବା ପରେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ । ସେମାନେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ମାଧବୀଲତା ଭୋଇଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ । ପରେ ମାଧବୀଙ୍କ ପୁଅ ସୂର୍ଯ୍ୟନାରାୟଣ ଭୋଇ ଟେଲିଫୋନ ଯୋଗେ ଏସପି ମନୋଜ ରାଉତ ଓ ତିହିଡ଼ି ଥାନା ଆଇଆଇସି ଲୋପାମୁଦ୍ରା ନାୟକଙ୍କୁ ଜଣାଇଥିଲେ ।ପରେ ଆଇଆଇସି ନାୟକ ଘଟଣାର ତଦନ୍ତ ଚଳାଇଥିଲେ । ଏନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ ।

# ଦେଶି ମଦ ଓ ରାସାୟନିକ ନିଶା କବଳରେ କୋରାପୁଟ

ଜୟପୁର, ୧୩/୦୭ (ନି.ପ୍ର): କୋରାପୁଟ ଜିଲା ସହ ଜୟପୁର ସହର ରାସାୟନିକ ନିଶା କବଳରେ ରହିଛି । ଜୟପୁର ଟାଉନ ପୋଲିସ ମଧ୍ୟ ବିଗତ ଦିନରେ ଧଳା ଜହର ନିଶା ଇଞ୍ଜେକସନ ମଧ ଜବତ କରିଛି । ଆଦିବାସୀ ବହୁଳ ଜିଲ୍ଲାରେ ଦେଶି ମଦ କାରବାର ଜୋରସୋରରେ ଚାଲିଛି । ଏହାକୁ ରୋକ ଲଗାଇବା ପାଇଁ ଜୟପୁର, ବୋରିଗୁମ୍ମା, କୁନ୍ଦୁରାରେ ମହିଳା ମାନେ ମଦ ବନ୍ଦ କରିବା ପାଇଁ ଅବକାରି ବିଭାଗର ଦ୍ୱାରସ୍ଥ ହୋଇ ଦାବିପତ୍ର ମଧ ପ୍ରଦାନ କରିଛନ୍ତି । ପୁରପଲ୍ଲୀରେ ବାର ମାସରେ ତେର ପର୍ବ ପାଳନ ପାରମ୍ପରିକ ପରମ୍ପରା । ବିଭିନ୍ନ ଯାନିଯାତ୍ରା, ପର୍ବପର୍ବାଣୀ ଓ ବିବାହ ଭଳି ସାମାଜିକ ଓ ସାଂସ୍କୃତିକ ମହୋତ୍ସବ ପାଳନ ସମୟରେ କର୍ମକ୍ଳାନ୍ତ ଜୀବନରୁ ଫୁରସତ ପାଇ ଉତ୍ସବାନୁଷ୍ଠାନରେ ଲୋକବାଦ୍ୟ ଓ ଲୋକଗୀତର ତାଳେ ତାଳେ ନାଚଗୀତରେ ଝୁମି ବନବାସୀ ଅବସର ବିନୋଦନ କରିବା ପାରମ୍ପରିକ ବୋଲି କୁହାଯାଉଛି । ଆବାଳ ବୃଦ୍ଧବନିତା ସମସ୍ତେ ଏକାକାର ହେବା ସହ ଉପଭୋଗ କରିଥାନ୍ତି ପର୍ବପାଳନର ସେଇ ମୁହୂର୍ତ୍ତକୁ । ଆଉ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ହଜେଇ ବିଭୋର ହୋଇଥିବା ବନବାସୀ ସମାଜ ସାମାନ୍ୟ ନିଶା ସେବନକୁ ଆପଣାଇ ନେଇ ପୂର୍ବପୁରୁଷର ପରମ୍ପରାକୁ ଜୀବନ୍ତ କରିଥାନ୍ତି । ତେବେ ଅତୀତରୁ ପ୍ରଚଳିତ ପ୍ରକୃତିଦତ୍ତ ପାନୀୟ ମଧ୍ୟରେ ସଲପ ରସ, ଖଜୁରୀ ରସ, ମାଣ୍ଡିଆ ଓ ଚାଉଳ ଆଦି ଶସ୍ୟରୁ ପ୍ରସ୍ତୁତ ପାନୀୟର ବହୁଳ ବ୍ୟବହାର ହେଉଥିବା ବେଳେ ସୁସ୍ଥ ନିରାମୟ ଜୀବନ ବିତାଉଥିବା ବନବାସୀ ସମାଜ ଏବେ ପ୍ରଚଳିତ ଆଧୁନିକତା ଛାପର ବଶବର୍ତ୍ତୀ ହୋଇ ପ୍ରାକୃତିକ ନିଶା ପାନୀୟରୁ ଦୂରେଇ ଯିବା ସହ ରାସାୟନିକ ବିଷାକ୍ତ ପାନୀୟକୁ ଆପଣାଇ ନେଲେଣି । ଯେଉଁଥିପାଇଁ କୋରାପୁଟ ଜିଲା ପାଲଟିଛି ଦେଶୀ ମଦ ବା ଜହରର ଆଡ୍ଡାସ୍ଥଳି । ସରକାର ଅବକାରୀ ଟିକସ ନିଶାରେ କାରବାରକୁ ପ୍ରୋତ୍ସାହନ ଦେଉଥିବା ବେଳେ ଏବେ ବିଭିନ୍ନ ଅଂଚଳରେ କାୟାବିସ୍ତାର କରିଲାଣି ରାସାୟନିକ ନିଶା କାରବାର । କୋରାପୁଟ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାପାଇଁ ସରକାରଙ୍କ ପକ୍ଷରୁ ବାର୍ଷିକ କୋଟି କୋଟି ଟଙ୍କାର ରାଜସ୍ୱ ଧାର୍ଯ୍ୟ କରାଯାଇଛି । ତେବେ ଧାର୍ଯ୍ୟ ଟିକସ ସହ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିଜସ୍ୱ ଆମଦାନୀ ପୂରଣ ପାଇଁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଅଂଚଳରେ ଅତିରିକ୍ତ ମଦ କାରବାର ସୁଯୋଗ ସୃଷ୍ଟି କରାଯାଉଥିବା ବେଳେ ପରୋକ୍ଷରେ ବେଆଇନ ନିଶା କାରବାର ଅହେତୁକ ଭାବରେ ବୃଦ୍ଧି ପାଇବାରେ ଲାଗିଛି । ଆଦିବାସୀ ଅଂଚଳରେ ପ୍ରତି ଗାଁରେ ମାଫିଆମାନେ ମଦ ଉତ୍ପାଦନକୁ କୁଟୀର ଶିଳ୍ପରେ ପରିଣତ କରିବା ଭଳି ଅଭାବନୀୟ ସମସ୍ୟା ଉପୁଜୁଛି । ଅଧିକ ମୁନାଫା ଆଶାରେ ମନ ପସନ୍ଦର ମଦ ପ୍ରସ୍ତୁତ ସମୟରେ ବିଭିନ୍ନ ରାସାୟନିକ ବିଷାକ୍ତ ଦ୍ରବ୍ୟ ଯଥା ଆମୋନିଆ ସାର ଆଦି ମିଶ୍ରଣ କରାଯାଉଥିବା ଅଭିଯୋଗ ବିଭିନ୍ନ ସମୟରେ ହେଉଛି । ବିଷାକ୍ତ ରାସାୟନିକ ମଦ ବ୍ୟବହାର କାରଣରୁ ଯୁବ ବୟସରେ ରୋଗଗ୍ରସ୍ତ ହେବା ସହ ଅକାଳରେ ଚାଲିଯାଉଛି ଅମୂଲ୍ୟ ଜୀବନ । ତେବେ ଗୋଟିଏ ପଟେ ଧାର୍ଯ୍ୟ ଟିକସ ଆଦାୟ ଲକ୍ଷ୍ୟ ଓ ଅନ୍ୟପଟେ ନିଜସ୍ୱ ରୋଜଗାର ନିଶାରେ ଅବକାରୀ ବିଭାଗ ବେଆଇନ ମଦ କାରବାର ଉପରେ ଅଙ୍କୁଶ ଲଗାଇବା କଷ୍ଟକର ହୋଇଯାଇଛି । ଅପରପକ୍ଷେ ବିଷାକ୍ତ ପାନୀୟ ବ୍ୟବହାରରୁ ଶାନ୍ତ ଗ୍ରାମାଚଂଳ ଅଶାନ୍ତ ହେଉଥିବା ବେଳେ ବିଭିନ୍ନ ପ୍ରକାର ସାମାଜିକ ଓ ଘରୋଇ ହିଂସାକୁ ଆପଣାଇବା ଭଳି ପରିସ୍ଥିତି ଉପୁଜିଛି । ବିଶେଷ ଭାବରେ ଯୁବପିଢୀ ନିଶା ପ୍ରତି ଆକୃଷ୍ଟ ହେଉଥିବା ବେଳେ ଆର୍ଥିକ ଓ ସାମାଜିକ ସ୍ଥିତି ଭୁଶୁଡିବା ସହ ଭବିଷ୍ୟତ ଅନ୍ଧାରୀ ମୁଳକ ଆଡକୁ ଠେଲି ହୋଇଯାଉଛି । ନିଶାର ବହୁଳ ବ୍ୟବହାର ପାଇଁ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହେବା ଅସମ୍ଭବ ବ୍ୟାପାର ହୋଇଯାଇଛି । ସାମ୍ପ୍ରତିକ ପରିସ୍ଥିତିରେ କିଛି ଗ୍ରାମାଚଂଳରେ ମହିଳାମାନେ ଜାଗ୍ରତ ହେବାସହ ମଦ କାରବାର ବନ୍ଦ ନିମନ୍ତେ ଅଂଟା ଭିଡ଼ିଛନ୍ତି । ମଦ ବିକିଲେ ଅଥବା ପିଇଲେ ଜରିମାନା ଧାର୍ଯ୍ୟ କରିଛନ୍ତି । ମହିଳା ମାନଙ୍କ ଉଦ୍ୟମକୁ ବିଭିନ୍ନ ସ୍ତରରେ ସ୍ୱାଗତ କରାଯାଇଥିବା ବେଳେ ପ୍ରଶାସନିକ ସଦିଚ୍ଛା ଓ ସହଯୋଗ ନମିଳିଲେ ଉଦ୍ୟମ ସଫଳ ହୋଇପାରିବ ନାହିଁ ବୋଲି କୁହାଯାଉଛି । ନିଶା କାରବାର ପରୋକ୍ଷରେ ଦାଦନ ସମସ୍ୟା ବଢ଼ାଇବା ସହ ଜିଲ୍ଲା ଅର୍ଥନୀତିକୁ ପ୍ରଭାବିତ କରୁଛି ଓ ଗରୀବରୁ ଗରୀବତମ ଅବସ୍ଥାକୁ ଆମନ୍ତ୍ରଣ କରୁଛି । ପଛୁଆ ଅଂଚଳରେ ବେଧଡ଼କ ନିଶା କାରବାର ଉପରେ ରୋକ ଲଗାଯାଇ ପାରିଲେ ଆଦିବାସୀ ଜିଲ୍ଲାର ଆର୍ଥିକ ବିକାଶ ସମ୍ଭବ ହୋଇପାରିବ ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି । ଏହା ସହ ବେଆଇନ ମଦ କାରବାର ବନ୍ଦ କଲେ ମହିଳା ମାନେ ମଧ୍ୟ ଉପକୃତ ହୋଇପାରନ୍ତେ । ଜିଲାରେ ମଦ କରାବାର ବନ୍ଦ କରିବା ପାଇଁ ବିଧାନସଭାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ବାର ବାର ଦାବି କରିଥିବା ବେଳେ ସରକାର ଉଚିତ ପଦକ୍ଷେପ ନେବା ପାଇଁ ଦାବି ହୋଇଛି । କୁନ୍ଦୁରାରେ ମଦ କାରବାର ବନ୍ଦ କରିବା ନିମନ୍ତେ ଜିଲାପାଳଙ୍କୁ ମଧ୍ୟ ଘେରାଉ କରିଥିଲେ । ମଦ କାରବାର ବନ୍ଦ କରିବା ପାଇଁ ସାଧାରଣରେ ମତ ପ୍ରକାଶ ପାଇଛି ।

# ପୋଲିସ- ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ

ପୁରୀ, ୧୩/୦୭ (ନି.ପ୍ର): ଆଜି ପୂର୍ବାହ୍ନରେ ଟାଉନ ହଲ ଠାରେ ଆଗାମୀ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ପୋଲିସ- ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଆଧୁନିକୀକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ ରଥଯାତ୍ରାରେ ମହାପ୍ରଭୁଙ୍କ ପ୍ରତି ସେବା, ନିଷ୍ଠା ଓ ସମର୍ପଣ ରହିଲେ କାର୍ଯ୍ୟ ସଫଳ ହେବ । ରଥଯାତ୍ରା ସମୟରେ ଆଇନ ଶୃଙ୍ଖଳା ରକ୍ଷା ସହ ସମସ୍ତ କାର୍ଯ୍ୟରେ ମାଜିଷ୍ଟ୍ରେଟ ଓ ପୋଲିସ ମାନଙ୍କର ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଚଳିତ ରଥଯାତ୍ରାରେ ପୂର୍ବାପେକ୍ଷା ଅଧିକ ଶ୍ରଦ୍ଧାଳୁଙ୍କ ଆକଳନ କରାଯାଉଥିବାରୁ ଏହାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ଉଭୟ ପୋଲିସ ଓ ପ୍ରଶାସନ ପାଇଁ ଗୁରୁ ଦାୟିତ୍ୱ ବୋଲି କହିଥିଲେ । କେନ୍ଦ୍ରାଚଂଳ ଆଇଜି ଡା. ସତ୍ୟଜିତ ନାୟକ ଚଳିତ ରଥଯାତ୍ରା ପାଇଁ ଯେଉଁ ମାର୍ଗଦର୍ଶିକା ଜାରି ହୋଇଛି ତାହାରି ଆଧାରରେ ପରସ୍ପର ସହ ସୁସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।ଜିଲ୍ଲାପାଳ ଶ୍ରୀ ପରିଡା ଚଳିତ ବର୍ଷର ସ୍ନାନଯାତ୍ରାରେ ବିପୁଳ ଜନ ସମାଗମ ଦୃଷ୍ଟିରୁ ଚଳିତ ରଥଯାତ୍ରାରେ ମଧ୍ୟ ବ୍ୟାପକ ଜନ ଗହଳିର ଆଶା କରାଯାଉଛି । ଏହା ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ । ଏକାଧିକ ବୈଠକରେ ଏ ସମ୍ପର୍କରେ ବିଷଦ ଆଲୋଚନା ହୋଇ ଏସଓପି ଜାରି ହୋଇଛି ।ଏହାକୁ ନିଷ୍ଠାର ସହ ଅନୁପାଳନ କରିବା ଆବଶ୍ୟକ । ତେଣୁ ପରସ୍ପରକୁ ଜାଣିବା, କାର୍ଯ୍ୟ ଓ ଦାୟିତ୍ୱ ଦିଆଯାଉଥିବା ଅଞ୍ଚଳ ସମ୍ପର୍କରେ ବିଷଦ ଭାବେ ଅବଗତ ହେବା, ଅତ୍ୟାବଶ୍ୟକୀୟ ସୁବିଧା କେନ୍ଦ୍ର, ଆଶୁ ଚିକିତ୍ସା କେନ୍ଦ୍ର, ସୂଚନା କେନ୍ଦ୍ର, ଶୌଚାଳୟ, ପୋଲିସ ସହାୟତା କେନ୍ଦ୍ର ଇତ୍ୟାଦି ସମ୍ପର୍କରେ ଧାରଣା ରଖି ଏବଂ ଉତମ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

# ବିଏମ୍ ସି ପକ୍ଷରୁ 'କ୍ୟାଚ୍ ଦ ରେନ୍' ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର, ୧୩/୦୭ (ନି.ପ୍ର): 'କ୍ୟାଚ୍ ଦ ରେନ୍' ହେଉଛି ଭାରତ ଜାତୀୟ ଜଳ ମିଶନ, ଜଳଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଦେଶବ୍ୟାପି ଆରମ୍ଭ ହୋଇଥିବା ଜଳ ସଂରକ୍ଷଣ ଅଭିଯାନ । ଯେଉଁଠାରେ ବର୍ଷା ହେଉଛି, ପ୍ରତ୍ୟେକ ନାଗରିକ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷ ବର୍ଷାଜଳ ଅମଳ ପ୍ରକଳ୍ପ ନିର୍ମାଣ ଏବଂ ଭୂତଳ ଜଳ ସଂରକ୍ଷଣ କରିବା ଉଚିତ୍ । ଏହି ଅଭିଯାନକୁ ସାକାର କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆରମ୍ଭ ହୋଇଛି 'କ୍ୟାଚ୍ ଦ ରେନ୍' ସଚେତନତା ଅଭିଯାନ । ଏହି ଉପଲକ୍ଷେ ଆଜି ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଅତିରିକ୍ତ କମିଶନର ଶ୍ରୀ ଶୁଭେନ୍ଦୁ କୁମାର ସାହୁ, ସ୍ଥାନୀୟ କର୍ପୋରେଟର ଶ୍ରୀ ବିପ୍ଳବ ହେବେରାଙ୍କ ସହ ବହୁ କର୍ପୋରେଟରଙ୍କ ଉପସ୍ଥିତିରେ କ୍ୟାଚ୍ ଦି ରେନ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । କ୍ୟାଚ୍ ଦ ରେନ୍ ଅଭିଯାନରେ ଟିମ୍ ବିଏମ୍ ସି ସହ ସ୍ୱଚ୍ଛକର୍ମୀ, ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛସାଥୀ, ସାନିଟାରୀ ଇନ୍ସପେକ୍ଟର, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଏଜେନ୍ସିର କର୍ମୀ ବିଶେଷ କରି ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଜଳ ସଂରକ୍ଷଣର ଗୁରୁତ୍ୱ ସଂପର୍କରେ ସଚେତନ କରାଯାଇଥିଲା । ଅଂଶଗ୍ରହଣରକାରୀମାନେ ସ୍ଥାୟୀ ଜଳ ପରିଚାଳନା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ମଧ ଶପଥ ନେଇଥିଲେ । କ୍ୟାଚ୍ ଦ ରେନ୍ କାର୍ଯ୍ୟକ୍ରମର ପ୍ରମୁଖ ପଦକ୍ଷେପଗୁଡିକ ହେଲା- ଘର, ଗୋଷ୍ଠୀ ଏବଂ କର୍ମସ୍ଥଳରେ ବର୍ଷା ଜଳ ସଂରକ୍ଷଣ ପ୍ରଣାଳୀକୁ ଗ୍ରହଣ କରିବା । ରିଚାର୍ଜ ପିଟ୍ ଏବଂ ଶାଫ୍ଟ ନିର୍ମାଣ କରିବା ସହ ଭୂତଳ ଜଳ ରିଚାର୍ଜ କରିବା ପାଇଁ ଅବ୍ୟବହୃତ ନଳକୂପଗୁଡିକର ପୁନରୁଦ୍ଧାର କରିବା । କୂଅ ଏବଂ ଷ୍ଟେପୱେଲ ଭଳି ପାରମ୍ପାରିକ ଜଳ ସଂରଚନାର ପୁନରୁଦ୍ଧାର ଏବଂ ଉପଯୋଗ କରିବା । ବର୍ଷାଋତୁରେ ଜଳ ଧାରଣ କ୍ଷମତା ବୃଦ୍ଧି ପାଇଁ ପୋଖରୀ ଏବଂ ଜଳାଶୟଗୁଡିକରୁ ପଙ୍କୋଦ୍ଧାର କରିବା । ପରିବେଶଗତ ସ୍ଥିରତା ଏବଂ ଜଳ ସଂରକ୍ଷଣକୁ ସୁଦୃଢ଼ କରିବା ପାଇଁ ମିଆୱାକି ପଦ୍ଧତିରେ ବୃକ୍ଷ ରୋପଣ ସହ ସବୁଜ ଆଚ୍ଛାଦନକୁ ପ୍ରୋତ୍ସାହିତ କରିବା ଦରକାର । ବର୍ଷା ଋତୁରେ ବର୍ଷା ଜଳ ପ୍ରବାହକୁ ସୁଗମ କରିବା, ଜଳମଗ୍ନତାକୁ ହ୍ରାସ କରିବା ଏବଂ ସହରାଂଚଳର ସ୍ଥିତି ସ୍ଥାପକତାରେ ଉନ୍ନତି ଆଣିବା ପାଇଁ ପ୍ରମୁଖ ଡ୍ରେନଗୁଡିକ ଉପରେ ହୋଇଥିବା ଜବରଦଖଲ ହଟାଇବା ଆବଶ୍ୟକ । ଏହି ପ୍ରୟାସଗୁଡିକ ମିଳିତ ଭାବେ କରାଗଲେ, ପ୍ରତ୍ୟେକ ବୁନ୍ଦା ଜଳର ସଂରକ୍ଷଣ ହେବା ସହ ଅଧିକ ସ୍ଥାୟୀ ତଥା ଜଳ ସୁରକ୍ଷିତ ଭୁବନେଶ୍ୱର ନିର୍ମାଣ ଦିଗରେ ବେଶ ସହାୟକ ହେବ ବୋଲି ବିଏମ୍ ସି ପକ୍ଷରୁ କୁହାଯାଇଛି ।

# କେଜିରୁ ପିଜି ମାଗଣା ଶିକ୍ଷାଦାନ ବ୍ୟବସ୍ଥାର ସଫଳ ରୂପାୟନ ପାଇଁ ସବୁ ବିଦ୍ୟାଳୟକୁ ସରକାରୀକରଣ କରାଯାଉ : ଓଷ୍ଟା

ଭୁବନେଶ୍ୱର, ୧୩/୦୭ (ନି.ପ୍ର): ଓଡ଼ିଶାରେ ପ୍ରାଥମିକ ଠାରୁ ଉଚ୍ଚଶିକ୍ଷା(କେଜି ରୁ ପିଜି) ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ନିମନ୍ତେ ରାଜ୍ୟ କ୍ୟାବିନେଟରେ ଯେଉଁ ନିଷ୍ପତ୍ତି ହୋଇଛି ତାହାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ସ୍ୱାଗତ କରାଯାଇଛି । ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତ୍ତିକ ଓ ସୁଲଭ କରିବା ପାଇଁ ସ୍କୁଲ କଲେଜ ମାନଙ୍କରେ ଉପଯୁକ୍ତ ସଂଖ୍ୟକ ଶିକ୍ଷକ ଓ ଶିକ୍ଷାକର୍ମଚାରୀ, ଅନୁଷ୍ଠାନର ପରିଚାଳନା ଓ ସୁରକ୍ଷା ନିମନ୍ତେ ଉପଯୁକ୍ତ ଆର୍ଥିକ ପ୍ରୋତ୍ସାହନ ଯୋଗାଇଦେଲେ ଏହା ଫଳପ୍ରଦ ହୋଇପାରିବ ବୋଲି ଓଷ୍ଟାର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ କହିଛନ୍ତି ।
ସୂଚନାଥାଉକି, କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ପାଇଁ ରାଜ୍ୟସରକାର ତାଙ୍କର ଦ୍ୱିତୀୟ ବର୍ଷ ପୂର୍ତ୍ତି ପାଳନ ଅବସରରେ ଗତ ଜୁନ୍ ୧୨ ତାରିଖରେ ଘୋଷଣା କରି ଏକମାସର ଅବଧି ମଧ୍ୟରେ ଏହାକୁ କ୍ୟାବିନେଟ ବୈଠକରେ ପାରିତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହି ଯୋଜନା ଅଧୀନରେ ରାଜ୍ୟର ସମସ୍ତ ଯୋଗ୍ୟ ସରକାରୀ, ବେସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ କେଜିରୁ ପିଜି ଯାଏଁ ଛାତ୍ରଛାତ୍ରୀ ମାଗଣାରେ ପାଠ ପଢ଼ିବେ । ଏହି ଯୋଜନା ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରୁ ହିଁ କାର୍ଯ୍ୟକାରୀ ହେବ । ଏହି ଐତିହାସିକ ନିଷ୍ପତ୍ତି ଦ୍ୱାରା ରାଜ୍ୟର ଜଣେ ବି ଛାତ୍ରଛାତ୍ରୀ ଆର୍ଥିକ ଅଭାବ କାରଣରୁ ଶିକ୍ଷାରୁ ବଂଚିତ ହେବେ ନାହିଁ ବୋଲି ସରକାର ଗଣମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତି । ଏହି ଯୋଜନା ଅଧୀନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନରେ ନିୟମିତ ବା ରେଗୁଲାର୍ ପାଠ୍ୟକ୍ରମରେ ନାମ ଲେଖାଇଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ନାମଲେଖା ଫି ଛାଡ଼ କରାଯିବ । ଏତଦ୍ଭିନ୍ନ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକ କିପରି ଚାଲିବ ସେ ଦିଗରେ ସରକାର କେତେଦୂର ଚିନ୍ତା କରିଛନ୍ତି ସେ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯେତେବେଳେ ସରକାରୀ ବିଦ୍ୟାଳୟକୁ କଂଟିଜେନ୍ସି ଫଣ୍ଡ ଦେଉଛନ୍ତି, ବିଭିନ୍ନ କାର୍ଯ୍ୟକ୍ରମରେ ମଧ ଆର୍ଥିକ ପ୍ରୋତ୍ସାହନ, ଇଲେକ୍ଟ୍ରି ବିଲ୍ ଆଦି ପ୍ରଦାନ କରୁଛନ୍ତି, ସେତେବେଳ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକୁ ଟଙ୍କାଟିଏ ନଦେଇ ଶିକ୍ଷକ ଅଭିଭାବକ ବୈଠକ କଥା କହୁଛନ୍ତି, ସରକାର ଯେପରି ସରକାରୀ ବିଦ୍ୟାଳୟ ଗୁଡ଼ିକୁ ସମସ୍ତ ସୁବିଧା ଯୋଗାଉଛନ୍ତି ସେହିପରି ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକୁ ସମସ୍ତ ସରକାରୀ ସୁବିଧା ଯୋଗାଇବା ଦରକାର ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ଯାହାଫଳରେ ଏକ ସୁସ୍ଥ ବାତାବରଣ ଓ ଉତ୍ତମ ଶୈକ୍ଷିକ ପରିବେଶ ସୃଷ୍ଟି ହୋଇ ପାରିବ । ପ୍ରଥମେ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ମାନଙ୍କରେ ଖାଲିଥିବା ପଦବୀରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ନିଯୁକ୍ତି କରିବା ଅତ୍ୟନ୍ତ ଜରୁରୀ ଅଟେ । ଯଦି ସରକାର ସମସ୍ତ ବର୍ଗର ବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ କରନ୍ତେ ସବୁ ବିଦ୍ୟାଳୟଗୁଡ଼ିକ ସରକାରୀ ସୁବିଧା ପାଇ ପାରନ୍ତା, ସମସ୍ତ ପିଲା ସମାନ ଭାବରେ ସୁବିଧା ସୁଯୋଗ ହାସଲ କରିପାରନ୍ତେ, ସମାନ ଢଙ୍ଗରେ କେଜିରୁ ପିଜି ଏକପ୍ରକାର ଶିକ୍ଷକ ରହନ୍ତେ ଏବଂ ସମସ୍ତଙ୍କୁ ସବୁ ସୁବିଧା ମିଳି ପାରନ୍ତା ବୋଲି ଓଷ୍ଟା ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ ପାଇଛି ।
ସ୍ୱର୍ଗତଃ ବିଜୁବାବୁ ୩୦୦୦ ବିଦ୍ୟାଳୟକୁ ଏକକାଳୀନ ସରକାରୀକରଣ କରିଥିଲେ । ଏହାର ଦୀର୍ଘ ୩୦ ବର୍ଷ ପରେ ଆଉ କୌଣସି ବିଦ୍ୟାଳୟ ସରକାରୀକରଣ ହୋଇ ନାହିଁ । ସରକାର କେଜିରୁ ପିଜି ଯୋଜନା ନିମନ୍ତେ ଯେଉଁ ଘୋଷଣା କରିଛନ୍ତି ଯଦି ସମସ୍ତ ବର୍ଗର ବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ କରନ୍ତେ ତେବେ ଡବଲ ଇଞ୍ଜିନ ସରକାରଙ୍କର ଏହା ଐତିହାସିକ ପଦକ୍ଷେପ ହୋଇ ପାରନ୍ତା ଏବଂ ଓଡ଼ିଶାରେ ଗୋଟିଏ ପ୍ରକାର ବିଦ୍ୟାଳୟର ବ୍ୟବସ୍ଥା ଚାଲିବା ସହିତ ସମସ୍ତେ ସମାନ ସୁବିଧା ସୁଯୋଗ ପାଇପାରନ୍ତେ ବୋଲି ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ସରକାରଙ୍କୁ ଜଣାଇଛନ୍ତି ।

# ଭଦ୍ରକରେ ବରିଷ୍ଠ ନାଗରିକଙ୍କ ପାଇଁ ବିନୋଦନ କେନ୍ଦ୍ରର ଭୂମିପୂଜନ

ଭଦ୍ରକ, ୧୩/୦୭ (ନି.ପ୍ର): ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ଦ୍ୱାରା ଆୟୋଜିତ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ବରିଷ୍ଠ ନାଗରିକ ମାନଙ୍କ ପାଇଁ ବରିଷ୍ଠ ବିନୋଦନ କେନ୍ଦ୍ର, ଡଗମୁଣ୍ଡ, ବାଗୁରାଇ ୱାର୍ଡ ନଂ ୮ ନିକଟ ଭଦ୍ରକ ଆନନ୍ଦପୁର ରାଜ୍ୟ ରାଜପଥ ପାର୍ଶ୍ୱରେ ମହାନଦୀ କୋଲ ଫିଲଡ଼ ଲିମିଟେଡ଼ (ଏମସିଏଲ) ଆର୍ଥିକ ସହାୟତା ରେ ଏକ ନବନିର୍ମିତ ବିନୋଦନ କେନ୍ଦ୍ରର ଶୁଭ ଭୂମିପୂଜନ କାର୍ଯ୍ୟକ୍ରମ ଓ ସାଧାରଣ ସଭା ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି ଓ ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଉପସ୍ଥିତ ଅତିଥି ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭଦ୍ରକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଡ଼ଃ ଦିଲୀପ ରାଉତରାଏ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀଙ୍କ ଦ୍ୱାରା ସଭା ଓ ଭୂମିପୂଜନ କରାଯାଇଥିଲା । ଉକ୍ତ ବିନୋଦନ କେନ୍ଦ୍ର ନିର୍ମାଣ ପାଇଁ ଆବଶ୍ୟକୀୟ ଡ଼ି. ପି. ଆର. ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ସାଧାରଣ ପରିଚାଳକ ଏମ. ସି. ଏଲ. ବୁର୍ଲ୍ଲା ଙ୍କୁ ୧୬/୪/୨୦୨୬ ଚିଠି ଦ୍ୱାରା ଅବଗତ କରାଯାଇଛି ବୋଲି ଆଜିର ସଭାରେ ଜିଲ୍ଲାପାଳ ପ୍ରକାଶ କଲେ ଓ ଖୁବଶୀଘ୍ର ଅନୁଦାନ ରାଶି ମିଳିଗଲେ । ଉକ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ଆଜି ଭିତିପ୍ରସ୍ତର ସ୍ଥାପନ କରାଗଲା । ସାଂସଦ ଆସନ୍ତା ୨୦୨୭ ମସିହାରେ ଆପଣମାନଙ୍କ ଉଦ୍ଦେଶ୍ୟରେ ଏହା ସମ୍ପୂର୍ଣ୍ଣ କରିବାକୁ ସମସ୍ତ ଚେଷ୍ଟା ଜାରି ରଖିବି, ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର ତାଙ୍କର ବକ୍ତବ୍ୟ ରଖିଲେ କି ଜିଲ୍ଲାର ସମ୍ମାନସ୍ପଦ ବୟୋଜ୍ୟେଷ୍ଠ ମାନଙ୍କ ପାଇଁ ଆମ ସରକାର ଓ ଆମ ଜିଲ୍ଲାର ମାନନୀୟ ମନ୍ତ୍ରୀ, ରାଜ୍ୟ ସଭା ସାଂସଦଙ୍କ ସହ ମିଶି ଏ ପ୍ରକଳ୍ପଟି ଖୁବ ଶୀଘ୍ର ଆପଣଙ୍କୁ ଜିଲ୍ଲା ପ୍ରଶାସନ ଜରିଆରେ ଉତ୍ସର୍ଗ କରିବୁ ।

# ଅଖିଳ ଓଡିଶା ସାମାଜିକ ସୁରକ୍ଷା ଅଧିକାରୀ ସଙ୍ଘ ପକ୍ଷରୁ ରାଜ୍ୟ ସ୍ତରୀୟ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୧୩/୦୭ (ନି.ପ୍ର): ଅଖିଳ ଓଡିଶା ସାମାଜିକ ସୁରକ୍ଷା ଅଧିକାରୀ ସଂଘ ପକ୍ଷରୁ ରାଜ୍ୟ ସ୍ତରୀୟ ବାର୍ଷିକ ସାଧାରଣ ବୈଠକ ଓଡିଶା ସଚିବାଳୟ ସଂଘ ସଭାଗୃହ ରେ ରବିବାର ଅନୁଷ୍ଠିତ ହୋଇଯାଇଛି.ଏହି ବୈଠକ ରେ ସଂଘ ର ସଭାପତି ଜତିନ ପାଣିଗ୍ରାହୀ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ. ମୁଖ୍ୟଅତିଥି ଭାବେ ଯୋଗ ଦେଇ ଖୋର୍ଦ୍ଧା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଆଲ ସଂଘ ର ବିଭିନ୍ନ କାର୍ଯ୍ୟଧାରା ଉପରେ ସାମାଜିକ ସୁରକ୍ଷା କ୍ୟାଡରର ଉପସ୍ଥିତ ୨୦୦ ରୁ ଅଧିକ ଅଧିକାରୀଙ୍କୁ ଆଗାମୀ ଯୋଜନା ବିଷୟରେ ପରାମର୍ଶ ପ୍ରଦାନ କରିଥିଲେ । ସଂଘର ସାଧାରଣ ସମ୍ପାଦକ ଗୌରାଙ୍ଗ କୁଅଁର କ୍ୟାଡ଼ରର ବିଭିନ୍ନ ଦାବି ବିଷୟରେ ଆଲୋକପାତ କରିଥିଲେ ଯଥା ପ୍ରାରମ୍ଭିକ ଗ୍ରେଡ଼ ପେର ଲେବଲ ୯ ରୁ ଲେବଲ ୧୦ କୁ ସଂଶୋଧନ, ପଂଚାୟତ ସ୍ତରୀୟ ନୂତନ କ୍ଷେତ୍ର ଅଧିକାରୀ ନିଯୁକ୍ତି, ବହୁପ୍ରତିକ୍ଷୀତ ସଂଶୋଧିତ ସାମାଜିକ ସୁରକ୍ଷା କ୍ୟାଡ଼ର ର ଯଥାଶୀଘ୍ର ଲାଗୁ, କନିଷ୍ଠ ସହାୟକ ମାନଙ୍କର ପଦୋନ୍ନତି କ୍ୟାଡ଼ର ଗଠନ ଇତ୍ୟାଦି ।

## ଜାତୀୟ ରାଜପଥରୁ ଶତାଧିକ ଲିଟର ମଦ ସମେତ ସ୍କୁଟି ଜବତ: ୩ ଗିରଫ

ବସ୍ତା,୧୩।୭(ନିପ୍ର):ବସ୍ତା ଅବକାରୀ ବିଭାଗ ଚଢାଉ କରି ଆଜି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସ୍କୁଟି ଓ ଶତାଧିକ ଲିଟର ଚୋରା ଦେଶୀ ମଦ କରିଥିବା ଜଣାଯାଇଛି। ସୂଚନାରୁ ପ୍ରକାଶ ଯେ ୧୬ ନଂ ଜାତୀୟ ରାଜପଥରେ ଓଡ଼ି୦୧ଏଜି ୮୧୯୨ ୟାମାହ ସ୍କୁଟି ରେ ୧୦୦ ଲିଟର ଦେଶୀ ନେଇ ମୟୁରଭଞ୍ଜର ମୋରଡ଼ା ଥାନା ଅଧିନ ଚିତ୍ରଡ଼ାର ଜ୍ୟୋତିକୃଷ୍ଣ ବେହେରା ଓ ମୋରଡ଼ାର ଶିଶିର ମୁଖୀ ଯାଉଥିବା ବେଳେ ଅବକାରୀ ପୁଲିସ ସେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ସିଂଲା ଥାନା ତ୍ରୈଲୋକିର ସତ୍ୟରଞ୍ଜନ ବେହେରାକୁ ଗିରଫ ସହ ୧୮ ଲିଟର ଦେଶୀ ମଦ ଜବତ କରାଯାଇଛି। ସେମାନଙ୍କ ବିରୋଧରେ କେଶ ନଂ ଯଥାକ୍ରମେ ୫୮/୨୬-୨୭ ଓ ୫୯/୨୬-୨୭ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି।

## ଯୁବ ରେଡ଼କ୍ରସ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୧୩/୭ (ନି.ପ୍ର): ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ସୋମବାର ଭୁବନେଶ୍ୱର ସ୍ଥିତ ରେଡ଼କ୍ରସ ଭବନ ଠାରେ ଯୁବ ରେଡ଼କ୍ରସ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜିର ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ରାଜ୍ୟର ବିଶ୍ୱ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ରହିଥିବା ଯୁବ ରେଡ଼କ୍ରସ ୟୁନିଟ୍‌ର ବିଭିନ୍ନ କାର୍ଯ୍ୟାବଳୀ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏଥିସହ ଉକ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ରେଡ଼କ୍ରସ ୟୁନିଟ୍ ଗୁଡ଼ିକର କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ହେବା ସହ ସ୍ୱେଚ୍ଛାସେବୀମାନଙ୍କର ଦକ୍ଷତା ବିକାଶ ଯେପରି କରାଯାଇପାରିବ, ସେହି ସମ୍ବନ୍ଧରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ରେଡ଼କ୍ରସ ୟୁନିଟ୍ ଗଠନ ଏବଂ ସ୍ୱେଚ୍ଛାସେବୀଙ୍କ ଅଂଶଗ୍ରହଣ, ରକ୍ତଦାନ ଶିବିରର ବ୍ୟାପକ ଆୟୋଜନ, ରେଡ଼କ୍ରସ ୟୁନିଟ୍ ମାଧ୍ୟମରେ କ୍ୟାମ୍ପସରେ ନିଶାମୁକ୍ତି ଅଭିଯାନର ଆୟୋଜନ, କ୍ୟାମ୍ପସ ସ୍ୱଚ୍ଛତା, ସଡ଼କ ସୁରକ୍ଷା, ଅଗ୍ନି ନିରାପତା, ପରିବେଶ ସୁରକ୍ଷା ଆଦି ଉପରେ ଯେପରି ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଇପାରିବ ସେ ଦିଗରେ କାର୍ଯ୍ୟ କରିବାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ପରାମର୍ଶ ଦେଇଥିଲେ। ଏଥିସହ ରାଜ୍ୟ ରେଡ଼କ୍ରସ ପୁରସ୍କାର ସମେତ ଜିଲ୍ଲା ସ୍ତରରେ ଶ୍ରେଷ୍ଠ ରେଡ଼କ୍ରସ ସ୍ୱେଚ୍ଛାସେବୀଙ୍କୁ ଚୟନ କରାଯାଇ, ସେମାନଙ୍କୁ ଜିଲ୍ଲା ସ୍ତରରେ ପୁରସ୍କୃତ କରିବା ପାଇଁ ଆଜିର ବୈଠକରେ ପ୍ରସ୍ତାବ ରଖାଯାଇଥିଲା।

# ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟିକୁ ନେଇ ଶିକ୍ଷା ବଞ୍ଚାଅ ଅଭିଯାନ

- ■ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡିର ବିକ୍ଷୋଭ
- ■ବର୍ଷା ସତ୍ତ୍ୱେ ହଜାର ହଜାର ଯୁବ ଛାତ୍ରଙ୍କ ସମାଗମ
- ■ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ
- ■ସଂଶୋଧିତ ପୁସ୍ତକ ବଣ୍ଟନ ସହ ଦୁର୍ନୀତିର ସିବିଆଇ ତଦନ୍ତ ଦାବି




ବାଲେଶ୍ୱର, ୧୩/୭ (ନି.ପ୍ର): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟିକୁ ନେଇ ବିଜେପିକୁ ଘେରିଛି ବାଲେଶ୍ୱର ବିଜେଡି । ଏନେଇ ସୋମବାର ବାଲେଶ୍ୱର ଯୁବ-ଛାତ୍ର ବିଜେଡି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବର୍ଷା ସତ୍ତ୍ୱେ ହଜାର ହଜାର ଯୁବ ଓ ଛାତ୍ରଙ୍କୁ ନେଇ ବିଶାଳ ଶୋଭାଯାତ୍ରା ମିଶନ ପଡ଼ିଆରୁ ବାହାରି ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଁଚିଛି । ଏହି ପରିପ୍ରେକ୍ଷୀରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁ ଏବଂ ସମସ୍ତ ବରିଷ୍ଠ ନେତୃତ୍ୱ ଉପସ୍ଥିତ ରହି ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିବା ବେଳେ ଦୁଇ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଯୁବ ଜନତାର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ସଭାପତିତ୍ୱ କରିଥିବା ବେଳେ ବାଲେଶ୍ୱର ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ସୋର ବିଧାୟକ ମାଧବ ଧଡ଼ା, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ଗିରିଶ ଚନ୍ଦ୍ର ଦାଶ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ବିଜେଡି ଟାଉନ ସଭାପତି ମନୋଜ ରାଉତ, ଯୁବ ବିଜେଡିର ମହାସଚିବ ଅମରଜିତ ସେନାପତି, ଛାତ୍ର କାର୍ଯ୍ୟକାରୀ ସଭାପତି ବାବୁ ଖାନ, ଯୁବନେତା ମନୋରଞ୍ଜନ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିବା ସହ ବିଜେପିର ଶିକ୍ଷା ମାରଣ ନୀତି ବିରୁଦ୍ଧରେ ବର୍ଷିଥିଲେ । ପାଠ୍ୟ ପୁସ୍ତକରେ ହଜାର ହଜାର ସଂଖ୍ୟାରେ ତ୍ରୁଟି ଥିବା ବେଳେ ବିଜେପି ସରକାର ତାର ସଂଶୋଧନ କରୁନାହାଁନ୍ତି । ଯାହା ଫଳରେ ରାଜ୍ୟର ପ୍ରାକ ଶିକ୍ଷା ବ୍ୟବସ୍ଥା ଭୁଶୁଡିବାକୁ ଗଲାଣି । ସେହିପରି ପୁସ୍ତକ ମୁଦ୍ରଣରେ ୩୮୦ କୋଟିର ଦୁର୍ନୀତି ହୋଇଥିବା ବେଳେ ଏନେଇ ସିବିଆଇ ତଦନ୍ତ ସହ ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି । ତଦନ୍ତ ଜରିଆରେ ଦୁର୍ନୀତିକୁ ସର୍ବ ସମ୍ମୁଖକୁ ଆଣିବା, ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ସମ୍ପୃକ୍ତ ଅଧିକାରୀ ଓ ଆଜେନ୍ସି ଉପରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନେଇ ବିଜେଡି ଦାବି କରିଛି । ସେହିପରି ଷାଣ୍ମାଷିକ ପରୀକ୍ଷା ପାଖେଇ ଆସୁଥିବାରୁ ଯଥାଶୀଘ୍ର ସଂଶୋଧିତ ପୁସ୍ତକ ବଣ୍ଟନ ନିମନ୍ତେ ସମସ୍ତେ ଦାବି କରିଛନ୍ତି । ପରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ରାଜ୍ୟ ଯୁବ ଉପସଭାପତି ତାପସ ପାଣିଗ୍ରାହୀ, ପୂର୍ବତନ ଜିଲ୍ଲା ଯୁବ ସଭାପତି ତାପସ ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦକ ଜୟରାମ ଦାସ, ଯୁବନେତା ସେକ ଅନସର ଅଲ୍ଲୀ, ଯୁବନେତା ଭରତ ଭୂଷଣ ଦାସ, ଉମାଶଙ୍କର ତିଆଡ଼ି, ଛାତ୍ରନେତା ହରେକୃଷ୍ଣ ପ୍ରଧାନ, ଲକସନ ପ୍ରଧାନ, ଉମାକାନ୍ତ ଦାସ, ବିଭାସ ନାୟକ, ସୀତାଂଶୁ ଶେଖର ପରିଡ଼ା, ଜ୍ୟୋତିପ୍ରକାଶ ବେହେରା, ଜ୍ୟୋତିପ୍ରକାଶ ଗିରି, ମନୀଶ ପରିଡ଼ା, ବିଭୁଦତ୍ତ ପରିଡ଼ା, ବିକାଶ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଜେଡିର ନେତୃବୃନ୍ଦଙ୍କ ମଧ୍ୟରେ ନୀଳଗିରି ଚେୟାରମ୍ୟାନ ଶୁଭଲକ୍ଷ୍ମୀ ମାଝୀ, ଗଙ୍ଗାଧର ମିଶ୍ର, ସଞ୍ଜୟ ବେହେରା, ସୁବୋଧ ମହାନ୍ତି, ବିଶ୍ୱଜିତ ମହାପାତ୍ର, ରୀତିକ ଜୀ, ଆୟୁବ ଖାଁ, କାର୍ତ୍ତିକ ସାହୁ, କାଉନସିଲର ମୀନା ମହାନ୍ତି, ସବିତାରାଣୀ ଦାସ, ସନ୍ଧ୍ୟାରାଣୀ ଜେନା, ରାଜଲକ୍ଷ୍ମୀ ଚାଟାର୍ଜୀ, କାଉନସିଲର ଶଶୀରେଖା ମହାନ୍ତି, ସୋନିଆ ମୁର୍ମୁ, ମୀରାଜ ବାନୋ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଭୁଲ ପାଠ୍ୟପୁସ୍ତକ ପ୍ରତ୍ୟାହାର ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଜଳେଶ୍ୱରରେ ସିପିଏମର ବିକ୍ଷୋଭ




ଜଳେଶ୍ୱର, ୧୩/୭ (ନି.ପ୍ର): ରାଜ୍ୟର ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ଓ ଭ୍ରମାତ୍ମକ ତଥ୍ୟ ସ୍ଥାନ ପାଇବା ପ୍ରତିବାଦରେ ଆଜି ଜଳେଶ୍ୱରଠାରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ପକ୍ଷରୁ ଏକ ଗଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।ସିପିଏମ୍ ଜଳେଶ୍ୱର ଆଞ୍ଚଳିକ କମିଟି ଆନୁକୁଲ୍ୟରେ ଆୟୋଜିତ ଏହି ପ୍ରତିବାଦ ସଭାରେ ଦଳ ପକ୍ଷରୁ ସରକାରଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଅଣାଯିବା ସହ ତୁରନ୍ତ ଏହି ପୁସ୍ତକ ଗୁଡ଼ିକୁ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ଏହି ସଂକ୍ରାନ୍ତରେ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।ଆଜି ଜଳେଶ୍ୱର ତହସିଲ ଅଫିସ ସମ୍ମୁଖରେ ଦଳୀୟ କର୍ମୀ ଓ ନେତୃବୃନ୍ଦ ଏକତ୍ରିତ ହୋଇ ସରକାରଙ୍କ ଶିକ୍ଷା ବିରୋଧୀ ନୀତି ବିରୋଧରେ ପ୍ରବଳ ସ୍ଲୋଗାନବାଜି କରିଥିଲେ ।ସିପିଏମର ଅଭିଯୋଗ ଅନୁଯାୟୀ, ନୂତନ ଜାତୀୟ ଶିକ୍ଷା ନୀତି ର କୌଣସି ଉପଯୁକ୍ତ ତର୍ଜମା ନକରି କେବଳ କେନ୍ଦ୍ରୀୟ ନେତୃତ୍ୱଙ୍କୁ ସନ୍ତୁଷ୍ଟ କରିବା ପାଇଁ ରାଜ୍ୟ ସରକାର ଅତ୍ୟନ୍ତ ତରବରିଆ ଭାବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟଖସଡ଼ା ବଦଳାଇ ଦେଇଛନ୍ତି ।ଏହି କାରଣରୁ ନୂଆ ବହିଗୁଡ଼ିକରେ ମାଳ ମାଳ ଭୁଲ୍ ରହିଯାଇଛି,ଯାହାକି କୋମଳମତି ଶିଶୁମାନଙ୍କ ପାଇଁ ଏକ ପ୍ରକାର 'ବୌଦ୍ଧିକ ହତ୍ୟା' ସଦୃଶ ।ଭବିଷ୍ୟତ ପିଢ଼ିକୁ ବିପଥଗାମୀ କରିବା ଏବଂ ବୈଜ୍ଞାନିକ ମନୋଭାବଠାରୁ ଦୂରେଇ ରଖି ସେମାନଙ୍କୁ ଅନ୍ଧବିଶ୍ୱାସ ଆଡ଼କୁ ମୁହାଁଇବା ପାଇଁ ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି ଦଳ କହିଛି। ପାଠ୍ୟପୁସ୍ତକ ବିବାଦକୁ ନେଇ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ପରସ୍ପର ବିରୋଧୀ ବ୍ୟାନକୁ ନେଇ ସିପିଏମ୍ ତୀବ୍ର ସମାଲୋଚନା କରିଛି। ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ଭୁଲ ସଂଶୋଧନ କରି ନୂଆ ବହି ଯୋଗାଇ ଦେବାକୁ କହୁଥିବା ବେଳେ,ଅପରପକ୍ଷରେ ଗଣଶିକ୍ଷା ମନ୍ତ୍ରୀ ନୂତନ ବହି ପ୍ରସ୍ତୁତ ହୋଇପାରିବ ନାହିଁ ବୋଲି ସଫା ସଫା ମନା କରୁଛନ୍ତି। ମନ୍ତ୍ରୀଙ୍କର ଏଭଳି ଖାମଖିଆଲି ଓ ଦାୟିତ୍ୱହୀନ ବିବୃତି ଅତ୍ୟନ୍ତ ନିନ୍ଦନୀୟ ଏବଂ ଶିକ୍ଷାବ୍ୟବସ୍ଥାକୁ ନେଇ ସରକାର ଲୁଚକାଳି ଖେଳୁଛନ୍ତି ବୋଲି ପ୍ରତିବାଦକାରୀମାନେ ମତବ୍ୟକ୍ତ କରିଛନ୍ତି। ଭୁଲ୍ ଥିବା ହଜାର ହଜାର ପାଠ୍ୟପୁସ୍ତକକୁ ତୁରନ୍ତ ପ୍ରତ୍ୟାହାର ନକରି,ଅନ୍ୟପଟେ କୋଟି କୋଟି ଟଙ୍କା ବ୍ୟୟରେ 'ଲକ୍ଷ୍ମୀ ପୁରାଣ' ଛପାଇ ବଣ୍ଟନ କରିବା ପାଇଁ ସରକାର ନେଇଥିବା ନିଷ୍ପତ୍ତିକୁ ଦଳ କଡ଼ା ସମାଲୋଚନା କରିଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ସରକାର ଶିକ୍ଷାର ବିକାଶ ପରିବର୍ତ୍ତେ ନିଜର ଦଳୀୟ ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ଜାଣିଶୁଣି ଏଭଳି ଭ୍ରମାତ୍ମକ ପୁସ୍ତକ ପ୍ରସ୍ତୁତ କରିଛନ୍ତି,ଯାହା ଏକ ଅକ୍ଷମଣୀୟ ଅପରାଧ। ?ସିପିଏମ୍ ପକ୍ଷରୁ ଅପାରଗ ଓ ଅପଦାର୍ଥ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ତୁରନ୍ତ ପଦରୁ ବରଖାସ୍ତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି ।ମୁଖ୍ୟମନ୍ତ୍ରୀ ଯଦି ବିବାଦୀୟ ମନ୍ତ୍ରୀଙ୍କୁ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା କରନ୍ତି,ତେବେ ଆଗାମୀ ଦିନରେ ଏହା ବିରୋଧରେ ରାଜ୍ୟବ୍ୟାପୀ ଏକ ବ୍ୟାପକ ଗଣ ଆନ୍ଦୋଳନ ଗଢ଼ି ତୋଳିବ ବୋଲି ଦଳ ଚେତାବନୀ ଦେଇଛି। ଆଜିର ଏହି ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମର ନେତୃତ୍ୱ ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ର ନେଇଥିବା ବେଳେ ବରିଷ୍ଠ କମ୍ୟୁନିଷ୍ଟ ନେତା ଦିଲ୍ଲୀପ କୁମାର ଗିରି,ଦିପ୍ତିମାନ ଆଚାର୍ଯ୍ୟ,ପଲ୍ଟୁ ଦାସ,ବସନ୍ତ ଦାସ,ଲକ୍ଷ୍ମୀଧର ପଲାଇ,ସୁଶାନ୍ତ ରାଉତ,ବରେନ୍ଦ୍ର ବେହେରା,କାନ୍ଦା ମୁର୍ମୁ,ସମରାଇ ଟୁଡୁ,ସବିତା ଭୂୟାଁ,ବିଦ୍ୟାଧର ପାତ୍ର,ଉତ୍ତମ ପ୍ରଧାନ,ଭୋଳା ହାଁସଦା ଏବଂ ବରେନ୍ଦ୍ର ପାତ୍ର ପ୍ରମୁଖ ସାମିଲ ହୋଇ ଆନ୍ଦୋଳନକୁ ସଫଳ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କୋମାରେ ୧୦୮...

ଆମ୍ବୁଲାନ୍ସ ବାବଦକୁ ୨୦ ଅକ୍ଟୋବର ୨୦୨୪ରୁ ୩ ମେ' ୨୦୨୬ ମଧ୍ୟରେ ୧୦୮ ଆମ୍ବୁଲାନ୍ସ ଓ ରୋଗୀ ପରିବହନ ସେବା ପାଇଁ ମୋଟ ୩୮୮ କୋଟି ୬୧ ଲକ୍ଷ ୬୫ ହଜାର ୭୧୯ ଟଙ୍କା ଖର୍ଚ୍ଚ ହୋଇଥିବା ଆରଟିଆଇ ତଥ୍ୟରୁ ଜଣାପଡ଼ିଛି । ସେଥିରୁ ଉଗଇଏ ପାଇଁ ୩୩୧ କୋଟି ୫୭ ଲକ୍ଷ ୫୦ ହଜାର ୬୪୦ ଟଙ୍କା ଓ ଆରଟିଏସ ପାଇଁ ୫୭ କୋଟି ୪ ଲକ୍ଷ ୧୫ ହଜାର ୭୯ ଟଙ୍କା ଖର୍ଚ୍ଚ ହୋଇଛି । ଗୋଟିଏପଟେ ସରକାର ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ, ଅନ୍ୟପଟେ ବାରମ୍ବାର ଆମ୍ବୁଲାନ୍ସ ଦୁର୍ଘଟଣା, ସେବାରେ ଅବହେଳା ଏବଂ ରୋଗୀ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି । ତେଣୁ ଏତେ ବିପୁଳ ବ୍ୟୟ ସତ୍ତ୍ୱେ ସେବାର ଗୁଣବତ୍ତା କେତେ ସୁଧାରିଛି, ତାହା ଏବେ ବଡ଼ ପ୍ରଶ୍ନ । ୧୦୮ ଆମ୍ବୁଲାନ୍ସର ଦୂରାବସ୍ଥା ନେଇ କନକ ନ୍ୟୁଜରେ ବାରମ୍ବାର ଖବର ପ୍ରସାରଣ ପରେ ଠିକା ସଂସ୍ଥାର ନିଦ ଭାଙ୍ଗିଛି । ଆମ୍ବୁଲାନ୍ସର ଯାନ୍ତ୍ରିକ ସ୍ଥିତି, ରକ୍ଷଣାବେକ୍ଷଣ ଓ ତ୍ରୁଟିର ତଦାରଖ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଉଛି । ଜିଲ୍ଲାରେ ଚାଲୁଥିବା ଆମ୍ବୁଲାନ୍ସର ଅବସ୍ଥା ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଠିକା ସଂସ୍ଥା ଜିଭିକେ ଏମ୍ରି ଗ୍ରୀନ ସର୍ଭିସେସର ରାଜ୍ୟ ମୁଖ୍ୟ କହିଛନ୍ତି ।

### ବହିରେ ତ୍ରୁଟି, ଖୋଳତାଡ଼...

ପରବର୍ତ୍ତୀ ଶୁଣାଣି ଜୁଲାଇ ୨୦ ତାରିଖ ସୋମବାରରେ ଅନୁଷ୍ଠିତ ହେବ । ହିନ୍ଦୁ ଧର୍ମ ପରିଷଦ ମଧ୍ୟ ଏହି ମାମଲାରେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛି, ଦାନ ଚୋରିର କୋର୍ଟ-ତଦାରଖରେ ତଦନ୍ତ ଦାବି କରିଛି। ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସୋମବାର ଚାରୋଟି ଆବେଦନର ଶୁଣାଣି ଆରମ୍ଭ କରିଛନ୍ତି। ଦୁଇଟି ପୃଥକ ଆବେଦନରେ ସିବିଆଇ ତଦନ୍ତ ଦାବି କରାଯାଇଛି। ଅନ୍ୟ ଏକ ଆବେଦନରେ ସିବିଆଇ ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି) ଦ୍ୱାରା ତଦନ୍ତ, ପ୍ରମାଣ ସଂରକ୍ଷଣ ଏବଂ ମନ୍ଦିର ଟ୍ରଷ୍ଟର ଆର୍ଥିକ କାରବାରର ଫୋରେନସିକ୍ ଅଡିଟ୍ ଦାବି କରାଯାଇଛି । ଆବେଦନକାରୀମାନେ ଯୁକ୍ତି ବାଢ଼ିଛନ୍ତି ଯେ ଏକ ନିରପେକ୍ଷ ଏବଂ ସ୍ୱଚ୍ଛ ତଦନ୍ତ ସୁନିଶ୍ଚିତ କରିବା ପାଇଁ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ଜରୁରୀ। ଏହି ଆବେଦନଗୁଡ଼ିକ ମଧ୍ୟରେ ଆଇନଜୀବୀ ନରେନ୍ଦ୍ର କୁମାର ଗୋସ୍ୱାମୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ରିଟ୍ ପିଟିସନ୍, ଶ୍ରୀ ରାମ ଜନ୍ମଭୂମି ତୀର୍ଥ ଟ୍ରଷ୍ଟ ଏବଂ ଅନ୍ୟମାନଙ୍କ ବିରୋଧରେ ଅଜୟ କୁମାର ରାୟଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ଫୌଜଦାରୀ ରିଟ୍ ପିଟିସନ୍ ଏବଂ ଆରଜେଡି ସାଂସଦ ସୁଧାକର ସିଂହଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ପିଟିସନ୍ ରହିଛି। ସୁପ୍ରିମକୋର୍ଟ ପୂର୍ବରୁ ତତ୍କାଳ ଶୁଣାଣିକୁ ମନା କରିଦେଇଥିଲେ । ଏହା ପରେ, ଆବେଦନକାରୀମାନେ ଗୁରୁତର ଅଭିଯୋଗକୁ ଉଲ୍ଲେଖ କରି ମାମଲାର ତୁରନ୍ତ ତାଲିକାଭୁକ୍ତ କରିବାକୁ ଜିଦ୍ ଧରିଥିଲେ । ଏହା ପରେ, ଜଷ୍ଟିସ୍ ସୁନ୍ଦରେଶଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ ଯେ, ଗ୍ରୀଷ୍ମ ଛୁଟି ପରେ କୋର୍ଟ ପୁଣି ଖୋଲିବା ସମୟରେ ମାମଲାକୁ ତାଲିକାଭୁକ୍ତ କରାଯିବ। ଆଇନଜୀବୀ ନରେନ୍ଦ୍ର ଗୋସ୍ୱାମୀ ରାମ ଜନ୍ମଭୂମି ମନ୍ଦିର ଦାନ ସହିତ ଜଡ଼ିତ ରେକର୍ଡ ଏବଂ ପ୍ରମାଣ ସଂରକ୍ଷଣ ଏବଂ ମନ୍ଦିରରେ ପ୍ରସାଦ ପରିଚାଳନାରେ ଅଧିକ ସ୍ୱଚ୍ଛତା ପାଇଁ ଏକ ଆବେଦନ ଦାଖଲ କରିଛନ୍ତି । ଆବେଦନରେ କୁହାଯାଇଛି ଯେ ଏକ ସାର୍ବଜନୀନ ମନ୍ଦିରକୁ ପ୍ରଦାନ କରାଯାଉଥିବା ଦାନ ହେଉଛି ଟ୍ରଷ୍ଟ ସମ୍ପତ୍ତି। ଟ୍ରଷ୍ଟ ଦେବତାଙ୍କ ପାଖରେ ଏକ ଆଇନଗତ ସଂସ୍ଥା ଭାବରେ ଉତ୍ତରଦାୟୀ । ଏହିପରି ଦାନ ପରିଚାଳନା କରୁଥିବା ବ୍ୟକ୍ତିମାନେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ସୁରକ୍ଷାର କର୍ତ୍ତବ୍ୟ ଦ୍ୱାରା ଆବଦ୍ଧ ଟ୍ରଷ୍ଟି । ଆବେଦନରେ ଦାନ ସହିତ ଜଡ଼ିତ ସମସ୍ତ ରେକର୍ଡ, ସିସିଟିଭି ଫୁଟେଜ୍ ଏବଂ ଡିଜିଟାଲ୍ ଲଗ୍ ତୁରନ୍ତ ସଂରକ୍ଷଣ ପାଇଁ ମଧ୍ୟ ଦାବି କରାଯାଇଛି। ସେ ତଦନ୍ତର ଏକ ସିଲ୍ ରିପୋର୍ଟ ଏବଂ ଏପର୍ଯ୍ୟନ୍ତ ପ୍ରାପ୍ତ ଦାନ ଏବଂ ମୂଲ୍ୟବାନ ଜିନିଷଗୁଡ଼ିକର ଏକ ସ୍ୱାଧୀନ ଫୋରେନସିକ୍ ଅଡିଟ୍ ମଧ୍ୟ ଦାବି କରିଛନ୍ତି । ଜାତୀୟ ସ୍ତରର ଗୁରୁତ୍ୱପୂର୍ଣ୍ଣ ମନ୍ଦିରରେ ସାର୍ବଜନୀନ

### ଆସନ୍ତା ଚାରି ଦିନ...

ଜିଲ୍ଲାରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବିଶେଷକରି ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ବ୍ରାହ୍ମଣୀ ଏବଂ ବୈତରଣୀ ନଦୀର ଅବବାହିକା ଅଂଚଳରେ ବର୍ଷାର ପରିମାଣ ଅଧିକ ରହିପାରେ ବୋଲି ସିଇସି ପକ୍ଷରୁ ସୂଚନା ଦିଆଯାଇଛି । ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ସମ୍ବଲପୁର, ବରଗଡ଼, କଟକ, କେନ୍ଦ୍ରାପଡ଼ା ଏବଂ ଖୋର୍ଦ୍ଧା ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ଅନୁଭୂତ ହେବ ବୋଲି ବୁଲେଟିନ୍‌ରେ କୁହାଯାଇଛି । ସୋମବାର ରାଜ୍ୟରେ ହାଲୁକାରୁ ମଧ୍ୟମ ବର୍ଷା ସହ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରିଛି ସିଇସି ।

# ଏଆଇଟିୟୁସିର ଜିଲ୍ଲା ସମ୍ମିଳନୀ ଆସନ୍ତା ୧୯ରେ




ବାଲେଶ୍ୱର: ତା୧୩-୭: ଭାରତବର୍ଷର ପ୍ରଥମ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇଟିୟୁସିର ଅଷ୍ଟମ ଜିଲ୍ଲା ସମ୍ମିଳନୀ ଚଳିତ ଜୁଲାଇ ମାସ ୧୯ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ। ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀଙ୍କ ଅଧ୍ୟକ୍ଷତାରେ ରବିବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା ଆସନ୍ତା ରାଜ୍ୟ ସମ୍ମିଳନୀ ଓ ଜାତୀୟ ସମ୍ମିଳନୀ ସଂପର୍କରେ ସୂଚନା ଦେଇ ବାଲେଶ୍ୱର ଜିଲ୍ଲା ସମ୍ମିଳନୀକୁ ସଫଳ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। ଏଆଇଟିୟୁସି ଜାତୀୟ ପରିଷଦ ସଦସ୍ୟ ଜୟନ୍ତ ଦାସ ବୈଠକରେ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ରାଜ୍ୟ ଓ ଜାତୀୟସ୍ତରରେ ଶ୍ରମିକମାନଙ୍କ ସମସ୍ୟା ଉତ୍କଟ ହେଉଥିବାବେଳେ ଚଳିତ ବର୍ଷର ସମସ୍ତ ସମ୍ମିଳନୀ ବହୁ ଗୁରୁତ୍ୱ ରହିଛି ବୋଲି ମତ ଦେଇଥିଲେ। ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ ଓ ସଂପାଦକ ମାୟାଧର ନାୟକ ଆସନ୍ତା ରାଜ୍ୟ ସମ୍ମିଳନୀ ତାଳଚେରରେ ଓ ଜାତୀୟ ସମ୍ମିଳନୀ ବାଙ୍ଗାଲୋରରେ ହେବାକୁ ଥିବାର ସୂଚନା ଦେଇଥିଲେ। ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଶରତ ଚନ୍ଦ୍ର ଦଳାଇ, ଭରତ ଚନ୍ଦ୍ର ସେଠୀ, ଆରତୀ ଦାସ ମହାପାତ୍ର, ଯତୀନ୍ ପାତ୍ର, ପର୍ଶୁରାମ ସାହୁ, ସର୍ବେଶ୍ୱର ହାଁସଦା, ଶରତ ମହାନ୍ତି, ହରେକୃଷ୍ଣ ଚାନ୍ଦ ଓ ବନ୍ଦନା ବିଶ୍ୱାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହ କରି ସମ୍ମିଳନୀର ସଫଳତା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଭାରତବର୍ଷର ପ୍ରଥମ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇଟିୟୁସିର ଅଷ୍ଟମ ଜିଲ୍ଲା ସମ୍ମିଳନୀ ଚଳିତ ଜୁଲାଇ ମାସ ୧୯ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ। ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀଙ୍କ ଅଧ୍ୟକ୍ଷତାରେ ରବିବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା ଆସନ୍ତା ରାଜ୍ୟ ସମ୍ମିଳନୀ ଓ ଜାତୀୟ ସମ୍ମିଳନୀ ସଂପର୍କରେ ସୂଚନା ଦେଇ ବାଲେଶ୍ୱର ଜିଲ୍ଲା ସମ୍ମିଳନୀକୁ ସଫଳ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। ଏଆଇଟିୟୁସି ଜାତୀୟ ପରିଷଦ ସଦସ୍ୟ ଜୟନ୍ତ ଦାସ ବୈଠକରେ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ରାଜ୍ୟ ଓ ଜାତୀୟସ୍ତରରେ ଶ୍ରମିକମାନଙ୍କ ସମସ୍ୟା ଉତ୍କଟ ହେଉଥିବାବେଳେ ଚଳିତ ବର୍ଷର ସମସ୍ତ ସମ୍ମିଳନୀ ବହୁ ଗୁରୁତ୍ୱ ରହିଛି ବୋଲି ମତ ଦେଇଥିଲେ। ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ ଓ ସଂପାଦକ ମାୟାଧର ନାୟକ ଆସନ୍ତା ରାଜ୍ୟ ସମ୍ମିଳନୀ ତାଳଚେରରେ ଓ ଜାତୀୟ ସମ୍ମିଳନୀ ବାଙ୍ଗାଲୋରରେ ହେବାକୁ ଥିବାର ସୂଚନା ଦେଇଥିଲେ। ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଶରତ ଚନ୍ଦ୍ର ଦଳାଇ, ଭରତ ଚନ୍ଦ୍ର ସେଠୀ, ଆରତୀ ଦାସ ମହାପାତ୍ର, ଯତୀନ୍ ପାତ୍ର, ପର୍ଶୁରାମ ସାହୁ, ସର୍ବେଶ୍ୱର ହାଁସଦା, ଶରତ ମହାନ୍ତି, ହରେକୃଷ୍ଣ ଚାନ୍ଦ ଓ ବନ୍ଦନା ବିଶ୍ୱାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହ କରି ସମ୍ମିଳନୀର ସଫଳତା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବୃଦ୍ଧାଙ୍କ ବେକରୁ ଝାମ୍ପିନେଲେ ଚାରିଲକ୍ଷ ଟଙ୍କାର ସୁନାହାର

ନୀଳଗିରି, ୧୩/୭ (ନି.ପ୍ର): ପରିଚୟ ପଚାରିବା ବାହାନାକରି ୨ଜଣ ଛଦ୍ମବେଶୀ ଲୁଟେରା ଜୈନିକ ବୃଦ୍ଧାଙ୍କ ବେକରୁ ଆନୁମାନିକ ୪ଲକ୍ଷ ଟଙ୍କାର ସୁନାହାର ଲୁଟିନେଇଛନ୍ତି। ସୋମବାର ଭୋର ପ୍ରାୟ ୫ଟା ସମୟରେ ନୀଳଗିରି ସହରରେ ଏଭଳି ଘଟଣା ଘଟିଯାଇଛି। ସୂଚନା ଅନୁଯାୟୀ ନୀଳଗିରି ଏନଏସି ୭ ନମ୍ବର ୱାର୍ଡ ବାଲିଗୋହିରୀ ଗ୍ରାମର ପ୍ରଫୁଲ୍ଲବାଳା ଦେବୀଙ୍କ ବେକରୁ ଭୋର ସମୟରୁ ଦୁଇଜଣ ଯୁବକ ଏକ ବାଇକରେ ଆସି ପରିଚୟ ପଚାରିବାର ବାହାନାକରି ବେକରୁ ସୁନାଚେନ ଲୁଟିନେଇଛନ୍ତି। ଲୁଟେରା ଦୁଇଜଣ ହେଲମେଟ ଓ ମାସ୍କ ପିନ୍ଧିଥିବା ବେଳେ ଏକ ବାଇକ ଯୋଗେ ଆସିଥିଲେ । ଫଳରେ ସେମାନଙ୍କୁ ଚିହ୍ନିପାରିଲିନି ବୋଲି କହିଛନ୍ତି ପ୍ରଫୁଲ୍ଲବାଳା ।ହାରଟି ୨୫ ଗ୍ରାମରୁ ଉର୍ଦ୍ଧ୍ୱ ଓଜନର ହେଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ।ଏନେଇ ନୀଳଗିରି ଥାନାରେ ଅଭିଯୋଗପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ବାରମ୍ବାର ନୀଳଗିରି ଅଞ୍ଚଳରେ ଏଭଳି ଛିନତାଇ, ମନ୍ଦିରଲୁଟ, ଡକାଇତି ଭଳି ଘଟଣା ଘଟିଚାଲିଥିବାରୁ ଅଞ୍ଚଳବାସୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ତେଣୁ ପୋଲିସ ତରଫରୁ ପେଟ୍ରୋଲିଂକୁ ଜୋରଦାର କରିବାକୁ ଦାବୀ ହୋଇଛି।

# 'ସହାୟକ' ବାଲେଶ୍ୱର ତରଫରୁ ସନ୍ଥତୀର୍ଥ ସେବାଶ୍ରମ ହଳଦୀପଦା ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ




ବାଲେଶ୍ୱର, ୧୩/୭ (ନି.ପ୍ର): 'ସହାୟକ' ବାଲେଶ୍ୱର ତରଫରୁ ହଳଦୀପଦାସ୍ଥିତ ସନ୍ଥତୀର୍ଥ ସେବାଶ୍ରମ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମକୁ 'ସହାୟକ'ର ପୂର୍ବତନ ସଭାପତି ଓ ବର୍ତ୍ତମାନର ଉପଦେଷ୍ଟା ଦିବାକର ମହାପାତ୍ର ଓ ବର୍ତ୍ତମାନର ସଭାପତି ଡ. କ୍ଷିତୀଶ୍ୱର ଦାଶଙ୍କ ନେତୃତ୍ୱରେ ୧୫ ଜଣ ସଦସ୍ୟ ସଦସ୍ୟା ହଳଦୀପଦା ଅଭିମୁଖେ ଚାରାଗଛ ସହ ଯାତ୍ରା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଶ୍ରମର ସନ୍ଥ ଚିତ୍ତ ବାବା ଓ ତତ୍ତ୍ୱାବଧାରକ ଗୋବିନ୍ଦ ବଲ୍ଲଭ ଦଳାଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ 'ସହାୟକ'ର ସଦସ୍ୟ ସଦସ୍ୟାମାନେ ବିଭିନ୍ନ ପ୍ରକାର ଫଳଚାରା ଓ ଔଷଧୀୟ ବୃକ୍ଷମାନ ସେବାଶ୍ରମରେ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଂ. ସୁରେନ୍ଦ୍ରପ୍ରସାଦ ନାୟକ, ଶରତ ଚନ୍ଦ୍ର ବିଶ୍ୱାଳ, ଡ. ତାରାକାନ୍ତ ନନ୍ଦ, ପ୍ରଫୁଲ୍ଲ କୁମାର ଦାସ, ଅକ୍ଷୟ କୁମାର ତ୍ରିପାଠୀ, ଇଂ. କେଶବ ଚରଣ ମହାନ୍ତି, ରବି ନାରାୟଣ ଭୋଳ, ଅକ୍ଷୟ କୁମାର କର, ଗଙ୍ଗାଧର ପୃଷ୍ଟି, କାମିନୀକାନ୍ତ ପାଢ଼ୀ, ଅମିତା ଦାଶ, ରବୀନ୍ଦ୍ରନାଥ ଗିରି, ସାବିତ୍ରୀ ଦାସ, ଦିଲ୍ଲୀପ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। ଶେଷରେ ସନ୍ଥ ଚିତ୍ତ ବାବା ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କୁ ଭୂୟସୀ ପ୍ରଶଂସା ସହ କୃତଜ୍ଞତା ଜ୍ଞାପନ କରିଥିଲେ।

# ଭୁବନେଶ୍ୱରରେ ରଥଯାତ୍ରା ପାଇଁ ଟ୍ରାଫିକ୍ କଟକଣା ଜାରି

ଭୁବନେଶ୍ୱର, ୧୩/୭ (ନି.ପ୍ର): ଇସ୍କନ ରଥଯାତ୍ରା ପାଇଁ କମିଶନରେଟ୍ ପୋଲିସ୍ ପକ୍ଷରୁ ଭୁବନେଶ୍ୱରରେ ଟ୍ରାଫିକ୍ କଟକଣା ଜାରି କରାଯାଇଛି। ୧୬ ତାରିଖ ଅର୍ଥାତ୍ ରଥଯାତ୍ରା ଦିନ ଅପରାହ୍ଣ ୩ଟାରୁ ଯାତ୍ରା ଶେଷ ପର୍ଯ୍ୟନ୍ତ କଟକଣା ଲାଗୁ ହେବ। ଖୋର୍ଦ୍ଧା ପଟୁ ଆସୁଥିବା ଭାରୀଯାନ ସିଆରପି ଛକ ଆଡ଼କୁ ଆସିପାରିବନି। ଡିଏଭି ସ୍କୁଲ୍ ୟୁନିଟ୍ ୮ ଠାରୁ ସିଆରପି ଛକ ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବନ୍ଦ ରହିବ। ସେହିପରି ସିଆରପି ଛକଠାରୁ ଇସ୍କନ୍ ମନ୍ଦିର ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ମଧ୍ୟ ବନ୍ଦ ହେବ। ରଥଯାତ୍ରା ଭଳି ବାହୁଡ଼ା ଯାତ୍ରାରେ ମଧ୍ୟ ସମାନ ସ୍ଥାନରେ କଟକଣା ଲାଗୁ କରାଯାଇଛି।

ବୁଧବାର, ଜୁଲାଇ ୧୪, ୨୦୨୬


ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଏସଏମସି ଗଠନ ନିର୍ଦ୍ଦେଶାବଳୀରେ ଦ୍ୱନ୍ଦ୍ୱ: ସ୍ପଷ୍ଟୀକରଣରେ ଡୁଷ୍ଟିକରଣ

ବୈଶିଙ୍ଗା , ୧୩/୭ (ନି.ପ୍ର): ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ନୂତନ ସ୍କୁଲ ମ୍ୟାନେଜମେଣ୍ଟ କମିଟି ଗଠନ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକା ପତ୍ରାଙ୍କ.୭୦୬୩ / ୨୬.୬.୨୬ ରେ ଥିବା କେତେକ ବ୍ୟବସ୍ଥାକୁ ନେଇ ପ୍ରଧାନଶିକ୍ଷକ ଓ କ୍ଷେତ୍ରସ୍ତରୀୟ ଅଧିକାରୀ ଓ ବୁଦ୍ଧିଜୀବୀ ଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ନିର୍ଦ୍ଦେଶାବଳୀର ଧାରା–୧-୧-୪ ରେ ଅଭିଭାବକ ପ୍ରତିନିଧିଙ୍କ ଦ୍ୱାରା ସ୍ଥାନୀୟ ଶିକ୍ଷାବିତ, ବିଶେଷଜ୍ଞ, ପୂର୍ବତନ ଛାତ୍ରଛାତ୍ରୀ କିମ୍ବା ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ଇଘଗ ଭଳି ସମ୍ମୁଖଧାଡ଼ିର କର୍ମୀମାନଙ୍କ ମଧ୍ୟରୁ ସଦସ୍ୟ ଚୟନ କରାଯାଇପାରିବ ବୋଲି ଉଲ୍ଲେଖ ରହିଛି । କିନ୍ତୁ ଧାର ୧ ରେ ୧୦୦ରୁ କମ୍ ଛାତ୍ରଛାତ୍ରୀ ଏବଂ ଧାରା ୨ ରେ ୧୦୦ ରୁ ବେଶୀ ମାତ୍ର ୫୦୦ ରୁ କମ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟ ପାଇଁ ଅଙ୍ଗନୱାଡ଼ି କର୍ମୀଙ୍କୁ ଋଙ୍ଗ-ଡଲଲସମସକ୍କୁ ସଦସ୍ୟ ଭାବେ ନିର୍ଦ୍ଦିଷ୍ଟ କରାଯାଇଛି । ଏହାଫଳରେ ସ୍ଥାନୀୟ ଶିକ୍ଷାବିତଙ୍କୁ ସଦସ୍ୟ ଭାବେ ନିଆଯାଇପାରିବ କି ନାହିଁ, ସେନେଇ ସନ୍ଦେହ ସୃଷ୍ଟି ହୋଇଛି । ପ୍ରଧାନଶିକ୍ଷକମାନଙ୍କ ମତରେ, ଏହି ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଓଡ଼ିଶା ସରକାରଙ୍କ ତୁରନ୍ତ ଏକ ସ୍ପଷ୍ଟୀକରଣ ଜାରି କରିବା ଆବଶ୍ୟକ । ଏହା ଦ୍ୱାରା ସମଗ୍ର ରାଜ୍ୟରେ ଏକ ସମାନ ପ୍ରକ୍ରିୟାରେ ଝଗଡ ଗଠନ ସମ୍ଭବ ହେବ ଏବଂ ଭବିଷ୍ୟତରେ ଅନାବଶ୍ୟକ ପ୍ରଶାସନିକ ଜଟିଳତାକୁ ଏଡ଼ାଯାଇପାରିବ । ଏହି ପ୍ରସଙ୍ଗରେ ଓଡ଼ିଶା ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶୀଘ୍ର ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିବେ ବୋଲି ଶିକ୍ଷକ ମହଲରେ ଆଶା ପ୍ରକାଶ ପାଇଛି । ଏହି ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଦାବି ହେଉଛି ।

# ସାଂସଦଙ୍କ ପ୍ରଚେଷ୍ଟାରେ ପ୍ରଥମ ଥର ପାଇଁ ବାଲେଶ୍ୱରରେ ଖୋଲା ହେବ ପ୍ରଧାନମନ୍ତ୍ରୀ ଆଦ୍ୟାଶା କେନ୍ଦ୍ର



ବାଲେଶ୍ୱର, ୧୩/୭ (ନି.ପ୍ର): ଦୀର୍ଘ ଦିନର ଅପେକ୍ଷା ର ଅନ୍ତ ଘଟିଛି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଜଣାଇଛନ୍ତି ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଦ୍ୱାରା ଅନୁମୋଦିତ ପ୍ରଧାନମନ୍ତ୍ରୀ ଦିବ୍ୟାଶା କେନ୍ଦ୍ରର ଲୋକାର୍ପଣ ଆସନ୍ତା ୧୫ ଜୁଲାଇ ୨୦୨୬, (ବୁଧବାର) ସକାଳ ୧୦:୩୦ ରେ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଅନୁଷ୍ଠିତ ହେବ । ଏହା ବାଲେଶ୍ୱର ଜିଲ୍ଲା ପାଇଁ ଏକ ଐତିହାସିକ ଉପଲବ୍ଧି । ଦୀର୍ଘ ତିନି ବର୍ଷ ଧରି ତାଙ୍କର ନିରନ୍ତର ପ୍ରୟାସ, କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ, ସମ୍ପୃକ୍ତ ମନ୍ତ୍ରୀମାନଙ୍କ ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିକଟରେ ବାରମ୍ବାର ଉପସ୍ଥାପନା କରିବା ପରେ ଏହି କେନ୍ଦ୍ର ଅନୁମୋଦିତ ହୋଇଥିଲା । ଆଜି ସେହି ପ୍ରୟାସ ସଫଳ ହୋଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଏହି କେନ୍ଦ୍ର ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ ଦ୍ୱାରା ପରିଚାଳିତ ହେବ । ଏଠାରେ ଦିବ୍ୟାଙ୍ଗ ମାନଙ୍କୁ ସମ୍ପୂର୍ଣ୍ଣ ନିଶୁଳ୍କରେ ବିଭିନ୍ନ ସହାୟକ ଉପକରଣ ଓ କୃତ୍ରିମ ଅଙ୍ଗ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି ସାଂସଦ ଏହି କେନ୍ଦ୍ରରୁ ହ୍ୱିଲ୍‌ଚେୟାର, ଟ୍ରାଇସାଇକେଲ, ଆସାବାଡ଼ି, ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗତା ଥିବା ବ୍ୟକ୍ତିଙ୍କ ପାଇଁ ମୋଟରଚାଳିତ ଟ୍ରାଇସାଇକେଲ, ସ୍ମାର୍ଟ କେନ୍, ସ୍ମାର୍ଟଫୋନ୍, ବ୍ରେଲ୍ ସ୍ଲେଟ୍, ବ୍ରେଲ୍ କିଟ୍, ଡିଜିଟାଲ୍ ଶ୍ରବଣ ଯନ୍ତ୍ର, କମୋଡ୍ ଚେୟାର ସହିତ ଅନେକ ପ୍ରକାରର ସହାୟକ ଉପକରଣ ନିଶୁଳ୍କରେ ଯୋଗାଇ ଦିଆଯିବ ଓ ଯେଉଁ ଦିବ୍ୟାଙ୍ଗ ଯୁବକ ଯୁବତିଙ୍କ ହାତ କିମ୍ବା ଗୋଡ଼ କୌଣସି କାରଣରୁ କଟିଯାଇଛି, ସେମାନଙ୍କୁ ମଧ ଏଠାରେ ମାପ ନେଇ ଉନ୍ନତମାନର କୃତ୍ରିମ ଅଙ୍ଗ ପ୍ରସ୍ତୁତ କରି ସମ୍ପୂର୍ଣ୍ଣ ନିଶୁଳ୍କରେ ପ୍ରଦାନ କରାଯିବ । ଏହି କେନ୍ଦ୍ର କେବଳ ବାଲେଶ୍ୱର ଜିଲ୍ଲା ନୁହେଁ, ବରଂ ଭଦ୍ରକ, ମୟୂରଭଞ୍ଜ ଓ ପାର୍ଶ୍ୱବର୍ତ୍ତୀ ଜିଲ୍ଲାର ହଜାର ହଜାର ଦିବ୍ୟାଙ୍ଗଜନଙ୍କ ପାଇଁ ବହୁତ ବଡ଼ ସହାୟକ କେନ୍ଦ୍ର ହୋଇପାରିବ । ତତ୍‌ସହ ଆସନ୍ତା ୧୫ ଜୁଲାଇ ସକାଳ ୧୦:୩୦ ମିନିଟ୍‌ରେ ବନ୍ଧୁ ପରିଜନ ଙ୍କ ସହ ଫକୀରମୋହନ ମେଡିକାଲ କଲେଜ ପରିସରରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ଯୋଗଦେଇ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହେବା ପାଇଁ ଅନୁରୋଧ କରିଛନ୍ତି ସାଂସଦ ଶ୍ରୀଯୁକ୍ତ ଷଡଙ୍ଗୀ ।

# ଡ୍ରେନ ପୋତି ରାସ୍ତା ନିର୍ମାଣକୁ ବିରୋଧ

ରୂପସା, ୧୩/୭ ବସ୍ତା ବ୍ଲକ ଅନ୍ତର୍ଗତ ଗଡପଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହବିଗଞ୍ଜଠାରୁ କେନ୍ଦୁଡାଙ୍ଗରି ପର୍ଯ୍ୟନ୍ତ ଚାଲିଛି ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ରାସ୍ତା ନିର୍ମାଣ । ଏହି ରାସ୍ତା ନିର୍ମାଣ ସମୟରେ ବିନା ମାପରେ ରାସ୍ତା କାମ ଚାଲିଥିବା ଅଭିଯୋଗ ହୋଇଛି । ଏଥି ସହିତ ବର୍ଷା ଦିନେ ଜଳ ନିଷ୍କାସନ ପାଇଁ ଥିବା ଡ୍ରେନକୁ ଠିକାଦାର ଜବରଦସ୍ତ ପୋତି ଦେଉଥିବା ଅଭିଯୋଗ ଆଣିଛନ୍ତି ହବିଗଞ୍ଜ ଗ୍ରାମର ଦେବାଶିଷ ବେହେରା । ତାଙ୍କ ଅଭିଯୋଗମୁତାବକ ଯେଭଳି ଭାବେ ଠିକାଦାର ଜବରଦସ୍ତ ଡ୍ରେନ ପୋତି ରାସ୍ତା ନିର୍ମାଣ କରୁଛନ୍ତି ବର୍ଷାଦିନେ ଜଳ ନିଷ୍କାସନ ହୋଇନପାରି କୃତ୍ରିମ ବନ୍ୟାର ଅବସ୍ଥା ସୃଷ୍ଟି ହେବ । ଏଥି ସହିତ ଲୋକମାନଙ୍କର ବାଡ ମଧ ଜେସିବି ମେସିନ ଯୋଗେ ଭାଙ୍ଗି ଦିଆଯାଉଥିବା ସେ ଅଭିଯୋଗ ଆଣିଛନ୍ତି । ଅପରପକ୍ଷେ ରାସ୍ତା ପାଇଁ ଥିବା ସରକାରୀ ଜାଗା ଜବରଦଖଲ କରି ଗୃହ ନିର୍ମାଣ କରିଥିବା ଲୋକଙ୍କୁ ଜବରଦଖଲ ମୁକ୍ତ କରାନଯାଇ ଅହେତୁକ ଅନୁକମ୍ପା ଦେଖାଯାଉଛି । ଏନେଇ ସେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ପୂର୍ବରୁ ଲିଖିତ ଅଭିଯୋଗ କରିଥିବାବେଳେ ଆଜି ପୁଣି ଥରେ ଡ୍ରେନ ପୋତି ରାସ୍ତାକାମ ଆରମ୍ଭ ହୋଇଥିବା ଦେଖାଯାଇଛି । ଖୁବ ଶୀଘ୍ର ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦିଆଯାଇଛି ।

# ଅସୁରକ୍ଷିତ ବନ୍ୟଜୀବ: ଜନବସତି ମୁହାଁ ଜଙ୍ଗଲି ଭାଲୁ ଓ ମଣିଷ ଲଢେଇ ଭାଇରାଲ



ନୀଳଗିରି , ୧୩/୭ (ନି.ପ୍ର): ସକାଳୁ ସକାଳୁ ଏକ ଭାଲୁ ଜନବସତିରେ ପଶିଆସିଥିବା ବେଳେ ସ୍ଥାନୀୟବାସିନ୍ଦା ଏବଂ ଭାଲୁମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣର ଦୃଶ୍ୟ ସୋସିଆଲ ମିଡିଆରେ ଘୁରିବୁଲୁଥିବା ଦେଖିବାକୁ ମିଳିଛି । ସୂଚନା ମୁତାବକ ଔପଦା ବ୍ଲକ୍ କାଣ୍ଡଗରଡି ପଞ୍ଚାୟତ ବଉଳଗାଡିଆ ନିକଟସ୍ଥ ଶାଳପଡଡା ଗ୍ରାମରେ ସୋମବାର ସକାଳ ପ୍ରାୟ ୬ଟା ସମୟରେ ଏକ ଭାଲୁ ପଶିଆସିଥିବା ବେଳେ ପଥହୁଡ଼ି ଜଙ୍ଗଲକୁ ଫେରିନପାରି ଲୋକଙ୍କ ହାବୁଡ଼ରେ ପଡ଼ିଯାଇଥିଲା । ସ୍ଥାନୀୟ ଯୁବକମାନେ ଭାଲୁକୁ ଠେଙ୍ଗାବାଡି ସାହାଯ୍ୟରେ ମାରିବାକୁ ଉଦ୍ୟମ ହେଉଥିଲା ବେଳେ ଭାଲୁ ମଧ ଲୋକଙ୍କୁ ପାଲଟା ଆକ୍ରମଣ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ତେବେ ଏଥିରେ କାହାର କୌଣସି କ୍ଷତିହୋଇନଥିବା ଶୁଣିବାକୁ ମିଳିଥିଲା ବେଳେ ଉକ୍ତ ଅଂଚଳରେ ଅବୈଧଭାବେ ଚୋରାପଥର ଚାଲାଣ ସହିତ ବ୍ଲାଷ୍ଟିଂ ହେଉଥିବା ବେଳେ ବନ୍ୟଜନ୍ତୁ ଜୀବନ ବିକଳରେ ଜନବସତି ମୁହାଁ ହେଉଥିବାର ଏହା ତାହାର ପ୍ରତିଫଳନ ବୋଲି ଆଲୋଚନା ଚାଲିଛି ।

# ପଦାପୁରୁଣିଆଠାରେ ଇନ୍ଦ୍ରାଭିଷେକ ମହାଯଜ୍ଞ ସୋମବାର ସମାପିତ



ବୈଶିଙ୍ଗା , ୧୩/୭ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ରଘୁପୁର ପଞ୍ଚାୟତର ପଦା ପୁରୁଣିଆ ଠାରେ ବହୁ ପୁରାତନ ଇନ୍ଦ୍ରାଭିଷେକ ମହାଯଜ୍ଞ ପ୍ରତିବର୍ଷ ଭଳି ଚଳିତ ବର୍ଷ ଜୁଲାଇ ୧୧ ତାରିଖ ରୁ ଆରମ୍ଭ ହୋଇ ୧୩ ତାରିଖ ସୋମବାର ଦିନ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିବାର ଜଣାଯାଇଛି । ୧୧ ତାରିଖ ଶନିବାର ଦିନ ଚାରି ବେଦର ବ୍ରାହ୍ମଣ ମାନଙ୍କୁ ଯଜ୍ଞ କର୍ତ୍ତା ସଞ୍ଜୟ କୁମାର ମିଶ୍ର ବରଣ କରିଥିଲେ । ବ୍ରାହ୍ମଣ ମାନଙ୍କ ଦ୍ୱାରା ଯଜ୍ଞକୁଣ୍ଡ ସ୍ଥାପନ, ଅଙ୍କୁରାରୋପଣ, ଅଧିବାସ, ଘଟୋତ୍ତଳନ ପରେ ଅଧିଷ୍ଠାତା ଦେବ ଠାକୁର ଶ୍ରୀ ଶ୍ରୀ ରଘୁନାଥ ଜୀଉ ଙ୍କୁ ଆବାହନ କରି ଯଜ୍ଞସ୍ଥଳକୁ ଅଣାଯାଇଥିଲା । ଦ୍ୱିତୀୟ ଦିବସରେ ପୂଜାର୍ଚ୍ଚନା ସହିତ ଘୃତ ଯଜ୍ଞରେ ଚରୁ , ତିଳ, ସମିଧ ଆଦିରେ ସହସ୍ର ଆହୁତି ଦିଆଯାଇଥିଲା । ଶେଷ ଦିବସରେ ଘୃତ ନାରିକେଳ ସହିତ ପୂର୍ଣ୍ଣାହୁତି ଦିଆ ଯାଇଥିଲା । ଆଚାର୍ଯ୍ୟ ଭାବେ ହିମାଂଶୁ ଶେଖର ନନ୍ଦ ବ୍ରହ୍ମଚାରୀ, ପୁସ୍ତକା ଚାର୍ଯ୍ୟ ଭାବେ ଅଶ୍ୱନୀ କୁମାର ଦାଶ, ତିଳ ପ୍ରଦାନରେ ନିହାର ରଞ୍ଜନ ଷଡଙ୍ଗୀ ଏବଂ ଚରୁ ପ୍ରଦାନରେ ବିମେଳେନ୍ଦୁ ମହାପାତ୍ର ଙ୍କ ସମେତ ଜଳ ଜପ ପାଇଁ ଜଗବନ୍ଧୁ ଆଚାର୍ଯ୍ୟ ଏବଂ ପର୍ଶୁରାମ ଆଚାର୍ଯ୍ୟ ପ୍ରମୂଖ ପୂଜା ହୋମ କାର୍ଯ୍ୟ ରେ ସହଯୋଗ କରିଥିଲେ ।

# ସାମାଜିକ ସୁରକ୍ଷାରୁ ବଂଚିତ ୭୨ ବର୍ଷ ବୟସ୍କ 'ରେଙ୍ଗା ସିଂ'

ଉଦଳା , ୧୩/୭ (ନି.ପ୍ର): କପ୍ତିପଦା ବ୍ଲକର ଦେବଳା ପଂଚାୟତ ଅନ୍ତର୍ଗତ ମହୁଲବାଡ଼ି ଗ୍ରାମରେ ବସବାସ କରୁଥିବା ସ୍ୱର୍ଗତଃ ବିକ୍ରମ ସିଂଙ୍କର ୭୨ବର୍ଷ ବୟସର ପୁତ୍ର ରେଙ୍ଗା ସିଂ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ରେଙ୍ଗା ସିଂ ବୟସ ଅଧିକ ହୋଇ ଯାଇଥିବାରୁ ଆଗଭଳି କାମ କରିପାରୁ ନାହାଁନ୍ତି । ଫଳରେ ସେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା କହିଛନ୍ତି । ଭତା ପାଇବା ପାଇଁ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଉଥିଲେ ମଧ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି । ତାଛଡ଼ା ଆଦିବାସୀ ଭାଇ ଭଉଣୀ ମାନଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । ରେଙ୍ଗା ସିଂ ଜଣେ ଆଦିବାସୀ ଲୋକ ହୋଇଥିବା ବେଳେ ତାଙ୍କୁ ଉକ୍ତ ପ୍ରକଳ୍ପ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ଅସ୍ତଳରେ ଶ୍ରୀ ଶ୍ରୀ ଯୋଗେଶ୍ୱର ମହାଦେବଙ୍କ ନୂତନ ଶିବ ମନ୍ଦିର ବିଗ୍ରହ ପ୍ରତିଷ୍ଠା ଉତ୍ସବ ଚାରିଦିନ ବ୍ୟାପୀ ପାଳିତ



ଭଦ୍ରକ, ୧୩/୭ (ନି.ପ୍ର): ଭଦ୍ରକ ସହର ନରିପୁର (ଅସ୍ତଳ) ଗ୍ରାମର କ୍ଷମାସାଗର ମଠ ପରିସରରେ ଦେବ ଦେବ ମହାଦେବଙ୍କ ନୂତନ ନାମରେ ଶ୍ରୀ ଶ୍ରୀ ଯୋଗେଶ୍ୱର ମହାଦେବଙ୍କ ଶିବ ମନ୍ଦିର, ଶିବ ଲିଙ୍ଗ ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଚାରିଦିନ ବ୍ୟାପୀ ଧାର୍ମିକ ନୀତିକାନ୍ତି ସହ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ଅଧିବାସ, ଅଙ୍କୁରାରୋପଣ, ମହିଳା କଳସ ଶୋଭାଯାତ୍ରା, ବିଗ୍ରହ ପରିଭ୍ରମଣ, ଯଜ୍ଞ, ଶିଖର ସ୍ନାନ, ଦେବତା ଓ ମନ୍ଦିର ପ୍ରତିଷ୍ଠା, ପୀଠରେ ବିଗ୍ରହ ସ୍ଥାପନ, ପୂର୍ଣ୍ଣାହୂତି ସହ ମହାରୁଦ୍ରାଭିଷେକ ଅନୁଷ୍ଠିତ ହୋଇଯାଇଛି । ସୂଚନାଯୋଗ୍ୟ, ଯୁବ ସମାଜସେବୀ ଚନ୍ଦନ ଶାହା ନାମକ ଜୈନକ ବ୍ୟକ୍ତି ଆଗ୍ରହ କରିବାରୁ ମୟୂରଭଞ୍ଜ ଜିଲ୍ଲାର ଖିଚିଙ୍ଗରୁ ମହାଦେବଙ୍କ ଲିଙ୍ଗ, ବୃଷଭ, ନନ୍ଦୀ ଭୃଙ୍ଗୀ, ମାତା ପାର୍ବତୀ, ଶ୍ରୀ ଗଣେଶ, କାର୍ତ୍ତିକ, ନବଗ୍ରହ, ମହାପ୍ରଭୁଙ୍କ ନାଗ କାରିଗରୀ ମୂର୍ତ୍ତି ଅଣାଯାଇ ପ୍ରତିଷ୍ଠା କରାଯାଇଥିଲା । ପୂଜା ପାଠରେ ପଣ୍ଡିତ ଚନ୍ଦ୍ରଶେଖର ଉପାଧ୍ୟାୟ (କାଳିଆ ନନା), ପଣ୍ଡିତ ଚିନ୍ମୟ ଉଦ୍ଗାତା, ପଣ୍ଡିତ ଅଭିମନ୍ୟୁ ଶନି ବିଗ୍ରହ, ପଣ୍ଡିତ ଜୟଦେବ ନନ୍ଦ, ପଣ୍ଡିତ ସତ୍ୟଶିବ ପାଣିଗ୍ରାହୀ, ପଣ୍ଡିତ ପ୍ରକାଶ ସେନାପତି ଓ ପଣ୍ଡିତ ଶୁଭଦାକାନ୍ତ ପଣ୍ଡା ପ୍ରମୁଖ ଚାରିଦିନ ବ୍ୟାପୀ ପୂଜା ପାଠ କରିଥିଲେ । ଗ୍ରାମର କାଉନ୍ସିଲର ଗୀତାଞ୍ଜଳି ଦାସ, ପୂର୍ବତନ କାଉନସିଲର ଗଜେନ୍ଦ୍ର ପଣ୍ଡା, ସମାଜସେବୀ ସୂର୍ଯ୍ୟ କୁମାର ଦାସ, ପ୍ରଦୀପ ସାହୁ, ଅନନ୍ତ ଚରଣ ପଣ୍ଡା, ନୃସିଂହ ପଣ୍ଡାଙ୍କ ସମେତ ସମସ୍ତ ଗ୍ରାମବାସୀ, ଆଇନଜୀବୀ, ସାମ୍ବାଦିକ, ଡାକ୍ତର ଓ ବହୁ ଶୁଭେଚ୍ଛୁ ସହଯୋଗ କରିଥିଲେ । ଚାରିଦିନ ବ୍ୟାପୀ ପୂଜା କାର୍ଯ୍ୟକ୍ରମରେ ଶହ ଶହ ଶ୍ରଦ୍ଧାଳୁ ଯୋଗ ଦେଇ ଭକ୍ତି ନୈବେଦ୍ୟ ଅର୍ପଣ କରିଥିବାବେଳେ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲିଆପାଳ, ୧୩/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାଲିଆପାଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବାଲିଆପାଳ ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୩୫ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୧୨୯ ଗୋଟି ବ୍ୟକ୍ତିଗତ ଓ ୪ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୨ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୭ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ଦିଲ୍ଲିପ କୁମାର ଜେନା, ବିଡିଓ, ବାଲିଆପାଳ ଶ୍ରୀଯୁକ୍ତ ରାଧା ରଞ୍ଜନ ଦାସ, ତହସିଲଦାର, ବାଲିଆପାଳ ଶ୍ରୀମତୀ ସସ୍ମିତା ମୁର୍ମୁଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।





## କାଠମାଣ୍ଡୁ ସମେତ ନେପାଳର ୩୫ଟି ଜିଲ୍ଲାରେ ବନ୍ୟା ଆଶଙ୍କା

ନୂଆଦିଲ୍ଲୀ,୧୩/୭ : କ୍ରମାଗତ ବର୍ଷା ମଧ୍ୟରେ ନେପାଳର ରାଜଧାନୀ କାଠମାଣ୍ଡୁ ଏବଂ ନିକଟବର୍ତ୍ତୀ ନଦୀ ଏବଂ ଝରଣା ସମେତ ପ୍ରାୟ ୩୫ ଟି ଜିଲ୍ଲା ପ୍ଲାବିତ ହେବାର ଆଶଙ୍କା ରହିଛି । ବନ୍ୟା ପୂର୍ବାନୁମାନ ବିଭାଗ ବିପଦପୂର୍ଣ୍ଣ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସତର୍କ ରହିବାକୁ ଏବଂ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ନିବେଦନ କରିଛି । ବିଭାଗ ଅନୁଯାୟୀ, କାଠମାଣ୍ଡୁ, ଭକ୍ତପୁର, ଲଳିତପୁର, କାଭରେ ଏବଂ ଆଖପାଖ ଜିଲ୍ଲାଗୁଡ଼ିକ ସୋମବାର ଦିନ ବନ୍ୟା ବିପଦରେ ଅଛନ୍ତି ।

# ଜିଲ୍ଲାପାଳଙ୍କ ଓ ଆରକ୍ଷୀ ଅଧିକ୍ଷକଙ୍କ ଟାଙ୍ଗୀ ବ୍ଲକ ପରିସରରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ

ଖୋର୍ଦ୍ଧା, ୧୩/୭ (ନି.ପ୍ର): ଟାଙ୍ଗୀ ବ୍ଲକ୍ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାର ସ୍ମିଥ ପାରୁଶୋଉମ୍ ଦାସ ଙ୍କ ଟାଙ୍ଗୀ ବ୍ଲକ୍ ସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଏବଂ ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ପ୍ରମୁଖ ଆଜିର ଏହି ପ୍ରଶାସନିକ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୬୮ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୫୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୧ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା । ଜିଲ୍ଲାପାଳ ଅଭିଯୋଗ ଶିବିରରେ ୦୬ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । କର୍କଟ ରୋଗାକ୍ରାନ୍ତ ଉର୍ମିଳା ଶ୍ରୀଚନ୍ଦନ ଗ୍ରାମ ଓରଡ , ଗ୍ରାମ ପଞ୍ଚାୟତ: ପାଣି ଓରଡ, ବ୍ଲକ୍: ଟାଙ୍ଗୀ ଙ୍କୁ କର୍କଟ ଚିକିତ୍ସା ନିମନ୍ତେ ୧୦ ହଜାର ଆର୍ଥିକ ସହାୟତା ଜିଲ୍ଲା ରେଡକ୍ରସ ପାଣ୍ଠିରୁ, ମୀନା କାଡମ ସିଂହ, ବଡପୁର, ଟାଙ୍ଗୀ ଙ୍କୁ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ୧୫ ହଜାର ଏବଂ ମାଣିକ ବେହେରା ଓ ଅନ୍ୟ ତିନିଜଣ,ଗ୍ରାମ: ଭୂଷଣ୍ଡ ପୁର, ଟାଙ୍ଗୀ ଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୬୦ ହଜାର ଆର୍ଥିକ ସହାୟତା ରାଶି ନେଇ ମୋଟ ୮୫ ହଜାର ଆର୍ଥିକ ସହାୟତା ରାଶି ଜିଲ୍ଲାପାଳ ପ୍ରଦାନ କରିଥିଲେ । ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ,ସି ଏସ ଓ, ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ମୋହନ ଦାଶ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, କୁସୁମ କୁମାରୀ ପ୍ରହରାଜ,ବି ଡି ଓ, ଟାଙ୍ଗୀ ରୁମାନା ଜାଫ୍ରୀ, ତହସିଲଦାର ଟାଙ୍ଗୀ, ଅଗ୍ରଣୀ ବ୍ୟାଙ୍କ୍ ପରିଚାଳକ, ଖୋର୍ଦ୍ଧାଙ୍କ ସମେତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ସଦସ୍ୟା/ସଦସ୍ୟ, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ,ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida